


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

e-paper www.sambadkalika.in

# ସମ୍ବାଦ କଳିକା TM

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

E-mail : sambadkalikanews@gmail.com

• ବର୍ଷ–୩୩ • ସଂଖ୍ୟା–୧୧୭ • ୨୮ ମଇ ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-117 • 28th May 2026, Thursday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ରାସନ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ, ଲାଭାନ୍ୱିତ ହେବେ ଦେଶର ୮୦ କୋଟି ଖାଉଟି

# ୫ ବର୍ଷରେ ସାର୍ଥକ ପିଡିଏସ୍ ପାଇଁ ଖର୍ଚ୍ଚ ହେବ ୨୫,୫୩୦ କୋଟି

**ନୂଆଦିଲ୍ଲୀ, ୨୭।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥି ପାଇଁ 'ସାର୍ଥକ-ପିଡିଏସ୍' ଯୋଜନା ଆରମ୍ଭ କରାଯାଇଛି। ଏହି ସମ୍ପୂର୍ଣ୍ଣ ଯୋଜନାରେ ପ୍ରାୟ ୨୫୫୩୦ କୋଟି ଖର୍ଚ୍ଚ ହେବ।



କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) 'ରାସନ ପରିବହନ ଏବଂ ପରିଚାଳନା ପାଇଁ ସହାୟତା-ସାଧାରଣ ବଣ୍ଟନରେ ସ୍ୱୟଂକ୍ରିୟ ଆୟ' (ସାର୍ଥକ-ପିଡିଏସ୍) ଯୋଜନାକୁ ଏକ ବ୍ୟାପକ ଯୋଜନା ଭାବେ ଜାରି ରଖିବା ଲାଗି ମଞ୍ଜୁରୀ ପ୍ରଦାନ କରିଛନ୍ତି। ଷୋଡ଼ଶ ଅର୍ଥ ଆୟୋଗଙ୍କ ଆବଣ୍ଟନ ଅବଧିରେ କେନ୍ଦ୍ର ସରକାରଙ୍କ ତରଫରୁ ୨୫,୫୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ଦ୍ୱାରା ଆନ୍ତଃରାଜ୍ୟ ପରିବହନ ଓ ଖାଦ୍ୟ ଶସ୍ୟ ପରିଚାଳନା ଏବଂ ଏଫପିଏସ ଡିଲରମାନଙ୍କ ମାର୍ଜିନ୍ ଉପରେ ହେଉଥିବା ଖର୍ଚ୍ଚକୁ ପୂରଣ କରିବା ତଥା କେନ୍ଦ୍ରୀୟ ସହାୟତାର ବର୍ତ୍ତମାନର ପାଣ୍ଠି ଢାଞ୍ଚାକୁ ଜାରି ରଖିବା ଲାଗି ସିସିଇଏ ମଧ୍ୟ କେନ୍ଦ୍ରୀୟ ସହାୟତାର ମାନଦଣ୍ଡକୁ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛି।

ଏହି ଯୋଜନାର ପରିକଳ୍ପନା ଏକ ବ୍ୟାପକ ଯୋଜନା ରୂପରେ କରାଯାଇଛି ଯାହା ନିମ୍ନ ଲିଖିତ ଦୁଇଟି ବର୍ତ୍ତମାନର ଯୋଜନାକୁ ଏକୀକୃତ କରିଥାଏ। ଏହି ଯୋଜନା ଦୁଇଟି ହେଲା - (୧) ଏନଏଫଏସଏ ଅଧୀନରେ ରାଜ୍ୟ ଏଜେନ୍ସିଗୁଡ଼ିକୁ ଖାଦ୍ୟଶସ୍ୟର ଆନ୍ତଃରାଜ୍ୟ ପରିବହନ ଏବଂ ଏଫପିଏସ ଡିଲରମାନଙ୍କୁ ମାର୍ଜିନ ପାଇଁ ସହାୟତା ଏବଂ (୨) ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆଧୁନିକୀକରଣ ଏବଂ ସଂସ୍କାର ପାଇଁ ଯୋଜନା (ସ୍ମାର୍ଟ ପିଡିଏସ)। ଏହାଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ୨୦୧୩ (ଏନଏଫଏସଏ) ର କାର୍ଯ୍ୟକାରିତାକୁ ବ୍ୟାପକ ଭାବରେ ସୁଦୃଢ଼ କରାଯାଇପାରିବ।

ସାର୍ଥକ-ପିଡିଏସ୍ ଯୋଜନାର ଲକ୍ଷ୍ୟ ହେଉଛି (କ) ଆନ୍ତଃରାଜ୍ୟ ଗତିବିଧି, ପରିଚାଳନା ଏବଂ ଏଫପିଏସ୍ ଡିଲର ମାର୍ଜିନ୍ ପାଇଁ ନିଶ୍ଚିତ ଆର୍ଥିକ ସହାୟତା ପ୍ରଦାନ କରିବା, ଏବଂ (ଖ) ଏକ ସମନ୍ୱିତ, ନାଗରିକ-କୈନ୍ଦ୍ରିକ, ବୁଦ୍ଧିମତ୍ତାପୂର୍ଣ୍ଣ ଏବଂ ଆନ୍ତଃପରିଚାଳିତ ପିଡିଏସ୍ ଢାଞ୍ଚା ପ୍ରଦାନ କରିବା। ଏହା ଶେଷ ମାଇଲ୍ ବିତରଣକୁ ସୁନିଶ୍ଚିତ କରିବ, ବାଟମାରଣା ହ୍ରାସ କରିବ ଏବଂ ଏନଏଫଏସଏ ଅଧୀନରେ ଖାଦ୍ୟ ସୁରକ୍ଷା ପ୍ରତି ଦେଶର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ। ଏହି ସମନ୍ୱିତ ଯୋଜନା ୩୧ ମାର୍ଚ୍ଚ ୨୦୩୧ ପର୍ଯ୍ୟନ୍ତ ଜାରି ରହିବ।

ସାର୍ଥକ-ପିଡିଏସ୍ ଯୋଜନାର ଲକ୍ଷ୍ୟ ହେଉଛି କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ମେସିନ୍ ଲର୍ଣ୍ଣିଂ (ଏମଏଲ), ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ (ଏନଏଲପି), ଏବଂ ବ୍ଲକଚେନ୍ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପିଡିଏସ କାର୍ଯ୍ୟଗୁଡ଼ିକୁ ଆଧୁନିକୀକରଣ, ସମନ୍ୱିତ ଏବଂ ବୁଦ୍ଧିମତ୍ତାପୂର୍ବକ ଅନୁକୂଳ କରିବା। ଏଥିରେ ତତ୍କ୍ଷଣାତ୍ ନିରୀକ୍ଷଣ ପାଇଁ ମାନକୀକୃତ ଢାଞ୍ଚା ଏବଂ ସମନ୍ୱିତ (ପୃଷ୍ଠା ୭ରେ)

## ଅନୁପ୍ରବେଶକାରୀଙ୍କୁ ନିସ୍ତାର ନାହିଁ

**ଭୁବନେଶ୍ୱର, ୨୭।୫**

**ନ୍ୟୁଜ୍‌ବ୍ୟୁରୋ**

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରାଜ୍ୟରୁ ହଟାଇବା ଉପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କହିଛନ୍ତି ଓଡ଼ିଶାରୁ ବାଂଲାଦେଶୀ ଅନୁପ୍ରବେଶ ହଟାଇବାକୁ ସରକାର ପଦକ୍ଷେପ ନେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଭାଗ କାମ କରୁଛି। ଗତବର୍ଷ କିଛି ଅନୁପ୍ରବେଶ-କାରୀ ଚିହ୍ନଟ କରାଯାଇ ବାହାର କରାଯାଇଛି। ଅନୁପ୍ରବେଶକାରୀଙ୍କୁ ନିସ୍ତାର ନାହିଁ ବୋଲି କହିଛନ୍ତି ଆଇନ ମନ୍ତ୍ରୀ। ଏଠାରେ ସୂଚନା ଯୋଗ୍ୟ ପଶ୍ଚିମବଙ୍ଗରେ ବାସ କରୁଥିବା ବାଂଲାଦେଶୀ ଅନୁପ୍ରବଶ-କାରୀଙ୍କୁ ରାଜ୍ୟରୁ ବାହାର କରିବା ଦିଗରେ କଠୋର ପଦକ୍ଷେପ ଗ୍ରହଣ କରାଯାଇଥିଲା। ଓଡ଼ିଶାରେ ସେଭଳି ପଦକ୍ଷେପ ନେବାକୁ ବିଚାର ଚାଲିଛି।

## ଏଲ୍ ନିନୋ ଆଶଙ୍କାର ମୁକାବିଲା ପାଇଁ ଖରିଫ୍ ରଣନୀତି ପ୍ରସ୍ତୁତ କଲା ଓଡ଼ିଶା

**ଭୁବନେଶ୍ୱର, ୨୭।୫**

**ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଏବଂ ଏଲ୍ ନିନୋର ପ୍ରଭାବ ନେଇ କରାଯାଇଥିବା ଆକଳନକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ଉପ-ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଏକ ଉଚ୍ଚସ୍ତରୀୟ ଭର୍ଚ୍ୟୁଆଲ୍ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଆସନ୍ତା ଖରିଫ୍ ୨୦୨୬ ଋତୁ ପାଇଁ ବ୍ୟାପକ ଭାବେ କୃଷି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଓ ପ୍ରସ୍ତୁତି ରଣନୀତି ଉପରେ ଆଲୋଚନା କରାଯାଇଛି।

ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ପ୍ରଶାସନଗୁଡ଼ିକୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆସନ୍ତା ଋତୁରେ ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମସ୍ତ ବିଭାଗ, ଜିଲ୍ଲା କର୍ତ୍ତୃପକ୍ଷ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ନିଜ ନିଜ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା ରାଜ୍ୟ ବିହନ (ପୃଷ୍ଠା ୭ରେ)

## ଏସଆଇଆର ଏକ ବୈଧ ଏବଂ ସାମ୍ବିଧାନିକ ପ୍ରକ୍ରିୟା

**ନୂଆଦିଲ୍ଲୀ, ୨୭।୫**

ବିହାରରେ ଭୋଟର ତାଲିକାର ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କରିବା ପାଇଁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ସମର୍ଥନ କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ଏହି ରାୟ ପ୍ରଦାନ କରି କହିଛନ୍ତି ଯେ କେବଳ ଭୋଟର ତାଲିକାର ସାଧାରଣ ସଂଶୋଧନ ପ୍ରକ୍ରିୟା ଠାରୁ ଭିନ୍ନ ହୋଇଥିବାରୁ ଏହାକୁ ଅବୈଧ ବୋଲି ଖାରଜ କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟ ପୁନଃନିରୀକ୍ଷଣକୁ ଏକ ବୈଧ ଏବଂ ସାମ୍ବିଧାନିକ ପ୍ରକ୍ରିୟା ଘୋଷଣା କରିଛନ୍ତି।



କୋର୍ଟ କହିଛନ୍ତି ଯେ ଏହି ପ୍ରକ୍ରିୟା ଆଇନଗତ ଭାବରେ ବୈଧ। କୋର୍ଟ କହିଛନ୍ତି ଯେ ନିର୍ବାଚନ କମିଶନ ଦ୍ୱାରା ପରିଚାଳିତ ପୁନଃନିରୀକ୍ଷଣ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ସାମ୍ବିଧାନିକ ଉଦ୍ଦେଶ୍ୟ ଅନୁଯାୟୀ। ଭୋଟର ତାଲିକାରୁ ଅନ୍ତର୍ଭୁକ୍ତ କିମ୍ବା ବାଦ ଦେବା ସୁନିଶ୍ଚିତ କରିବା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଆଜାଦନଗର ବିସ୍ଫୋରଣ ଘଟଣା; ତଦନ୍ତ ପାଇଁ ଏୟାରଫିଲ୍ଡ ଥାନାରେ ପହଞ୍ଚିଲା ଏନଆଇଏ ଟିମ୍।
- ଆସାମ ବିଧାନସଭାରେ ପାରିତ ହେଲା ୟୁନିଫର୍ମ ସିଭିଲ କୋଡ୍ ବିଲ୍।
- ନିଟ୍ ପରୀକ୍ଷା ଲିକ୍ ମାମଲାରେ ଆଉ ଦୁଇ ଜଣ ଗିରଫ, ମୋଟ ଗିରଫ ସଂଖ୍ୟା ୧୩ରେ ପହଞ୍ଚିଲା
- ଗଙ୍ଗା ଏକ୍ସପ୍ରେସୱେରେ ସଡ଼କ ଦୁର୍ଘଟଣାରେ ୩ ମୃତ, ୫ ଆହତ।
- କେନ୍ଦ୍ରାପଡ଼ାରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ମୃତ, ୩ ଗୁରୁତର।
- ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ବିଜ୍ଞାପନ ପ୍ରତ୍ୟାହୃତ।
- ଭାରତ ସଂଘରାଷ୍ଟ୍ର ସଂଘରେ ପାକିସ୍ତାନକୁ ଆତଙ୍କବାଦ ପ୍ରୋତ୍ସାହନ ନେଇ କଡ଼ା ସନ୍ଦେଶ ଦେଲା।
- ଗୁଜରାଟର ମୁନ୍ଦ୍ରା ବନ୍ଦର ନିକଟରେ ୧୧୫ କିଲୋ ନିଷିଦ୍ଧ ମାଦକଦ୍ରବ୍ୟ ଜବତ ହେଲା।

## ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କୁ ଭେଟିଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୫**

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ ବୁଧବାର ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ବୈଠକରେ ରାଜ୍ୟ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

ତାମିଲନାଡୁ ବିଧାନସଭା ନିର୍ବାଚନ ପରେ ଚଳିତ ମାସରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀଙ୍କ ସହ ବିଜୟଙ୍କର ଏହା ପ୍ରଥମ ଆନୁଷ୍ଠାନିକ ବୈଠକ ଥିଲା।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଥିରୁ ଜୋସେଫ୍ ବିଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ବୈଠକର ଫଟୋ ସେୟାର କରି କହିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ଏକ ବିଜ୍ଞପ୍ତି ଅନୁଯାୟୀ, ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ନେଦରଲ୍ୟାଣ୍ଡ ଗସ୍ତ ସମୟରେ ଅନଇ ମଙ୍ଗଳମ ତାମ୍ର ଫଳକ ଉଦ୍ଧାର ଏବଂ ସେଗୁଡ଼ିକୁ ଭାରତକୁ ଫେରାଇ ଆଣିବା ପାଇଁ କରାଯାଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଯୋଶେଫ ତାଙ୍କ ରାଜ୍ୟ ସମ୍ବନ୍ଧୀୟ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଥିଲେ।



ଏହାପରେ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ କର୍ତ୍ତବ୍ୟ ଭବନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟିଥିଲେ। ଦିଲ୍ଲୀରେ ରହଣି ସମୟରେ ସେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କୁ ମଧ୍ୟ (ପୃଷ୍ଠା ୭ରେ)

## ଇସ୍ରାଏଲର ଆକ୍ରମଣ ୩୪ ମୃତ

**ବେରୁଟ (ଲେବାନନ), ୨୭।୫**

ଲେବାନନରେ ଚାଲିଥିବା ସାମରିକ ଯୁଦ୍ଧବିରତି ମଧ୍ୟରେ ଇସ୍ରାଏଲ ଦକ୍ଷିଣ ଲେବାନନରେ ଆକାଶ ଏବଂ ସ୍ଥଳ ଆକ୍ରମଣକୁ ତ୍ୱରାନ୍ୱିତ କରିଛି। ଏହି ଆକ୍ରମଣରେ ଅତି କମ୍‌ରେ ୩୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୦ ଜଣ ଆହତ ହୋଇଥିଲେ। ଇତି ମଧ୍ୟରେ, ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ) ଦକ୍ଷିଣ ଏବଂ ପୂର୍ବ ଲେବାନନର ସହର ଏବଂ ଗ୍ରାମଗୁଡ଼ିକୁ ବାଧ୍ୟତାମୂଳକ ସ୍ଥାନାନ୍ତର କରିବା ଆରମ୍ଭ କରିଛି। ଇସ୍ରାଏଲର ଆକ୍ରମଣାତ୍ମକ ଆଭିମୁଖ୍ୟ ଦକ୍ଷିଣ ଲେବାନନରେ ଆତଙ୍କ ସୃଷ୍ଟି କରିଛି। ଇସ୍ରାଏଲ୍ ସେନାର ତୀବ୍ର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଲୋକମାନେ ଏଠାକୁ ସେଠାକୁ ଦୌଡ଼ୁଛନ୍ତି। ଆକ୍ରମଣ କରିବା ସମୟରେ ସେନା ଆଗକୁ ବଢୁଛି। ଆଇ.ଡି.ଏଫ୍. ପୂର୍ବ ଲେବାନନର ବେକା ଅଞ୍ଚଳରେ ଥିବା ମାଶଗାରା ଉପରେ ଏବଂ ତା'ଠାରୁ ଟିକେ ଅଧିକ ଉତ୍ତରରେ, ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱ (ପୃଷ୍ଠା ୭ରେ)







### ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍–ଉଜ୍–ଜୁହା–୨୦୨୬ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

15001/46/2627



### ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍–ଉଜ୍–ଜୁହା ପର୍ବ ଉପଲକ୍ଷେ ରାଜ୍ୟବାସୀ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0046

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ମଇ ୨୦୨୬ ଗୁରୁବାର




## ଶିଳ୍ପବିହୀନ ଦେବଗଡ଼ ଜିଲ୍ଲାରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ସରକାରଙ୍କର ନାହିଁ ଆନ୍ତରିକତା



**ରିଆମାଳ, ନ୍ୟୁଜ ବ୍ୟୁରୋ**

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକରେ ଆମ୍ବ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୋଇ କ୍ଷତି ସହୁଥିବା ଅଭିଯୋଗ ହେଉଛି। ପୂର୍ବରୁ କମଳା, ପିଆଜ, ଟମାଟୋ, ବାଇଗଣ ଆଦି ପନିପରିବା ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ବେଳେ ବର୍ତ୍ତମାନ ଆମ୍ବ ଚାଷୀ ମଧ୍ୟ କ୍ଷତି ସହୁଛନ୍ତି। ସରକାର ଓ ପ୍ରାଶାସନିକ କ୍ଷେତ୍ରରେ ଅବହେଳା ଯୋଗୁଁ ଆଜି ଯାଏଁ ଜିଲ୍ଲାରେ ଶୀତଳ ଭଣ୍ଡାର ସ୍ଥାପନ ହୋଇ ପାରିଲା ନାହିଁ। ଯାହା ଫଳରେ ଚାଷୀମାନେ ଆଜି ବହୁ ମାତ୍ରାରେ କ୍ଷତି ସହୁଛନ୍ତି। ସରକାର ବାରମ୍ବାର ଏହି ଜିଲ୍ଲାକୁ ଅଣ ଦେଖା କରି ଶୀତଳ ଭଣ୍ଡାରଟିଏ ସ୍ଥାପନ କରି ପାରିଲେ ନାହିଁ। ଶିଳ୍ପବିହୀନ ଦେବଗଡ଼ ଜିଲ୍ଲାରେ ୩ଟି ବ୍ଲକକୁ ନେଇ ଗଠିତ । ସେଥିମଧ୍ୟରୁ ରିଆମାଳ ବ୍ଲକ ଅଧୀନରେ ୨ ଟି ଥାନା ରହିଛି । ୨୬ଟି ଗ୍ରାମ ପଂଚାୟତକୁ ନେଇ ଗଠିତ ହୋଇଥିବା ରିଆମାଳ ବ୍ଲକ ଜନସଂଖ୍ୟାର ଘନତ୍ୱ ରହିଛି । ଶିଳ୍ପ ନ ଥିବାରୁ ଏଠାକାର ଜନସାଧାରଣ କୃଷି ଉପରେ ନିର୍ଭର କରିଥାନ୍ତି। ଧାନ ଚାଷ ପରେ କମଳା, ଆମ୍ବ, ପଣସ, ଟମାଟୋ, ପିଆଜ, ବାଇଗଣ, ଆଳୁ ଆଦି ଫଳ ଓ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଏଠାକାର ଚାଷୀ ସବୁବେଳେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଯେଉଁ ସରକାର ଆସିଲେ ମଧ୍ୟ ସବୁବେଳେ ଅବହେଳା ମନୋଭାବ ପ୍ରଦର୍ଶନ କରୁଛନ୍ତି। କେବଳ ଭୋଟ୍ ସମୟରେ ନେତାମାନେ ଆସି ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲି ଯାଉଛନ୍ତି। ଭୋଟ ସରିଲେ କେହି ହେଲେ ଜିଲ୍ଲା ପ୍ରତି ଥିବା ମୌଳିକ ସମସ୍ୟା ସମାଧାନ ପାଇଁ ଆନ୍ତରିକତା ଦେଖାଉ ନାହାନ୍ତି। ଯାହାକି ଜନସାଧାରଣଙ୍କ ବିକାଶରେ ବାଧା ସୃଷ୍ଟି ହେଉଛି। ଶୀତଳ ଭଣ୍ଡାର ଟିଏ ହେଲେ ସିଜିନର ପରେ ମଧ୍ୟ ଆମ୍ବ ସହ କମଳା , ଟମାଟୋ,ପିଆଜ ସମେତ ବିଭିନ୍ନ ଫଳ ଓ ପନିପରିବା ରଖି ବିକ୍ରିବଟା କରି ଭଲ ରୋଜଗାର କରି ବେଶ ଆତ୍ମନିର୍ଭରଶୀଳ ହୋଇ ପାରନ୍ତେ ଏଥିରେ ସନ୍ଦେହ ନାହିଁ।

### ମେୟରଙ୍କ ଅଧ୍ୟକ୍ଷତାରେ ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ କର୍ପୋରେସନ୍ ବୈଠକ

# 'ବାଧୁଛି ଘର ନକ୍ସା ଅନୁମୋଦନ ଖର୍ଚ୍ଚ'



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

'ଭୁବନେଶ୍ୱରରେ ଘର କରିବା ମହଙ୍ଗା ହୋଇଗଲାଣି। ଘର କରିବା ଅପେକ୍ଷା ନକ୍ସା ଅନୁମୋଦନ ଖର୍ଚ୍ଚ ବହୁତ ବାଧୁଛି। ଆଜି ବିଏମ୍‌ସି କର୍ପୋରେସନ୍ ବୈଠକରେ ଏଭଳି ପ୍ରଶ୍ନ କରିଛନ୍ତି କର୍ପୋରେଟର। ସାଧାରଣ ଲୋକଙ୍କ କଥାକୁ ବିଚାରକୁ ନେଇ ଏ ଉପରେ ରାଜ୍ୟ ସରକାରଙ୍କୁ ନକ୍ସା ଅନୁମୋଦନ ଖର୍ଚ୍ଚ କମାଇବାକୁ ଲିଖିତ ପ୍ରସ୍ତାବ ଦେବାକୁ ଦାବି କରିଛନ୍ତି।

ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ। କର୍ପୋରେଟର ନୃପେଶ କୁମାର ନାୟକ ଘର ନକ୍ସା ଅନୁମୋଦନ ପାଇଁ ଅଧିକ ଟଙ୍କା ଦେବାକୁ ପଡୁଥିବା ପ୍ରସଙ୍ଗ ଉଠାଇଥିଲେ। ରାଜ୍ୟ ସରକାରଙ୍କ ଏପରି ମନଇଚ୍ଛା ଦର ବୃଦ୍ଧି ସାଧାରଣ ଲୋକଙ୍କୁ ବାଧୁଛି ବୋଲି କହିଥିଲେ। ଅନ୍ୟ କର୍ପୋରେଟରମାନେ ବି ଏଥିରେ ସ୍ୱର ମିଳାଇଥିଲେ। ତେଣୁ ରାଜ୍ୟ ସରକାରଙ୍କୁ ଅନୁରୋଧପତ୍ର ପଠାଇବାକୁ ମେୟର ଶ୍ରୀମତୀ ଦାସ କହିଛନ୍ତି।

ରାଜଧାନୀର ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ସମାଧାନ ହୋଇପାରୁନି। ଖରାପ ଲାଇଟ୍ ତ୍ୱରିତ ମରାମତି ପାଇଁ ଏଜେନ୍ସିଙ୍କୁ ନିୟୋଜିତ କରାଯାଇଛି। ଏମାନେ କାମ ଠିକ୍‌ରେ କରୁନାହାନ୍ତି ବୋଲି କର୍ପୋରେଟରମାନେ କହିଥିଲେ। ଏଥିପାଇଁ ନୂଆ ଟେଣ୍ଡର ହେଉଛି ବୋଲି ବିଏମ୍‌ସିଅଧିକାରୀମାନେ କହିଥିଲେ। ବିଏମ୍‌ସିର ୩ଟି ଇଂଜିନିୟରିଂ ବିଭାଜନ ସହ ସ୍ୱତନ୍ତ୍ର ଡ୍ରେନେଜ୍ ବିଭାଜନ ରହିଛି। ସିଟି ପ୍ଲାନର ଅଫିସ ସହ ପର୍ଯ୍ୟାପ୍ତ ବୈଷୟିକ ଅଧିକାରୀ ରହିଛନ୍ତି। ଏହା ସତ୍ତ୍ୱେ ପିଏମ୍ୟୁ ସେଲ୍ ପରିଚାଳନା ପାଇଁ ଇଜିସ ଇଣ୍ଡିଆ କନ୍‌ସଲ୍‌ଟିଂ ଇଂଜିନିୟରିଂକୁ ମାସିକ ୧୯. ୮୫ ଲକ୍ଷ ଟଙ୍କା ଦିଆଯାଉଛି ଓ ଏଥିରେ ବାର୍ଷିକ ୧୦ ପ୍ରତିଶତ ବୃଦ୍ଧି କରାଯାଉଛି। ବାର୍ଷିକ କୋଟି କୋଟି ଟଙ୍କା ଗଣିବା ବନ୍ଦ କରି ବିଏମ୍‌ସି ଇଂଜିନିୟରିଂ ବିଭାଗ ଏକଥା ବୁଝୁ ବୋଲି କର୍ପୋରଟେରମାନେ ଦାବି କରିଥିଲେ।

ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ବେପାର ଉଦ୍ଦେଶ୍ୟରେ ପ୍ରାୟ ୧୫ଲକ୍ଷ ଟଙ୍କା ବ୍ୟୟରେ ରାମେଶ୍ୱର କ୍ଲବ ନିକଟରେ ଏକ ଫୁଡ୍‌କୋର୍ଟ ଖୋଲିଥିଲା ବିଏମ୍‌ସି। କିନ୍ତୁ ଜମି ବିବାଦ ଆଳରେ ବିଏମ୍‌ସି ବେପାର ପୂର୍ବରୁ ଏହାକୁ ଭାଙ୍ଗି ଦେଇଛି। ୨୦୨୪ରେ ଏକାମ୍ର ବିଧାୟକ ଓ ମେୟରଙ୍କ ଉପସ୍ଥିତିରେ ଫୁଡ୍‌କୋର୍ଡର ଶୁଭାରମ୍ଭ ହୋଇଥିଲା। କିନ୍ତୁ ଯେଉଁଦିନ ଏହି ପ୍ରକଳ୍ପର ଶୁଭାରମ୍ଭ ହେଲା, ସେହିଦିନ କିଛି ବ୍ୟକ୍ତି ଫୁଡ୍‌କୋର୍ଟ ଜାଗାରେ ସେମାନଙ୍କର ୧୦୦ ଡେସିମିଲ୍ ବ୍ୟକ୍ତିଗତ ଜମି ଥିବା ଦର୍ଶାଇ ଏଠାରେ ତାଲା ପକାଇ ଦେଇଥିଲେ। ଲିଙ୍ଗରାଜ ମହାପ୍ରଭୁଙ୍କ ଜମି କୌଣସି ପରିସ୍ଥିତିରେ ବ୍ୟକ୍ତିଗତ ନାମକୁ ଯାଇପାରିବନି। କିନ୍ତୁ ଏହାର ତଦନ୍ତ ନ କରି ଦକ୍ଷିଣ-ପୂର୍ବ ଜୋନାଲ୍ କମିସନର ଗତ ଏପ୍ରିଲ ୨୨ରେ ଏହାକୁ ଭାଙ୍ଗି ଦେଇଛନ୍ତି। ଏନେଇ ଆଜିର ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିନା ତଦନ୍ତରେ କାହା ନିର୍ଦ୍ଦେଶରେ ଏହାକୁ ଭଙ୍ଗାଗଲା, ତଦନ୍ତ କରି ସଂପୃକ୍ତ ଜୋନାଲ୍ କମିସନରଙ୍କଠାରୁ ପ୍ରକଳ୍ପ ଟଙ୍କା ଭରଣା କରିବାକୁ କର୍ପୋରେଟରମାନେ ଦାବି କରିଛନ୍ତି।

## ମିର୍ଜାପୁରରେ ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ

### ସୁନାମୀ ପ୍ରସ୍ତୁତ କାର୍ଯ୍ୟକ୍ରମ ସୂଚକ ଗୁଡ଼ିକର କାର୍ଯ୍ୟାନ୍ୱୟନ ମୂଲ୍ୟାଙ୍କନ କରିବା ସମ୍ପର୍କରେ ଆଲୋକପାତ

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରଙ୍କ ମିଳିତ ପ୍ରୟାସରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଚାନ୍ଦିପୁର ପଞ୍ଚାୟତର ମିର୍ଜାପୁର ଗ୍ରାମଠାରେ ଜିଲ୍ଲାସ୍ତରୀୟ, ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ଅନ୍ୟ ୩ ଗୋଟି ଗ୍ରାମ ଯଥା ବାହାବଳପୁର, ଦୁବୁଲାଗାଡି ଏବଂ ଭୀମପୁର ଗ୍ରାମରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ମିର୍ଜାପୁର ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ଉଦଘାଟନ କରିଥିଲେ । ସୁନାମି ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ରାଉତ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ମକ ଡ୍ରିଲରେ କମ୍ୟୁନିଟି ସ୍ତରୀୟ ସ୍ଥାନାନ୍ତରଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ମକଡ୍ରିଲରେ, ପ୍ରତ୍ୟେକ ପ୍ରତ୍ୟେକ ଗ୍ରାମରୁ ଆଶା, ଅଙ୍ଗନୱାଡି କର୍ମୀ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ପଶୁ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଉକ୍ତ ମକଡ୍ରିଲରେ ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର ଦ୍ୱାରା ୫ଟି ଡମି ଟେଷ୍ଟ ବୁଲେଟିନ ପ୍ରାତଃ ୮ ଘଟିକା ଠାରୁ ୧୧ ଘଟିକା ମଧ୍ୟରେ ପ୍ରସାରଣ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ସୁନାମୀ ପ୍ରସ୍ତୁତି, ଏହାର ମୁକାବିଲା ଏବଂ ବିପର୍ଯ୍ୟୟ ପରିଚାଳନା' ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ଥିଲା। ଏହି ଅଭ୍ୟାସ ଦ୍ୱାରା ଯୋଗାଯୋଗ ବ୍ୟବସ୍ଥାକୁ ପରୀକ୍ଷା କରିବା, ନିଷ୍କରି ନେବା, ଉପକୂଳବର୍ତ୍ତୀ ସମ୍ପ୍ରଦାୟରେ ସତର୍କତା ପ୍ରସାରଣ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟା ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା। ଏହାଦ୍ୱାରା କିପରି ଜରୁରୀ କାଳୀନ ପ୍ରତିକ୍ରିୟା ଯୋଜନାକୁ ସୁଦୃଢ଼ କରିବା, ସମ୍ପ୍ରଦାୟ ସଚେତନତା ବୃଦ୍ଧି କରିବା ଏବଂ ସୁନାମୀ ପ୍ରସ୍ତୁତ କାର୍ଯ୍ୟକ୍ରମ ସୂଚକ ଗୁଡ଼ିକର କାର୍ଯ୍ୟାନ୍ୱୟନ ମୂଲ୍ୟାଙ୍କନ କରିବା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମିର୍ଜାପୁର ଓ ଭୀମପୁର ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲରେ ଏନ.ଡି.ଆର.ଏଫ., ଓ.ଡ୍ରା.ଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା। ଏନ.ଡି.ଆର.ଏଫ, ଓ.ଡ୍ରା.ଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ। ଏହି ଅବସରରେ ଓସଡାମା କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ କାର୍ଯ୍ୟକ୍ରମ ପରିଚାଳକ ମେଘନାଦ ବେହେରା ଉପସ୍ଥିତ ରହି ନିଜର ପ୍ରତିକ୍ରିୟା ରଖିଥିଲେ। ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ ଚାନ୍ଦିପୁର, ବାହାବଳପୁର, ଦୁବୁଲାଗାଡି ଏବଂ ଭୀମପୁର ଗ୍ରାମ ପଂଚାୟତର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଞ୍ଚ ଓ ସମ୍ପାଦକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ୍ନ ଅଧିକାରୀ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଏନ.ଡି.ଆର.ଏଫ. ଟିମ କମାଣ୍ଡର, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ର ସମ୍ପାଦକ ପ୍ରଦୀପ ଜେନା, ଆନନ୍ଦ କୁମାର ବେହେରା ଉପସ୍ଥିତ ରହି ମକଡ୍ରିଲ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଉକ୍ତ ମକଡ୍ରିଲରେ ମୋ ଭାରତ ଓ ଆପଦା ମିତ୍ର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

## ଦଶରଥପୁରେ ୧୦ଟି ଅଭିଯୋଗର ତତ୍କାଳ ଫଇସଲା



**ବ୍ୟାସନଗର : ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୫୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୭ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶରଥପୁର ଆକାଶ ପଟ୍ଟନାୟକ, ତହସିଲଦାର, ଦଶରଥପୁର ଶୁଭ୍ରାଂଶୁ ସାହୁ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ପାଲିସ ପକ୍ଷରୁ "କର୍ମଚାରୀ ଦୃଷ୍ଟି ପରୀକ୍ଷା ଯୋଜନା"ଆରମ୍ଭ

**ପାଟଣାଗଡ- ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ପୋଲିସ ଓ ମହାନଦୀ ନେତ୍ର ଚିକିତ୍ସାଳୟର ସଂଯୁକ୍ତ ପ୍ରୟାସରେ "କର୍ମଚାରୀ ଦୃଷ୍ଟି ପରୀକ୍ଷା ଯୋଜନା" ଅଧୀନରେ ସୋମବାର ଖପ୍ରାଖୋଲ ଥାନା ପରିସରର ଅଭ୍ୟର୍ଥନା କକ୍ଷରେ ଏକ ମାଗଣା କମ୍ପ୍ୟୁଟରାଇଜ୍ଡ ଚକ୍ଷୁ ପରୀକ୍ଷା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମାନବସେବାମୂଳକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା ମିଳିଛି। ଶିବିରରେ ଆଧୁନିକ ଚକ୍ଷୁ ପରୀକ୍ଷା ମେସିନ ମାଧ୍ୟମରେ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ଚଷମାର ପାୱାର ଯାଞ୍ଚ ସହ ସାଧାରଣ ଆଖି ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। ଅଭିଜ୍ଞ ଅପ୍ଟୋମେଟ୍ରିଷ୍ଟମାନଙ୍କ ନିର୍ଦ୍ଦେଶନାରେ ସମସ୍ତ ସେବା ସୁଚାରୁ ଭାବେ ପ୍ରଦାନ କରାଯାଇଥିଲା। ମୋଟ ୪୧ ଜଣ ଆଖି ଚିକିତ୍ସା ପାଇଁ ପଞ୍ଜିକରଣ କରିଥିବା ଜଣାପଡିଛି । ଏହି ଶିବିରରେ ପୋଲିସ କର୍ମଚାରୀ, ପୂର୍ବତନ ସେନା ଯବାନ, ସାମ୍ବାଦିକ ଓ ଅନେକ ସାଧାରଣ ଲୋକ ନିଜ ନିଜ ଚକ୍ଷୁ ପରୀକ୍ଷା କରାଇଥିଲେ। ଚକ୍ଷୁ ବିଶେଷଜ୍ଞ ଡାକ୍ତର ମାନସ କୁମାର ପାଢ଼ୀ ଆଖି ସମସ୍ୟାରେ ପୀଡ଼ିତ ଲୋକମାନଙ୍କୁ ସତର୍କତାର ସହ ପରୀକ୍ଷା କରି ଆବଶ୍ୟକ ଚଷମା ଓ ଔଷଧ ପ୍ରେସକ୍ରାଇବ କରୁଥିଲେ। ତାଙ୍କୁ ଡାକ୍ତର ବିକାଶ କୁମାର ମେହେର ଓ ସିଦ୍ଧାନ୍ତ କୁମାର ଦାଶ ସହଯୋଗ କରିଥିଲେ। ସାମାଜିକ ସେବା ଓ ଜନସ୍ୱାସ୍ଥ୍ୟ ପ୍ରତି ବଲାଙ୍ଗୀର ପୋଲିସ ଓ ବୀର ମହାରାଜପୁର ମହାନଦୀ ନେତ୍ର ଚିକିତ୍ସାଳୟର ଏହି ଉତ୍କୃଷ୍ଟ ପଦକ୍ଷେପକୁ ସ୍ଥାନୀୟ ଲୋକେ ଭୁରିଭୁରି ପ୍ରଶଂସା କରିଛନ୍ତି।



## ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୂର ସଂଘର ଆହ୍ୱାନ

**ଜଳେଶ୍ୱର ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଠାରେ ଉଦ୍‌ଯାପିତ ହୋଇ ଥିବା ଓଡିଶା କ୍ଷେତ ଓ ଗ୍ରାମୀଣ ମଜଦୂର ୟୁନିୟନର ରାଜ୍ୟ ସମ୍ମିଳନୀ ଭିବି ଜି ରାମ ଜି ଆଇନ ପ୍ରତ୍ୟାହାର ସହ ମନରେଗା ଆଇନର ସୁରକ୍ଷା ଦାବିରେ ଅଗଷ୍ଟ ୯ ତାରିଖ କ୍ରାନ୍ତିଦିବସରେ ସାରା ରାଜ୍ୟରେ ଜେଲଭରୋ ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇ ଅଛି। ଏଥିସହିତ ଦରବୃଦ୍ଧି ନିୟନ୍ତ୍ରଣ, କାମ ଓ ମଜୁରୀ, ଜମି, ବାସଗୃହ, ଖାଦ୍ୟ ନିରାପତ୍ତାର ସୁରକ୍ଷା ଆଦି ଦାବିରେ ଆସନ୍ତା ଜୁନ ୯ରେ ସ୍ଥାନୀୟ ସ୍ତରରେ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରାଯିବ। ଜଳେଶ୍ୱର ସହରର ମଞ୍ଜୁ ମଣ୍ଡପରେ ଅନୁଷ୍ଠିତ ୟୁନିୟନର ରାଜ୍ୟ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରତିନିଧି ଯୋଗଦେଇ ଥିଲେ। ବିବର୍ତ୍ତନ କବି, ଶିଶିର ହୁଇ, ପ୍ରଫୁଲ୍ଲ ପାଢୀ ଓ ଜୟନ୍ତୀ ମହାରଣାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ରାଜ୍ୟରେ କ୍ଷେତ ମଜଦୁର ଓ ଗ୍ରାମୀଣ ଶ୍ରମିକମାନଙ୍କ ଅର୍ଥନୈତିକ ସମସ୍ୟା ପେନସନ ଶିକ୍ଷା ସ୍ୱାସ୍ଥ୍ୟ ଜମି ବାସଗୃହ ଆଦି ସାମାଜିକ ନିରାପତ୍ତା, ଦଳିତ, ଆଦିବାସୀ ମହିଳାମାନଙ୍କ ନିର୍ଯ୍ୟାତନା ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଥିଲା। ଏହି ସମସ୍ୟାକୁ ମୁକାବିଲା କରିବାରେ ସରକାରର ବିଫଳତା ପାଇଁ ଉଦବେଗ ପ୍ରକାଶ କରାଯାଇ ଥିଲା। ସମ୍ମିଳନୀକୁ ଉଦ୍ଘାଟନ କରି ଅଖିଳ ଭାରତ କ୍ଷେତ ମଜଦୁର ୟୁନିୟନର ଯୁଗ୍ମସଂପାଦକ ତୁଷାର ଘୋଷ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରର ଜନ ବିରୋଧି କର୍ପୋରେଟ ସପକ୍ଷବାଦୀ ନୀତି ଯୋଗୁ ଗରୀବ ଚାଷି, କ୍ଷେତ ମଜଦୁର ମାନେ ଆତ୍ମହତ୍ୟାର କରୁଛନ୍ତି, କୃଷକମାନେ ସର୍ବନିମ୍ନ ସହାୟକ ମୁଲ୍ୟ ପାଇବାରୁ ବଞ୍ଚିତ, ଶ୍ରମିକମାନଙ୍କ ଅଧିକାର ଉପରେ ଆକ୍ରମଣ ହେଉଛି। ଏହା ବିରୁଦ୍ଧରେ ଶ୍ରମିକ କୃଷକ କୃଷିଶ୍ରମିକ ମାନଙ୍କର ମିଳିତ ଆନ୍ଦୋଳନ ମାନ ସଂଗଠିତ ହେଉଛି। ଏହି ଏକତାକୁ ଭାଙ୍ଗିବା ପାଇଁ ଶ୍ରମଜୀବି ଜନଗଣଙ୍କୁ ଜାତି ଧର୍ମ ଭିତ୍ତିରେ ଭାଗ ଭାଗ କରିବାକୁ ଆରଏସଏସ ଓ ବିଜେପି ସଫଳତାର ସହିତ କାର୍ଯ୍ୟ କରୁଛି। ରାଜନୈତିକ ଭାବେ ଶ୍ରମଜୀବି ଜନଗଣଙ୍କୁ ସଚେତନ କରାଇ ଜୀବନ ଜୀବିକାର ଦାବିରେ ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ ସଂଗଠିତ କରିବାକୁ ଆହ୍ୱାନ ଦେଇ ଥିଲେ। ୟୁନିୟନର ସାଧାରଣ ସମ୍ପାଦକ ନିର୍ମଳ ନାୟକ ବିଗତ ୩ ବର୍ଷରେ ସଂଗଠନର କାର୍ଯ୍ୟକ୍ରମ ସଂପର୍କରେ ରିପୋର୍ଟ ସମ୍ମିଳନୀର ଉପସ୍ଥାପନ କରିଥିଲେ। ଉକ୍ତ ରିପୋର୍ଟ ପ୍ରତିନିଧିମାନଙ୍କର ଆଲୋଚନା ପରେ ଗୃହୀତ ହୋଇ ଥିଲା। ଉକ୍ତ ସମ୍ମିଳନୀରେ ଅଖିଳ ଭାରତ କ୍ଷେତ ମଜଦୁର ୟୁନିୟନର ସାଧାରଣ ସଂପାଦକ ବି ଭେଙ୍କଟ ଯୋଗ ଦେଇ ଲୋକମାନଙ୍କ ସହିତ ଜୀବନ୍ତ ସଂପର୍କ ରକ୍ଷାକରି ସଂଗଠନକୁ ତୃଣମୂଳ ସ୍ତରରୁ ଶକ୍ତିଶାଳୀ କରାଯିବା ନିମିତ୍ତ ନିବେଦନ କରିଥିଲେ। ଏହି ସମ୍ମିଳନୀରେ ନିର୍ମଳ ନାୟକ ସଭାପତି, ନିତ୍ୟାନନ୍ଦ ପରିଡା ସାଧାରଣ ସମ୍ପାଦକ, ପ୍ରଫୁଲ୍ଲ ପାଢୀ, ଶିଶିର ହୁଇ, ହରିଶ୍ଚନ୍ଦ୍ର ସିଂ, ଦୁଃଶାସନ ଜେନା ଉପସଭାପତି, ଗିରିଧାରୀ ନାଥ, ଦିପ୍ତିମାନ ଆଚାର୍ଯ୍ୟ, ଜୟନ୍ତୀ ମହାରଣା, ବିପିନ ନାୟକ ଯୁଗ୍ମସଂପାଦକ ସହିତ ୩୧ ଜଣ ସଦସ୍ୟ ବିଶିଷ୍ଟ ଏକ ରାଜ୍ୟ କମିଟି ନିର୍ବାଚିତ ହୋଇ ଅଛି। ସମ୍ମିଳନୀରେ ସିଆଇଟିୟୁର ରାଜ୍ୟ ଉପସଭାପତି ଦିବ୍ୟସିଂହ ନାୟକ, ଓଡ଼ିଶା କୃଷକ ସଭାର ସାଧାରଣ ସମ୍ପାଦକ ଜନ୍ମେଶ୍ୱର ସାମନ୍ତରାୟ, ଏସ ଏଫ ଆଇର ରାଜ୍ୟ ସଭାପତି ଚନ୍ଦନ କାମିଲା, ଅଖିଳ ଭାରତ ଲୟାରସ ୟୁନିୟନର ରାଜ୍ୟ ନେତା ଦିପକ ମହାପାତ୍ର, ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ ମିଶ୍ର, ଅଭ୍ୟର୍ଥନା ସମିତିର ସଭାପତି ଦିଲ୍ଲିପ ଗିରି ପ୍ରମୁଖ ନେତୃବୃନ୍ଦ ସମ୍ମିଳନୀର ସଫଳତା କାମନା କରି ବକ୍ତବ୍ୟ ପ୍ରଦାନ କରିଥିଲେ।



## ଡୁଙ୍ଗରିପାଲିରେ ଅଭିଯୋଗ ଶୁଣାଣି: ୬୯ଟି ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଚେରୁପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତାପ କୁମାର ରଣା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୬୯ (ଅଣସ୍ତରି) ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ସେଥି ମଧ୍ୟରୁ ୫୨ ଗୋଟି ବ୍ୟକ୍ତିଗତ ଓ ୧୫ ଗୋଟି ସାମୁହିକ ଦରଖାସ୍ତ ଥିଲା, ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା ପାଇଁ ଥିବା ବେଳେ, ଆଉ ଏକ ଦରଖାସ୍ତ ରେଡ କ୍ରସ ସହାୟତା ପାଇଁ ରହିଥିଲା ଏବଂ ଗୋଟିଏ ଦରଖାସ୍ତ ର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ ମେହେର, ଅତିରିକ୍ତ ତହସିଲଦାର ଶ୍ରୀ ରୋହିତ ବାଗ, ସରପଞ୍ଚ ଶ୍ରୀ ଦିଲୀପ କୁମାର ଶତପଥୀ ପ୍ରମୁଖ ମଞ୍ଚାସିନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗରିପାଲି ଶ୍ରୀ ସଂଜୀବ କୁମାର ସାହୁ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜଣ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ଉଷାରଣୀ ଦାସ, ସହାୟକ କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜନଜାତୀୟ ଗରିମା ଦିବସରେ ସରକାରୀ ଯୋଜନାଗୁଡ଼ିକର ରୂପରେଖ ସମ୍ପର୍କରେ ଆଲୋଚନା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**


କେନ୍ଦୁଝର ଜିଲ୍ଲାରେ ଜନଜାତି ସମ୍ପ୍ରଦାୟର ଆର୍ଥିକ ଓ ସାମାଜିକ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଆୟୋଜିତ 'ଜନଜାତୀୟ ଗରିମା ଉତ୍ସବ ୨୦୨୬' ଅନ୍ତର୍ଗତ ବିଶେଷ କାର୍ଯ୍ୟକ୍ରମ 'ଜନଭାଗିଦାରୀ ଅଭିଯାନ' (ସବୁଠାରୁ ଦୂର ସର୍ବ ପ୍ରଥମ) ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଗତ ମେ' ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ସପ୍ତାହବ୍ୟାପୀ ଅଭିଯାନ ମେ' ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଏହି ଜନମଙ୍ଗଳକାରୀ ଅଭିଯାନକୁ କେନ୍ଦୁଝରର ଅତିରିକ୍ତ ଜିଲ୍ଲାପାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ତଥା ପରବର୍ତ୍ତୀ କାର୍ଯ୍ୟକ୍ରମଗୁଡ଼ିକରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସରକାରୀ ଯୋଜନାଗୁଡ଼ିକର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ସରକାରଙ୍କ ବିଭିନ୍ନ ଜନହିତକର ଓ ପ୍ରଗତିଶୀଳ ଯୋଜନାଗୁଡ଼ିକ ଯେପରି ଦୁର୍ଗମ ଅଞ୍ଚଳର ଶେଷ ସୀମାନ୍ତରେ ଥିବା ଲୋକଙ୍କ ପାଖରେ ସହଜରେ ପହଞ୍ଚିପାରିବ, ତାହାକୁ ଏହି ଅଭିଯାନରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। 'ସବୁଠାରୁ ଦୂର ସର୍ବ ପ୍ରଥମ' ସଂକଳ୍ପକୁ ପାଥେୟ କରି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ଦୁର୍ଗମ ଜନଜାତି ବହୁଳ ଗ୍ରାମଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ସ୍ୱଚ୍ଛ ପାନୀୟ ଜଳ ଭଳି ମୌଳିକ ସୁବିଧା ଓ ସେବା ଯୋଗାଇଦେବା ଉପରେ ବିଶେଷ ସଚେତନତା ସୃଷ୍ଟି କରାଯିବା ସହ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ଥାନୀୟ ଜନସାଧାରଣଙ୍କ ସକ୍ରିୟ ସହଭାଗିତା ଯୋଗୁଁ ଏହି ସପ୍ତାହବ୍ୟାପୀ ଅଭିଯାନ



# ଚମ୍ପୁଆରେ ବସୁଧା ଯୋଜନା ଫେଲ୍ : ପାଇପ ଅଛି, ପାଣି ନାହିଁ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତିପଞ୍ଚାୟତରେ ବସୁଧା ପାଣି ଟାଙ୍କି ନିର୍ମାଣ କରିଥିଲେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳ ଟୋପାଏ ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ। ଆଶା ଥିଲା ବସୁଧା ଯୋଜନାରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହେବ କିନ୍ତୁ ବିଭାଗୀୟ କର୍ମଚାରୀ ଏବଂ ଅଧିକାରୀମାନଙ୍କ ଅବହେଳା ପାଇଁ ପାନୀୟ ଜଳ ଯୋଗାଣ ଏକ ପ୍ରହସନରେ ପରିଣତ ହୋଇଛି।ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ । ଗ୍ରାମକୁ ରଜିଆ ଠାରେ ଥିବା ବସୁଧା ପାଣିଟାଙ୍କିରୁ ପାଣି ଯୋଗାଣ ନିମନ୍ତେ ପାଇପ ସଂଯୋଗ ହୋଇଛି। ପାଇପ ସଂଯୋଗ ହେବା ପରେ କିଛି ଦିନ ପାଣି ମଧ୍ୟ ଠିକଠାକ୍ ଚାଲିଥିଲା। ତା'ପରେ ପ୍ରାୟ ସାତ ଆଠ ମାସରୁ ଊର୍ଦ୍ଧ୍ୱ ହେବ ପାଣି ଯୋଗାଣ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇ ଯାଇଥିଲା। ପରେ ପୁଣି ଚାରି ପାଞ୍ଚ ଦିନ ପାଣି ଯୋଗାଣ ହୋଇଥିଲା। ଗ୍ରାମର ସ୍କୁଲ ସାହିକୁ ପାଣି ଆସୁଥିବା ବେଳେ ମୁଣ୍ଡା ସାହି, ମଝିସାହି ଓ ତଳସାହିକୁ ପାନୀୟ ଜଳ ଯୋଗାଣ ପୁଣି ବନ୍ଦ ହୋଇ ଯାଇଥିଲା। ଏବେ କିଛି ଦିନ ପୂର୍ବରୁ ଚାରି ପାଞ୍ଚ ଦିନ ଜଳ ଯୋଗାଣ କରିବା ପରେ ପୁଣି ଏକ ସପ୍ତାହରୁ ଅଧିକ ହେବ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ପିଇବା ପାଣି ପାଇଁ ତହଳ ବିକଳ ହେଉଛନ୍ତି ମହେଶ୍ୱରପୁର ଗ୍ରାମର ଶତାଧିକ ପରିବାର । ପୂର୍ବରୁ ରହିଥିବା ନଳକୂପ ଉପରେ ସମସ୍ତେ ନିର୍ଭର କରୁଥିବା ବେଳେ ଏବେ ନଳକୂପ ଗୁଡିକ ଅତି ପୁରୁଣା ହୋଇ ଯାଇଥିବାରୁ ତାହା ଆବଶ୍ୟକ ଅନୁଯାୟୀ ପାଣି ଯୋଗାଇ ପାରୁ ନାହିଁ। ଅନ୍ୟପକ୍ଷରେ କାର୍ଯ୍ୟରତ କର୍ମଚାରୀ ମାନେ ନିଜ କାର୍ଯ୍ୟ ଠିକ୍ ଭାବେ ନକରି ମନମାନି କରୁଥିବାରୁ ଗ୍ରାମକୁ ଜଳ ଯୋଗାଣ ହୋଇ ପାରୁ ନଥିବା ଅଭିଯୋଗ ହେଉଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ହେଉଥିବା ସତ୍ତ୍ୱେ ଗ୍ରାମରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଜଳ ସଙ୍କଟ ପ୍ରତି ବିଭାଗୀୟ ଅଧିକାରୀମାନେ ମଧ୍ୟ ଗୁରୁତ୍ୱ ଦେଉ ନଥିବାରୁ ଗ୍ରାମକୁ ବାରମ୍ବାର ଜଳ ଯୋଗାଣ ବନ୍ଦ ହେବା ଫଳରେ ପିଇବା ପାଣି ଟୋପାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଫଳରେ ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଗ୍ରାମରେ ପାଣି ସମସ୍ୟା ଦୂର କରିବାକୁ ଦାବି ହେଉଛି।





32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ମଇ ୨୦୨୬ ଗୁରୁବାର





# ପୌରସଂସ୍ଥାର ଜବରଦଖଲ ଉଚ୍ଛେଦ ପ୍ରହସନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ତିନିମୁହାଣୀ ଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ସରକାରୀ ରାସ୍ତା ସରକାରୀ ଜାଗାକୁ ମାଡି ବଡ ବଡ ଅଟ୍ଟାଳିକା ତିଆରି କରିଛନ୍ତି। ପୌରସଂସ୍ଥା ଠାରୁ ଅନୁମତି ନନେଇ କୋଟି କୋଟି ଟଙ୍କାର ଅଟ୍ଟାଳିକା ତିଆରିକରି ଆରାମ୍‌ରେ ଜବରଦଖଲ କରି ବସିଛନ୍ତି। ପୌରସଂସ୍ଥା ଏମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଛିଣ୍ଡା ଜରି, ପାଲ ତଳେ ବସି ଅସହାୟ ଅବସ୍ଥାରେ ବିକ୍ରି କରୁଥିବା ଗରିବଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। କେନ୍ଦ୍ରାପଡା ନୂଆ ବସ୍‌ଷ୍ଟାଣ୍ଡ ଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ବାଇପାସ୍ ରାସ୍ତାରେ ଜବରଦଖଲ କରି ବସିଥିବା ବ୍ୟବସାୟୀମାନଙ୍କୁ ଉଚ୍ଛେଦ କରିବା ପାଇଁ ପୋଲିସ୍ ନେଇ ପୌର କର୍ମଚାରୀ ତାଙ୍କୁ ଉଚ୍ଛେଦ କରୁଥିବାବେଳେ ଏମାନେ ଏହି ଜବରଦଖଲକାରୀମାନେ ଫଟାଫଟ୍ ଉଠାଇ ନେଉଛନ୍ତି। କର୍ମଚାରୀ ଗଲାପରେ ପୁଣି ସେହି ସ୍ଥାନରେ ବ୍ୟବସାୟ କରୁଛନ୍ତି। ସେହିଭଳି କେନ୍ଦ୍ରାପଡା ନୂଆ ବସ୍‌ଷ୍ଟାଣ୍ଡ ଠାରୁ ସହର ଦେଇ ଆସିବା ବେଳେ କାକଟ ଛକ, ବଡହାଟ ଏବଂ ମୁଖ୍ୟ ରାସ୍ତାର ଅନେକ ବ୍ୟବସାୟୀମାନେ ରାସ୍ତାକୁ ମାଡି ଘର ଓ ଦୋକାନ ଗୃହ କରି ୩ ଫୁଟ୍, ୪ ଫୁଟ୍‌ର ବ୍ୟବସାୟ ପ୍ରତିଷ୍ଠାନର ବୋର୍ଡ ଓ ଦୋକାନରେ କାମ କରୁଥିବା କର୍ମଚାରୀମାନଙ୍କର ମୋଟର ସାଇକେଲ୍ ରାସ୍ତା ଉପରେ ରଖି ଦୈନିକ ଲକ୍ଷ ଲକ୍ଷ ଟଙ୍କା ବ୍ୟବସାୟ କରୁଛନ୍ତି। ଏମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ କିମ୍ବା ଜବରଦଖଲ ଟିକସ ମଧ୍ୟ ଆଦାୟ କରାଯାଉନାହିଁ। ମୁଖ୍ୟ ରାସ୍ତା ଉପରେ ଗାଡି ରଖି ବ୍ୟବସାୟ କରୁଥିବାରୁ ଜରୁରୀକାଳୀନ ଗାଡି, ଆମ୍ବୁଲାନ୍ସ, ସ୍କୁଲ ଗାଡି, ଅଗ୍ନିଶମ ଗାଡି ଯାତାୟାତ କରିପାରୁନାହିଁ। ଏପରିକି ମୋଟର ସାଇକେଲ୍ ଆରୋହୀ ମଧ୍ୟ ଯାତାୟାତ କରିପାରୁନାହାଁନ୍ତି। ଏହି ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ରାସ୍ତା ଉପରେ ରଖୁଥିବା ଗାଡି ଓ ବୋର୍ଡକୁ ଜବତ କରିବା ପାଇଁ ସାଧାରଣରେ ଦାବି ହେଉଛି।



## ୩ଟି ଏନ୍‌କାଉଣ୍ଟର ପରେ ବି ଅଶାନ୍ତ ବ୍ରହ୍ମପୁର

# ପ୍ରତିଶୋଧ ନେଉଛନ୍ତି ଜେଲ୍ ଫେରନ୍ତା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୋଲିସ ପକ୍ଷରୁ ବର୍ତ୍ତମାନ ୩ ଜଣ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ପୋଲିସ ଏନ୍‌କାଉଣ୍ଟରରେ ଦିପୁନା ନାୟକ, ମୁକେଶ ସାହୁ ଓ ଜଗନ୍ନାଥ ସାହୁ ଆହତ ହୋଇ ବଡ଼ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ସେପଟେ ସହରରେ ପ୍ରତିଦିନ ହଣାମରା ଲାଗି ରହିଛି। କଥା କଥାକେ ବୁଲୁଛି ଖଣ୍ଡା ଓ ଛୁରୀ ଏବଂ ଫୁଟୁଛି ଗୁଳି। ହତ୍ୟା, ଦୁଷ୍କର୍ମ, ଡକାୟତି, ଚୋରି ଓ ହତ୍ୟା ଉଦ୍ୟମ ଓ ଠକେଇ ମାମଲା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ହତ୍ୟା, ହତ୍ୟା ଉଦ୍ୟମ, ଦୁଷ୍କର୍ମ ଓ ଠକେଇ ମାମଲାରେ ପୋଲିସ ତଦନ୍ତ କରି ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ ହେଁ ସାଇବର ଠକେଇ ମାମଲାର ଅନେକ ଅଭିଯୁକ୍ତମାନଙ୍କୁ ପୋଲିସ ଧରିବାରେ ବିଫଳ ରହିଛି। ଏହା ସହ ଏକାଧିକ ହତ୍ୟା ଓ ଲୁଟ୍ ଘଟଣାର ତଦନ୍ତ ଜାରି ରଖିଛି ପୋଲିସ। ବ୍ରହ୍ମପୁର ପୋଲିସ ଜିଲ୍ଲାର ଦୁଇଟି ଗଣଦୁଷ୍କର୍ମ ହୋଇଛି। ସେହିପରି ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲ୍ଲାରେ ୨୦ରୁ ଊର୍ଦ୍ଧ୍ୱ ହତ୍ୟା ହୋଇସାରିଲାଣି। ତେବେ ହତ୍ୟା ମାମଲାର ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁଥିଲେ ମଧ୍ୟ ହତ୍ୟା ଉଦ୍ୟମ ଓ ହତ୍ୟା ଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ଶାନ୍ତି ଫେରାଇ ଆଣିବାକୁ ବ୍ରହ୍ମପୁର ପୋଲିସ ପକ୍ଷରୁ ସୂର୍ଯ୍ୟନଗର ଆଇବି ରୋଡ୍‌ର ଦୁର୍ଦ୍ଧାନ୍ତ ଅପରାଧୀ ସୁନୀଲ୍ ମହାନ୍ତି ଓରଫ୍ ମଲ୍ଲଙ୍କୁ ଗୋଳନ୍ଥରା ଥାନା ପୋଲିସ ପିତାତଳି ଠାରେ ଏନ୍‌କାଉଣ୍ଟର କରିଥିଲା। ଏହାପରେ ଅପରାଧୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଯିବା ତ ଦୂରର କଥା ଆହୁରି ଉତ୍ପାତ ହେଉଥିବା ନଜର ରହିଛି। ଚଳିତ ମାସରେ ପୋଲିସ ଆଉ ୩ଟି ଏନ୍‌କାଉଣ୍ଟର କରିଛି। ଏନ୍‌କାଉଣ୍ଟର ପରେ ମଧ୍ୟ ଉଭୟ ପୋଲିସ ଜିଲ୍ଲାରେ ୫ରୁ ଊର୍ଦ୍ଧ୍ୱ ହତ୍ୟା ହେଲାଣି। ସେହିପରି ପୂର୍ବ ଶତ୍ରୁତା, ଜମିଜମା ଓ ତ୍ରିକୋଣୀୟ ପ୍ରେମ ପାଇଁ ମଧ୍ୟ ହତ୍ୟା ହୋଇଛି। ଅନ୍ୟପକ୍ଷରେ କିଛି ଜେଲ୍ ଫେରନ୍ତା ଏବେ ବନ୍ଧୁକ, ବୋମା ଓ ଖଣ୍ଡା ପ୍ରସ୍ତୁତ କରି ରଖିଥିବା ଶୁଣିବାକୁ ମିଳୁଛି। ପ୍ରତିଶୋଧ ନେବା ପାଇଁ ସୁଯୋଗକୁ ଅପେକ୍ଷା କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ଏସ୍‌ପି ଡ଼ା. ଶର୍ବଣା ବିବେକ୍ ଏମ୍ ପ୍ରତିଦିନ ସକାଳେ ଗ୍ରୁପ୍ କଲ୍ ମାଧ୍ୟମରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କ ସହ କଥା ହୋଇ ନିଜ ନିଜ ଅଞ୍ଚଳର ଆଇନ୍ ଶୃଙ୍ଖଳା ଉପରେ ପଚାରିବା ସହ ପାଟ୍ରୋଲିଂ ଜୋରଦାର୍ କରିବାକୁ ନିର୍ଦ୍ଦେଶ ଦିଅନ୍ତି। ନିର୍ଦ୍ଦେଶକ୍ରମେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ଜୋରଦାର୍ କରୁଛନ୍ତି ତଥାପି ଚୋରି ଓ ହତ୍ୟା ଉଦ୍ୟମ ମାମଲା ଥାନାଗୁଡ଼ିକରେ ଦେଖିବାକୁ ମିଳୁଛି। ପୋଲିସ ବର୍ତ୍ତମାନ ଶତାଧିକ ପୁରୁଣା ଅପରାଧୀଙ୍କ ମଧ୍ୟରୁ ୧୬ ଜଣଙ୍କୁ ଏନ୍‌କାଉଣ୍ଟର କରିବା ପାଇଁ ଚିହ୍ନଟ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସେଥିମଧ୍ୟରୁ ବୈଦ୍ୟନାଥପୁର, ବଡ଼ ବଜାର, ଟାଉନ୍, ନିମଖଣ୍ଡି, ଗୋପାଳପୁର, ସଦର ଓ ଦିଗପହଣ୍ଡି ଅଞ୍ଚଳର ଅପରାଧୀମାନେ ରହିଥିବା ଜଣାପଡ଼ିଛି।

# ଚାରିକୋଲରେ ପୋତି ହୋଇ ଚାଲିଗଲା ଅମୂଲ୍ୟ ଜୀବନ

**ରାଜଗାଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ରାଜଗାଙ୍ଗପୁର ଅଞ୍ଚଳରେ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ (ଚାରିକୋଲ)କୁ ଆଣି ରାସ୍ତା ଘାଟ, ପୁଷ୍କରଣୀ, ନଦୀର କୂଳେ, ଦେବାଳୟ ଏବଂ ବିଭିନ୍ନ ଖାଲିଥିବା ସ୍ଥାନମାନଙ୍କରେ ଝାରସୁଗୁଡା ସୁନ୍ଦରଗଡ଼ ଜିଲ୍ଲା ସ୍ଥାପିତ କଳକାରଖାନାମାନଙ୍କରୁ ନିର୍ଗତ ବର୍ଜ୍ୟବସ୍ତୁ ଗୁଡିକ ହାଇୱା ସାହାର୍ଯ୍ୟରେ ମୁଷ୍ଟିମେୟ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ବରିଷ୍ଠ ପ୍ରଶାସନ ରାଜନୈତିକ ବ୍ୟକ୍ତିମାନଙ୍କ ଦ୍ୱାରା ବର୍ଜ୍ୟବସ୍ତୁକୁ ଟ୍ରାନ୍ସପୋର୍ଟ କାର୍ଯ୍ୟରେ ନିୟୋଜିତ କରି ବିଭିନ୍ନ ସ୍ଥାନରେ ରାତ୍ର ମଧ୍ୟରେ ଜମା କରି ଚାଲିଯିବା ଦ୍ୱାରା ରାଜ୍ୟସ୍ୱ ହାନୀ ବର୍ଜ୍ୟବସ୍ତୁ ଗୁଡିକ ନଦୀକୁ ଯାଇ ଜଳ ଦୂଷିତ ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ପବନ ଦ୍ୱାରା ବର୍ଜ୍ୟବସ୍ତୁରୁ ନର୍ଗତ ଗୁଣ୍ଡ ଗୁଡିକ ଯାଇ ଚାଷ ଜମିରେ ପଡି ଶସ୍ୟ ନଷ୍ଟ ହେବାବେଳେ ପ୍ରାୟ ସମୟରେ ପ୍ରଶାସନକୁ ଅଭିଯୋଗ କରିବା ଗଣମାଧ୍ୟମରେ ଲୋକଙ୍କ ଅଭିଯୋଗକୁ ପ୍ରସାର କଲେ ମଧ୍ୟ ପ୍ରଶାସନ ଲୋକଙ୍କ ସମସ୍ୟା ଗୁଡିକ କର୍ଣ୍ଣପାତ କରିଆସୁନଥିବା ଯୋଗୁ ଜଣେ ଯୁବକର ଜୀବନ ଚାଲିଯିବା ଅଭଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ରାତ୍ରରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଘୋଗର ଗ୍ରାମର ସ୍କୁଲପଡାରେ ସରକାରୀ ଜମିରେ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁକୁ ଆଣି ସେଠାରେ ଡମ୍ପିଙ୍ଗ କରିବା ପରେ ଜେସିବି ଦ୍ୱାରା ସମତୁଲ କରାଯାଉଥିଲା। ଜେସିବିର ଡ୍ରାଇଭର ରାଇବେର୍ଣା ଗ୍ରାମର ସାଲବିନ ବାର୍ଲା (୨୫)କୁ ନିୟୋଜିତ କରାଯାଇଥିଲା । ମଧ୍ୟ ରାତ୍ରରେ ତାଙ୍କୁ ନିଦ ଆସିବା ପରେ ସେ ସେଠାରେ ଶୋଇପଡିଥିଲେ । କିଛି ସମୟ ପରେ ହାଇୱାରେ ବର୍ଜ୍ୟବସ୍ତୁ ନେଇ ଅନ୍‌ଲୋଡ଼୍ କରିବା ବେଳେ ଡ୍ରାଇଭର ଜାଣିନପାରି ସାଲବିନ ଉପରେ ଗାଡି ଚଢିଯାଇଥିଲା ଯାହାଫଳରେ ଗୁରୁତ୍ୱର ସହ ଆହତ ହୋଇ ବର୍ଜ୍ୟବସ୍ତୁରେ ପୋତି ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହେବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଘଟଣା ପ୍ରସାରିତ ପରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ଶବକୁ ଜବତ କରିଥିଲେ । ଶବକୁ ବ୍ୟବଚ୍ଛେଦ ପାଇଁ ଆଣିବା ପାଇଁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ କ୍ଷତିପୂରଣ ପାଇଁ ଜିଦ୍‌ରେ ଅଟଳ ରହିଥିଲେ । ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ପୋଲିସ ଗ୍ରାମ ପଞ୍ଚାୟତ ସରପଞ୍ଚ ଅଞ୍ଚଳରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ସରକାର ହାଇୱା ମାଲିକ ଜେସିବି ମଲ୍ଲିକ ମିଳିତ ଭାବେ ୭ ଲକ୍ଷ ପ୍ରାୟ ଟଙ୍କା ଦେବା ପାଇଁ ସମ୍ମତି ପ୍ରକାଶ ପରେ ଶବକୁ ଆଣି ରାଜଗାଙ୍ଗପୁର ସରକାରୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଶବ ବ୍ୟବଚ୍ଛେଦ ପରେ ତାର ପରିବାରକୁ ଶବ ହସ୍ତାନ୍ତର କରିଥିବା ଜଣାଯାଇଛି । ଶୁଣିବାକୁ ମିଳିଛି ଚାରକଲ ଡମ୍ପିଙ୍ଗ ପାଇଁ ପୋଲିସ ସେମାନଙ୍କୁ ବାରମ୍ବାର ତାଗିଦ୍ କରାଯାଇଥିଲେ ମଧ୍ୟ ତାହାକୁ କର୍ଣ୍ଣପାତ ନକରିବା ପଛରେ କାହାର ଆର୍ଶୀବାଦ ରହିଛି ତାହା ରାଜ୍ୟ ଗୋଇନ୍ଦା ବିଭାଗ ଦ୍ୱାରା ତଦନ୍ତ କଲେ ଜଣାପଡିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ପୀରବାବା ଆସ୍ଥାନ ସ୍ଥଳ ବିବାଦର ଘଟିଲା ଅନ୍ତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଧାମନଗର ସ୍ଥିତ ବିଶିଷ୍ଟ ଧର୍ମଗୁରୁ ପୀରବାବା ହଜରତ ମୁଜାହିଦ-ଇ-ମିଲତଙ୍କ ପବିତ୍ର ଆସ୍ଥାନ ସ୍ଥଳ (ଖାନକା ସରିଫ)ର ଗେଟ୍‌ରେ ତାଲା ପକାଇବାକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଶେଷରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୋଲିସ ଓ ଜିଲ୍ଲା ପ୍ରଶାସନର ମଧ୍ୟସ୍ଥତାରେ ଧାମନଗର ଥାନାରେ ଉଭୟ ପକ୍ଷକୁ ନେଇ କରାଯାଇଥିବା ଆଲୋଚନା ସଫଳ ହେବା ସହ ବିବାଦର ସମାଧାନ ହୋଇଛି। ସୂଚନାଯୋଗ୍ୟ ଯେ, ଖାନକା ସରିଫର ପୂର୍ବତନ ମତଓଲି ସୟଦ ଗୋଲାମ ମହମ୍ମଦ ହବିବିଙ୍କର ଗତ ୨୦୨୫ ଡିସେମ୍ବର ୨୮ ତାରିଖରେ ଦେହାନ୍ତ ହେବାପରେ ତାଙ୍କ ପୁତ୍ର ସୟଦ ହବିବିରଜା ହବିବି ମତଓଲି ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ପୂର୍ବତନ ମତଓଲିଙ୍କ ସାନଭାଇ ସୟଦ ଗୋଲାମ ଅହେମଦଙ୍କୁ ନେଇ ପରିବାର ଓ ଅନୁଷ୍ଠାନ ମଧ୍ୟରେ ବିବାଦ ସୂତ୍ରପାତ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଗୋଲାମ ଅହେମଦ ପ୍ରାୟ ୧୨ ବର୍ଷ ପୂର୍ବେ ଏକ ଚିଟ୍‌ଫଣ୍ଡ ମାମଲାରେ ପାଖାପାଖି ୧୭ କୋଟି ଟଙ୍କା ହଡ଼ପ୍ କରି ଫେରାର୍ ଥିଲେ। ଭାଇଙ୍କ ମୃତ୍ୟୁ ପରେ ସେ ଘରକୁ ଫେରିଥିଲେ ମଧ୍ୟ ତାଙ୍କ ନାମରେ ଥିବା ଏହି ଆର୍ଥିକ ଦୁର୍ନୀତି କଳଙ୍କ ଯୋଗୁ ପରିବାର ଲୋକେ ତାଙ୍କୁ ଗ୍ରହଣ କରିନଥିଲେ। ଏହି ବିବାଦ କାରଣରୁ ଗୋଲାମ ଅହେମଦ ଖାନକା ସରିଫର ୩ ନମ୍ବର ଗେଟ୍ ନିକଟରେ ‘ଏମ୍.ଏନ୍. କ୍ଲବ୍’ ଗଠନ କରି ସେଠାରେ ବସାଉଠା କରିଥିଲେ। ଫଳରେ ଗେଟ୍ ସମ୍ମୁଖରେ ଭିଡ଼ ଜମି ରହିବାରୁ ଉର୍ସ କମିଟି ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ୩ ନମ୍ବର ଗେଟ୍‌ରେ ତାଲା ପକାଇ ଅନ୍ୟ ଦୁଇଟି ଗେଟ୍ ଖୋଲାଯାଇଥିଲା। ଏହାକୁ ବିରୋଧ କରି ‘ଏମ୍.ଏନ୍. କ୍ଲବ୍’ର ସଦସ୍ୟମାନେ ଖାନକାର ସମସ୍ତ ଗେଟ୍‌ରେ ତାଲା ପକାଇଦେଇଥିଲେ। ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ଉପସ୍ଥିତିରେ ହଜାର ହଜାର ଭକ୍ତଙ୍କ ସମାଗମରେ ପାଳିତ ହେଉଥିବା ଏହି ପବିତ୍ର ଧର୍ମପୀଠରେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ଧାମନଗର ପୋଲିସ ପହଞ୍ଚିଥିବା ବେଳେ ପୋଲିସ ଓ ଉତ୍ତେଜନାକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ପରିସ୍ଥିତି ଜଟିଳ ହେବାରୁ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏଡିସିନାଲ୍ ଏସ୍‌ପି) ଅଂଶୁମାନ ଦ୍ୱିବେଦୀ ଧାମନଗର ଥାନାରେ ପହଞ୍ଚିଥିଲେ। ସେଠାରେ ଉଭୟ ପକ୍ଷରୁ ୧୦ ଜଣ ଲେଖାଏଁ ମୁରବୀ ଓ ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୪୭ ବର୍ଷ ଧରି ଯେଉଁ ନୀତିନିୟମ ଓ ପରମ୍ପରା ଅନୁଯାୟୀ ଏହି ଅନୁଷ୍ଠାନ ପରିଚାଳିତ ହୋଇଆସୁଛି, ସେହି ପୂର୍ବ ସ୍ଥିତି ବଜାୟ ରଖିବାକୁ ଉଭୟ ପକ୍ଷ ସମ୍ମତି ପ୍ରକାଶ କରିଛନ୍ତି। ଏଥିସହ ଭବିଷ୍ୟତରେ କେହି କାହାକୁ ଆକ୍ଷେପ କରି କହିବେନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସମ୍ପୂର୍ଣ୍ଣ ଶାନ୍ତ ପଡ଼ିଛି। ଏଭଳି ଏକ ପବିତ୍ର ଶାନ୍ତିପୂର୍ଣ୍ଣ ଧର୍ମକ୍ଷେତ୍ରର ବାତାବରଣକୁ ଅଶାନ୍ତ ନକରିବା ପାଇଁ ପ୍ରଶାସନ ତରଫରୁ ସମସ୍ତଙ୍କୁ ନିବେଦନ କରାଯାଇଛି।

# ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣୀ ଅଞ୍ଚଳର ବହିରା ଗ୍ରାମର ଜଣେ ୫୫ ବର୍ଷୀୟ ଯୁବକଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହେବା ପରେ ବାଉଁଶୁଣୀ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଆଣିଛି । ମିଳିଥିବା ସୂଚନା ଅନୁଯାୟୀ ବହିରା ଗ୍ରାମର ସୁଶାନ୍ତ ମାଝୀ ଶନିବାର କୌଣସି କାମରେ ବ୍ରାହ୍ମଣୀପାଲି ପଞ୍ଚାୟତ ତରଭା ଗ୍ରାମକୁ ଯାଇ ମଧ୍ୟାହ୍ନରେ ଘରକୁ ଫେରୁଥିବା ସମୟରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ରଙ୍ଗ ମାଟିଆ ନିକଟରେ ଅସୁସ୍ଥ ଅନୁଭବ କରିଥିଲେ । ଖବରପାଇ ପରିବାର ଲୋକେ ଉଦ୍ଧାର କରି ତାଙ୍କୁ ବାଉଁଶୁଣୀ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।



# ଲୁଣା ଓ ଚିତ୍ରୋତ୍ପଳା ବ୍ରିଜ୍ ନିର୍ମାଣରେ ବ୍ୟାପକ ଅନିୟମିତା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

୨୪ ତାରିଖରେ ପୂର୍ତ୍ତ ବିଭାଗ ସମସ୍ତ ଅଧିକ୍ଷଣ ଯନ୍ତ୍ରୀ ମାନଙ୍କୁ ଚିଠି କରିଥିଲା ଯେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ କରାଯିବନାହିଁ । କିନ୍ତୁ ସବୁ ନିୟମକୁ ଫୁ କରି କେନ୍ଦ୍ରାପଡ଼ା ପୂର୍ତ୍ତ ଡିଭିଜନ୍ -୨ ଅଧୀନରେ ନିର୍ମାଣଧୀନ ଥିବା ଅସୁରେଶ୍ୱର ଠାରେ ଲୁଣା ନଦୀ ସେତୁ ନିର୍ମାଣ ପାଇଁ ଅତ୍ୟନ୍ତ ଅମାନୁଷିକ ଭାବେ ଠିକା ସଂସ୍ଥା ଶ୍ରମିକମାନଙ୍କୁ ଦିନ ୧୨ଟାରେ ଲୁଣନଦୀରେ ପାଇଲିଙ୍ଗ କାର୍ଯ୍ୟ ସହିତ ଲୁହା ରଡ଼ ଝଳେଇ କାର୍ଯ୍ୟ ମଧ୍ୟ ଜୋର୍‌ଜବରଦସ୍ତ କରାଉଛି। ସମ୍ପୃକ୍ତ ସଂସ୍ଥା ମଧ୍ୟ ଚିତ୍ରୋତ୍ପଳା ନଦୀରେ ଜନାର୍ଦ୍ଦନପୁରରୁ କୁଳିଆ ସେତୁର ନିର୍ମାଣ ଦାୟିତ୍ୱରେ ଅଛି । ଗତ କିଛି ଦିନ ତଳେ ପିଲାର ସେଣ୍ଟରିଙ୍ଗ ବେଳେ ନଦୀ ପାଣିରେ ଖସିପଡି ଜଣେ ଶ୍ରମିକର ମୃତ୍ୟୁ ଘଟିଥିଲା । ଶ୍ରମିକ ମାନଙ୍କୁ କୌଣସି ସେଫ୍‌ଟି କିଟ୍ ମଧ୍ୟ ଠିକା ଦେଇନାହିଁ। ସଂସ୍ଥା ଉତ୍ତରପ୍ରଦେଶ, ଛତିଶଗଡ଼, ବିହାର, ପଶ୍ଚିମ ବଙ୍ଗ ଏବଂ ଓଡ଼ିଶାର ଶ୍ରମିକମାନେ ଏହି ପୋଲ କାର୍ଯ୍ୟରେ ନିୟୋଜିତ ଥିଲାବେଳେ ଶ୍ରମିକ ଆଇନ୍ ଏବଂ ଏବେ ପୂର୍ତ୍ତ ବିଭାଗ ଦ୍ୱାରା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି କରାଯାଇଥିବା ନିର୍ଦ୍ଦେଶନାମାକୁ କେମିତି ଠିକା ସଂସ୍ଥା ବେଖାତିର କରିପାରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ନିର୍ଦ୍ଦେଶନାମା ସମ୍ପୃକ୍ତ ଠିକା ସଂସ୍ଥାକୁ ଜଣାଇଦିଆଯାଇଛି, ତେବେ କେଉଁ ସ୍ଥିତିରେ ସଂସ୍ଥା ବେନିୟମ ଭାବେ କାମ କରୁଛି ତାହାର ବିଧି ବଦ୍ଧ ତଦନ୍ତ ହେବା ଆବଶ୍ୟକ।

## ୩୦ରୁ ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ

# ଏସ୍‌ଆଇଆର୍ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ନିର୍ଦ୍ଦେଶ

**କେନ୍ଦୁଝର, ନ୍ୟୁଜ୍**



ରାଜ୍ୟରେ ଆସନ୍ତା ମଇ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପଲନଙ୍କ ଅଧ୍ୟକ୍ଷତାରେ ଆଭାସୀ (ଭର୍ଚ୍ୟୁଆଲ୍) ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ମାନେ ସାମିଲ୍ ହୋଇଥିଲେ। ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ଏସ୍‌ଆଇଆର୍ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସେ କହିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ବିଏଲ୍‌ଓମାନେ ଘରକୁ ଘର ବୁଲି ସର୍ଭେ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସୋସିଆଲ ମିଡିଆରେ ଏସ୍‌ଆଇଆର୍‌କୁ ନେଇ ପ୍ରସାରିତ ହେଉଥିବା ଯେକୌଣସି ଅପପ୍ରଚାରର ତୁରନ୍ତ ମୁକାବିଲା କରିବାକୁ ଏହି ଆଭାସୀ ବୈଠକରେ ଚେତାବନୀ ଦିଆଯାଇଛି। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ସୋସିଆଲ ମିଡିଆରେ କୌଣସି ପ୍ରକାର ଭ୍ରମାତ୍ମକ ସୂଚନା କିମ୍ବା ଗୁଜବ ଯେପରି ନ ବ୍ୟାପେ, ସେଥିପାଇଁ ପ୍ରତ୍ୟେକ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ତୀକ୍ଷ୍ଣ ନଜର ରଖିବେ। କୌଣସି ଅପପ୍ରଚାର ନଜରକୁ ଆସିଲେ, ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ତାର ସତ୍ୟାସତ୍ୟ ଉପସ୍ଥାପନ କରାଯାଇ ଖଣ୍ଡନ କରାଯିବ। ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମକୁ ସ୍ଥାନୀୟ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ, ଯାହାଦ୍ୱାରା ଗ୍ରାମାଞ୍ଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ। ଏହା ସହିତ ଘରକୁ ଘର ବୁଲି ହେବାକୁଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ। ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପଲାଇନ୍ ନମ୍ବରର ବ୍ୟାପକ ପ୍ରଚାର କରାଯିବ। ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପାଇଁ ଏକ କଲ୍ ମଧ୍ୟ ବୁକ୍ (Book a call) କରିପାରିବେ। ଭୋଟର ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହାର କିପରି ବହୁଳ ଭାବରେ ପ୍ରଚାର ପ୍ରସାର କରାଯାଇପାରିବ ସେ ଉପରେ ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ସମସ୍ତ ଜିଲ୍ଲାର ମିଡ଼ିଆ ସେଲ୍, ସୋସିଆଲ ମିଡ଼ିଆ ସେଲ୍‌ର ମୁଖ୍ୟ ଓ ଡିଆଇପିଆର୍‌ଓ ମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ନିର୍ବାଚନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଡେପୁଟି କଲେକ୍ଟର (ନିର୍ବାଚନ) ଓ ନୋଡାଲ୍ ଅଫିସରମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସହ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ସକ୍ରିୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପଲନଙ୍କ ସମେତ ଡ଼େପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବରଗଡ଼ ଓ ପଦ୍ମପୁର ଉପଖଣ୍ଡ ପାଇଁ ସାଂସଦଙ୍କ ପ୍ରତିନିଧି ଭାବେ ଲିପ୍‌ସିତ ମିଶ୍ର ଓ ପ୍ରୀତମ ମେହେର ମନୋନୀତ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ବରଗଡ଼ ଓ ପଦ୍ମପୁର ଉପଖଣ୍ଡ ପାଇଁ ତାଙ୍କ ପ୍ରତିନିଧି ଭାବେ ଲିପ୍‌ସିତ ମିଶ୍ର ଓ ପ୍ରୀତମ ମେହେରଙ୍କୁ ମନୋନୀତ କରିଛନ୍ତି। ଏହା ଜାଣିବା ପରେ ବରଗଡ଼ ଓ ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ବିଜେପି କର୍ମକର୍ତ୍ତା ଓ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ସାଂସଦ ଶ୍ରୀ ପୁରୋହିତଙ୍କ ଅନୁମୋଦିତ କରିଥିବା ମନୋନୀତ ପତ୍ରକୁ ଉଭୟେ ବରଗଡ଼ ଜିଲ୍ଲାପାଳଙ୍କୁ ଭେଟି ପ୍ରଦାନ କରିଛନ୍ତି। ସାଂସଦ ଶ୍ରୀ ପୁରୋହିତ ଉଭୟଙ୍କୁ ତାଙ୍କ ପ୍ରତିନିଧି ଭାବେ ମନୋନୀତ କରିଥିବାରୁ ପ୍ରଥମେ ସାଂସଦଙ୍କୁ ଉଭୟେ ପ୍ରତିନିଧି କୃତଜ୍ଞତା ଜଣାଇବା ସହ ଦଳୀୟ କର୍ମକର୍ତ୍ତା ଓ କର୍ମୀ ସଦସ୍ୟ ମାନଙ୍କ ସମ୍ପୂର୍ଣ୍ଣ ସହଯୋଗର କାମନା କରିଛନ୍ତି। ଲିପସିତ ମିଶ୍ର ଓ ପ୍ରୀତମ ମେହେର ସାଂସଦଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇଥିବାରୁ ଉଭୟଙ୍କୁ ଶୁଭେଚ୍ଛାର ସହ ସୁଅ ଛୁଟିଛି।

# ୨୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ:୪ ଗିରଫ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ମହାନଦୀ ବ୍ରିଜ୍ ଛକ ନିକଟରୁ ସନ୍ଧ୍ୟାରେ ୨୬ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ ମାମଲାର ୪ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ବୌଦ୍ଧ ପୋଲିସ । ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟାରେ ବୌଦ୍ଧ ପୋଲିସ ଗୋଟିଏ ଅଟୋ ସହ ୨୬ ଗ୍ରାମ୍ ବ୍ରାଉନ୍‌ସୁଗାର, ୩ ଟି ମୋବାଇଲ୍ ଫୋନ୍, ନଗଦ ୨ ହଜାର ଟଙ୍କା ସହ ୪ ଜଣଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଥାନା ଆମଠାପଡା ଗ୍ରାମର ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପୋବାଲିର ପ୍ରମେଶ କହଁର୍, ବୌଦ୍ଧ ଇରିଗେସନ୍ କଲୋନୀର ମଦନ ନାଏକ ଓ ମାଳୀ ସାହିର ଗୋପାଳ ବେହେରା। ସମସ୍ତଙ୍କୁ ଏନ୍‌ଡିପିସି ଆକ୍ଟରେ ଗିରଫ କରି ବୌଦ୍ଧ ପୋଲିସ କୋର୍ଟ ଚାଲାଣ କରିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୮।୦୫।୨୦୨୬, ଜୈଷ୍ଠ (ମଳ) ଦି୧୪ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୧୦ ଚନ୍ଦ୍ରୋଦୟ- ଦିଘ ୩।୫୪।୧୩**


**ଦ୍ୱାଦଶୀ-** ପ୍ରାଘ ୭।୫୯ ପର୍ଯ୍ୟନ୍ତ। ଚିତ୍ରା ନକ୍ଷତ୍ର ଦିଘ ୮।୦୯ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଓ ମସୁର ଡାଲି ପ୍ରାଘ ୭।୫୯ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୩ ଗତେ ଦିଘ ୬।୦୫ ମଧ୍ୟେ। ଦିଘ ୯।୩୫ ଗତେ ଦିଘ ୧୧।୧୯ ମଧ୍ୟେ। **ପର୍ବୋତ୍ସବ-** ଶିବ ପ୍ରଦୋଷ ବ୍ରତ, ଇଦ୍-ଉଲ୍-ଜୁହା ।



**ମେଷ:** କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହ ମତାନ୍ତର ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ସାମାନ୍ୟ ଅଧିକ ହେବ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିବାର ସୂଚନା ରହିଛି ।



**ବୃଷ:** ପ୍ରତିଯୋଗିତାରେ ସଫଳତା ହାସଲ ହେବ। ଖର୍ଚ୍ଚର ପରିମାଣ ବଢ଼ିବ। ମାନସିକ ସ୍ଥିତି ସେତେ ଭଲ ରହିବନାହିଁ। ଘରେ ଅସନ୍ତୋଷ ଦେଖାଦେବ। ଠକାମିର ଶିକାର ହେବାର ସୂଚନା।




**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଧନ ଲାଭ ହେବାର ସୂଚନା। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।



**କର୍କଟ:** କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରି ଉପକୃତ ହେବେ। ମାଲିମୋକଦ୍ଦମା କ୍ଷେତ୍ରରେ ସୁଫଳ ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବ।




**ସିଂହ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ। ମନ ଅସ୍ଥିର ରହିବ । ପରିଶ୍ରମର ମାତ୍ରା ଅଧିକ ହେବ। ଖର୍ଚ୍ଚର ମାତ୍ରା ବଢ଼ିବ। ଘରେ ସୁଖ ଲାଭ ହେବ ।



**କନ୍ୟା:** ବେପାର ବାଣିଜ୍ୟ କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟାର ସମାଧାନ ଘଟିବ। ଆୟ ଓ ବ୍ୟୟ ସମାନ ରହିବ। କଚେରୀ ମାମଲାରେ ସୁଫଳ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ ।



**ତୁଳା:** ଆଜି କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ଦେଖାଦେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ବିଛା:** ବ୍ୟବସାୟରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ଘରେ ସୁଖ ଶାନ୍ତି ଲାଭ ହେବ। କଚେରୀ ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ବନ୍ଧୁ ମହଲରେ ପ୍ରଶଂସିତ ହୋଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରୋଜଗାରର ପରିମାଣ ସ୍ଥିର ରହିବ। ପରୋପକାର କରି ଆନନ୍ଦିତ ହେବେ ।



**ମକର:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ସତକଥା କହି ନିଜର ଲୋକଙ୍କ ପାଖରେ ଅପ୍ରିୟ ହୋଇପାରନ୍ତି। ରୋଜଗାର ଭଲ ହେବ। ଘରେ ଅଶାନ୍ତି ଦେଖାଦେବାର ସୂଚନା ।



**କୁମ୍ଭ:** ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ। ହଠାତ୍ ଶୁଭ ଖବର ମିଳିପାରେ। ଅଧିକ ଭ୍ରମଣ ହେତୁ କ୍ଲାନ୍ତି ଅନୁଭବ କରିବେ। ଆୟରେ ଉନ୍ନତି ଦେଖାଦେବ। ଘରେ ସୁଖ ଲାଭ କରିବେ ।



**ମୀନ:** ଚାକିରୀକ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ। ନିର୍ମାଣଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୯।୦୫।୨୦୨୬, ଜୈଷ୍ଠ (ମଳ) ଦି୧୫ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୦୮।୫୯ ଚନ୍ଦ୍ରୋଦୟ- ଦିଘ ୪।୪୭।୧୧**

**ତ୍ରୟୋଦଶୀ-** ଦିଘ ୯।୫୩ ପର୍ଯ୍ୟନ୍ତ। ସ୍ୱାତୀ ନକ୍ଷତ୍ର ଦିଘ ୧୦।୫୦ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୯।୫୩ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୫ ଗତେ ଦିଘ ୬।୫୮ ମଧ୍ୟେ। ଦିଘ ୧୨।୧୨ ଗତେ ଦିଘ ୧୨।୪୯ ମଧ୍ୟେ। **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଖୁଚୁରା ମୁଦ୍ରାସ୍ଫୀତି ୫% ବଢ଼ିପାରେ

ଇନ୍ଧନ ଦର ବୃଦ୍ଧି ଏବଂ ସୁନା ରୁପା ଉପରେ ଅଧିକ ଆମଦାନି ଶୁଳ୍କ ଜୁନ୍ ସୁଦ୍ଧା ଖୁଚୁରା ମୁଦ୍ରାସ୍ଫୀତିକୁ ୫%କୁ ଟେଳିବ। ଏଭଳି ଆଶଙ୍କା ପ୍ରକାଶ କରିଛନ୍ତି ଅର୍ଥନୀତିଜ୍ଞ । ତେବେ ଇନ୍ଧନ ଦର ବୃଦ୍ଧିର ପ୍ରଭାବ କମିବା ପର୍ଯ୍ୟନ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ସତର୍କତା ଅବଲମ୍ବନ କରି ମୁଦ୍ରାସ୍ଫୀତି ନିଷ୍ପତ୍ତି ନେବ ବୋଲି ଏମାନେ ପ୍ରକାଶ କରିଛନ୍ତି । ୧୧ ଦିନ ମଧ୍ୟରେ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଦର ପାଖାପାଖି ୮ ଟଙ୍କା ମହଙ୍ଗା ହୋଇଗଲାଣି। ମେ' ୧୫ରୁ ଦରବୃଦ୍ଧି ଟ୍ରେଣ୍ଡ୍ ଆରମ୍ଭ ହୋଇଥିଲା । ସେବେଠାରୁ ୪ ଥର ବଢ଼ିଛି ଇନ୍ଧନ ଦର । ଇନ୍ଧନ ଦର ବଢ଼ିବା ଦ୍ୱାରା ଆଗକୁ ଦରଦାମ ସ୍ଥିତି ଉତ୍କଟ ହେବ, ଯାହାକି ମୁଦ୍ରାସ୍ଫୀତିକୁ ଉପରମୁହାଁ କରିବ ବୋଲି ପ୍ରକାଶ କରିଛନ୍ତି ଅର୍ଥନୀତିଜ୍ଞ।

ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ଯୋଗୁ ଏହି ଦୁଇ ଇନ୍ଧନ ଉପରେ ନିର୍ଭରଶୀଳ କ୍ଷେତ୍ରଗୁଡ଼ିକ ଭୟଙ୍କର ଭାବେ ପ୍ରଭାବିତ ହେବେ । ପରିବହନ, ଷ୍ଟୋରେଜ ଏବଂ କିଛିକାଂଶରେ ଇଲେକ୍ଟ୍ରିସିଟି କ୍ଷେତ୍ର ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ବିଶେଷଜ୍ଞ । ଅନ୍ୟପକ୍ଷରେ, ଅଣଜରୁରୀ ଆମଦାନିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ମେ' ୧୩ରେ ସୁନା ଏବଂ ରୁପା ଉପରେ ଆମଦାନି ଶୁଳ୍କକୁ ୧୫%କୁ ବୃଦ୍ଧି କରିଛନ୍ତି । ଏହା ମଧ୍ୟ ମୁଦ୍ରାସ୍ଫୀତି ଉପରେ ଚାପ ପକାଇବ ବୋଲି ଅର୍ଥନୀତିଜ୍ଞମାନେ ପ୍ରକାଶ କରିଛନ୍ତି । ଇନ୍ଧନ ଦରରେ ହାରାହାରି ୮ ଟଙ୍କା ବୃଦ୍ଧି ଦ୍ୱାରା ଖୁଚୁରା ମୁଦ୍ରାସ୍ଫୀତିରେ ପ୍ରାୟ ୭୫ ବେସିସ୍ ପଏଣ୍ଟ ବୃଦ୍ଧି ଘଟିବ । ୨୦୨୬ ମେ'ରେ ଖାଉଟି ମୂଲ୍ୟ ସୂଚକାଙ୍କଭିତ୍ତିକ ମୁଦ୍ରାସ୍ଫୀତି ୪ରୁ୪.୫% ଏବଂ ଜୁନ୍‌ରେ ୪.୫ରୁ ୫% ମଧ୍ୟରେ ରହିବ ବୋଲି ଇଓ୍ୱାଇ ଇଣ୍ଡିଆର ମୁଖ୍ୟ ପଲିସି ଆଡ୍‌ଭାଇଜର ଡି.କେ. ଶ୍ରୀବାସ୍ତବ ପ୍ରକାଶ କରିଛନ୍ତି । ମେ'ମାସର ସିପିଆଇ ବା ଖାଉଟି ମୂଲ୍ୟ ସୂଚକାଙ୍କଭିତ୍ତିକ ମୁଦ୍ରାସ୍ଫୀତି ଜୁନ୍ ୧୨ରେ ଜାରି ହେବ । ବର୍ତ୍ତମାନ ସ୍ଥିତିରେ ଇନ୍ଧନ ଦର ସ୍ୱାଭାବିକ ସ୍ତରକୁ ଆସିବା ପର୍ଯ୍ୟନ୍ତ ଆରବିଆଇ ଓ୍ୱେଟ୍ ଆଣ୍ଡ୍ ଓ୍ୱାଚ୍ ମୋଡ୍‌ରେ ରହିବ । ଅର୍ଥାତ୍ ମୁଦ୍ରାନୀତି ବୈଠକରେ ସୁଧ ହାର ନିଷ୍ପତ୍ତି ନେବା ବେଳେ ଏହା ସତର୍କତା ଅବଲମ୍ବନ କରିବ । ଇନ୍ଧନ ଦରର ପ୍ରଭାବ ସମୀକ୍ଷା କରିବା ପାଇଁ ଏହା ଅନ୍ୟୁନ ଗୋଟିଏ ତ୍ରୟମାସ ଅପେକ୍ଷା କରିବ । ଯଦି ସିପିଆଇ ମୁଦ୍ରାସ୍ଫୀତି ୫% ପାର କରେ ଏବଂ ବୃଦ୍ଧି ଧାରା ଜାରି ରୁହେ ତେବେ ଆରବିଆଇ ସୁଧ ହାରକୁ କଡ଼ାକଡ଼ି କରିବା ଆରମ୍ଭ କରିବ ବୋଲି କହିଛନ୍ତି ଶ୍ରୀବାସ୍ତବ । ଇଣ୍ଡିଆ ରେଟିଙ୍ଗ୍‌ସ ଆଣ୍ଡ୍ ରିସର୍ଚ୍ଚର ନିର୍ଦ୍ଦେଶକ ମେଘା ଆରୋରା କହିଛନ୍ତି ଯେ, ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୪% ପାର କରିପାରେ କିନ୍ତୁ ଏହା ଆରବିଆଇର ନିର୍ଦ୍ଧାରିତ ସୀମା ମଧ୍ୟରେ ରହିବ । ଫଳରେ ସୁଧ ହାର ଅପରିବର୍ତ୍ତିତ ରହିପାରେ । ମେ' ମଧ୍ୟଭାଗରୁ ପେଟ୍ରୋଲ ଏବଂ ଡିଜେଲ ଦରରେ ବୃଦ୍ଧି ଆରମ୍ଭ ହୋଇଛି । ମେ'ରେ ମୁଦ୍ରାସ୍ଫୀତି ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିବ । କିନ୍ତୁ ଜୁନ୍‌ରେ ସମ୍ପୂର୍ଣ୍ଣ ପ୍ରଭାବ ଦେଖିବାକୁ ମିଳିବ। ମୁଦ୍ରାନୀତି ନିଷ୍ପତ୍ତି ନେବା ସମୟରେ ଆରବିଆଇ ସିପିଆଇ ମୁଦ୍ରାସ୍ଫୀତିକୁ ଧ୍ୟାନରେ ରଖିଥାଏ । ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ସାରା ବିଶ୍ୱ ବଜାର ଏବେ ସଙ୍କଟରେ ରହିଛି । ଯୁଦ୍ଧ ବନ୍ଦ ନ ହେଲେ ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ସାର ସବସିଡି ବାବଦ ଖର୍ଚ୍ଚ ୩ ଲକ୍ଷ କୋଟି ଟଙ୍କା ଛୁଇଁପାରେ । ବଜେଟ ଅନୁମାନ ୧.୭୧ ଲକ୍ଷ କୋଟି ଟଙ୍କାରୁ ଏହା ଦୁଇ ଗୁଣା । ୟୁରିଆ, ଏଲ୍‌ଏନ୍‌ଜି ଏବଂ ଅନ୍ୟ କଞ୍ଚାମାଲ ଦର ବୃଦ୍ଧି ଯୋଗୁ ସବ୍‌ସିଡିରେ ଏଭଳି ବୃଦ୍ଧି ହେବ ବୋଲି ଆକଳନ କରାଯାଇଛି । ଇଣ୍ଡିଆନ କାଉନ୍‌ସିଲ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସ୍‌ନାଲ ଇକୋନୋମିକ ରିଲେସନର ଏକ କାର୍ଯ୍ୟକ୍ରମରେ ସାର ବିଭାଗ ସଚିବ କ୍ରିଷ୍ଣକାନ୍ତ ପାଠକ କହିଛନ୍ତି, ଦେଶ ମଧ୍ୟରେ ପର୍ଯ୍ୟାପ୍ତ ସାର ଉପଲବ୍ଧ ରହିଛି । ୨୦ ନିୟୁତ ଟନ୍‌ରୁ ଉଦ୍ଧ୍ୱର୍ ସାର ରହିଛି । ଗୋଟିଏ ଆର୍ଥିକ ବର୍ଷରେ ଭାରତ ୭୦ ନିୟୁତ ଟନ୍ ସାର ବ୍ୟବହାର କରୁଛି । ଏହା ମଧ୍ୟରେ ଅଧିକାଂଶ ହେଉଛି ନାଇଟ୍ରୋଜେନ ସାର ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ଯଶ ଲାଭ କିପରି ହୁଏ

ଶ୍ରଦ୍ଧେୟ ଭକ୍ତବୃନ୍ଦ ବିତିଯାଇଥିବା କଥାକୁ ଭୂଲିଯାଇ ଯିଏ ଆଗକୁ ଆଗକୁ ଚାଲେ ତାକୁ ସଂସାରରୁ ଯଶ ଲାଭ ପ୍ରାପ୍ତ ହୁଏ ଏବଂ ତାର ଜୟ ଜୟ କାର ହୁଏ । ପ୍ରକୃତରେ ସେ ହିଁ ବୁଦ୍ଧିମାନ ବ୍ୟକ୍ତି ହୋଇଥାଏ । ଏଇଠି ଗୋଟେ କଥା କହୁଛି-ଥରେ ବୁଦ୍ଧଦେବ ପ୍ରାତଃ ଭ୍ରମଣ ସାରି ଫେରୁଛନ୍ତି ଏହି ସମୟରେ ଜଣେ ଲୋକ ତାଙ୍କୁ ଗାଳି ଗୁଲଜ କଲା ବୁଦ୍ଧଦେବ ସେଥିପ୍ରତି କର୍ଣ୍ଣପାତ ନକରି ଉଆସକୁ ଫେରିଗଲେ କିନ୍ତୁ ପରଦିନ ସକାଳୁ ସେହି ବ୍ୟକ୍ତି ରାଜ ଉଆସରେ ଯାଇ ଗୁହାରିଆ ପଡିଛି । ବୁଦ୍ଧଦେବ ଦେଖିଲେ ଦେଖ ସେ କିଏ ଏପରି ଶୋଇଛି ତାକୁ ଉଠାଅ । ସେ ଉଠିଲା ପରେ ତାକୁ ପଚାରିଲେ ତୁମେ କାହିଁକି ଆସିଛ,ସେ କହିଲା ପ୍ରଭୁ କାଲି ମୁଁ ଆପଣଙ୍କୁ ଏତେ ତିରସ୍କାର କଲି କିନ୍ତୁ ଆପଣ ନିରବ ରହି ଚାଲିଆସିଲେ । ତାପରେ ମୁଁ କାଲିଠାରୁ ବହୁତ ମନସ୍ତାପରେ ଅଛି । ମୋତେ କ୍ଷମା କରନ୍ତୁ । ତତ୍‌କ୍ଷଣାତ୍ ବୁଦ୍ଧଦେବ କହିଲେ ଆରେ କାଲି ଠାରୁ ତୁ ସେଇଠି ବସିଛୁ । କାଲି କେତେ ପବନ ବହିଗଲାଣି,କେତେ ପାଣି ବହି ଗଲାଣି,କେତେ ଲୋକ ମରିଗଲେଣି,କେତେ ପୁଣି ଜନ୍ମ ନେଲେଣି କିନ୍ତୁ ତୁ ସେଇଠି ବସିଛୁ । ଯା,ଯା ଆଗକୁ ଯା କାଲି କଣ ହେଲା ତାକୁ ଭୂଲିଯାଇ ବର୍ତ୍ତମାନର କାର୍ଯ୍ୟ କର । ନିଶ୍ଚୟ ତୁମର ମଙ୍ଗଳ ହେବ । ତୁମେତ ଅନୁତାପର ଅଗ୍ନିରେ ଦଗ୍ଧ ହୋଇ ସୁବର୍ଣ୍ଣ ପାଲଟି ଯାଇଛ । ମୁଁ ଆଉ କଣ କ୍ଷମା କରିବି । ପ୍ରଭୁତ ତୁମକୁ କ୍ଷମା କରି ଦେଇଛନ୍ତି। ହରି ଓଁ ।

# ଜନଗଣନାର ଆବଶ୍ୟକତା





ଡାକ୍ତର ରାଜକିଶୋର ପଣ୍ଡା
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ ନଂ- ୮୧୪୪୦୪୨୯୯୭

ଦୀର୍ଘ ଅପେକ୍ଷା ପରେ ଶେଷରେ ଭାରତରେ ଜନଗଣନା ଆରମ୍ଭ ହୋଇଛି । ଏହା ହେଉଛି ଷୋହଳତମ ଜନଗଣନା। ଦେଶର ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଡିଜିଟାଲ ଭିତ୍ତିକ ଓ ଦୁଇ ପର୍ଯ୍ୟାୟ ବିଶିଷ୍ଟ ଜନଗଣନା। ୧.୪ ବିଲିଅନ୍ ବା ୧୪୦ କୋଟି ଜନତାଙ୍କର ସମ୍ପୂର୍ଣ୍ଣ ତଥ୍ୟ ଏଥିରେ ହାସଲ କରିବା ପାଇଁ ଯୋଜନା କରାଯାଇଅଛି । ଏହି ଜନଗଣନାରେ ବ୍ୟବହୃତ ହେବାକୁ ଥିବା ମୋବାଇଲ୍ ଆପ୍‌ଟି ଭାରତର ଷୋହଳଟି ଭାଷାକୁ ଯେପରି ସମର୍ଥନ କରିପାରିବ ତାହାକୁ ଆଖିରେ ରଖି ପ୍ରସ୍ତୁତ କରାଯାଇଅଛି । ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ଏହି ଜନଗଣନାର ପ୍ରଥମ ଭାଗଟି ହେଉଛି ଗୃହଗଣନା ଓ ତାଲିକାର ପ୍ରସ୍ତୁତି (House Listing and Housing Census)। ଏହା ଚଳିତ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ମାସ ଯାଏଁ ଚାଲିବ। ଏଥିରେ ଦେଶର ଜନତାଙ୍କର ଗୃହର ତାଲିକା କରାଯିବା ସହିତ, ଜଳଯୋଗାଣ ଓ ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ତଥ୍ୟକୁ ମଧ୍ୟ ଲିପିବଦ୍ଧ କରାଯିବ। ଦ୍ୱିତୀୟ ଭାଗଟି ଫେବୃୟାରୀ ୨୦୨୭ ରେ ଆରମ୍ଭ ହେବାକୁ ଥିବାବେଳେ, ଏହାକୁ ଆମେ ପ୍ରକୃତ ଜନଗଣନା ବୋଲି କହିପାରିବା। ଏଥିରେ ଲୋକମାନଙ୍କର ନାମ, ବୟସ, ଲିଙ୍ଗ, ବୈବାହିକ ସ୍ଥିତି, ଧର୍ମ, ଜାତି, ଶିକ୍ଷା, ଜୀବିକା ଓ ପ୍ରବାସ ବା ସ୍ଥାନାନ୍ତରଣ (Migration) ଉପରେ ତଥ୍ୟ ସଂଗ୍ରହ କରାଯିବାର ବ୍ୟବସ୍ଥା ରହିଛି। ଜନକଲ୍ୟାଣକାରୀ ରାଷ୍ଟ୍ର ପକ୍ଷରେ, ଜନଗଣନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଇଥାଏ। କୌଟିଲ୍ୟ ନିଜର ମହାନତମ ଗ୍ରନ୍ଥ "ଅର୍ଥଶାସ୍ତ୍ର" ରେ ଉଲ୍ଲେଖ କରିଛନ୍ତି କି, ଯେଉଁ ରାଷ୍ଟ୍ର ନିଜର ପ୍ରଜାମାନଙ୍କୁ ସୁଶାସନ ଦେବା ପାଇଁ ଇଚ୍ଛୁକ, ତା'ପାଖରେ ନିଜର ପ୍ରଜାଙ୍କର ସବିଶେଷ ବିବରଣୀ ରହିବା ଆବଶ୍ୟକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁ ରାଷ୍ଟ୍ର ଜନଗଣନା କରେ ନାହିଁ, ସେ ଅନ୍ଧକାରରେ ଶାସନ କରିଥାଏ। ମହାମାରୀ, କୋଭିଡ୍ ଓ ଅନ୍ୟ କିଛି କାରଣବଶତଃ ଭାରତର ଜନଗଣନା କ୍ଷେତ୍ରରେ ଥିବା ଅନ୍ଧକାର ପରିଶେଷରେ ଦୂର ହୋଇଛି ଓ ଗତ ଏପ୍ରିଲ୍‌ରୁ ବିଧିବଦ୍ଧ ଭାବରେ ଦେଶରେ ଏହି ପ୍ରକ୍ରିୟାଟିର ଅୟମାରମ୍ଭ ହୋଇଛି। ଯେହେତୁ ଭାରତ, ବିଶ୍ୱର ସର୍ବାଧିକ ଜନବହୁଳ ଦେଶ, କହିବା ବାହୁଲ୍ୟ ଯେ ଜନଗଣନା ପ୍ରକ୍ରିୟାଟି ମଧ୍ୟ ସେହିପରି ଏକ ବୃହତ୍ତର ଓ ଜଟିଳ ବ୍ୟାପାର। ଏଥିରେ ମାସ ପରେ ମାସ ତିରିଶ ଲକ୍ଷରୁ ଅଧିକ ଗଣନା କର୍ମଚାରୀ, ପର୍ଯ୍ୟବେକ୍ଷକ ଓ ସେନସସ୍ ଅଧିକାରୀ, ୧୪୦ କୋଟି ଭାରତୀୟଙ୍କୁ ୩୩ ଟି ପ୍ରଶ୍ନ ପଚାରିବେ। ଦେଶର ସାତ ହଜାରରୁ ଅଧିକ ସହର ଓ ଛଅଲକ୍ଷରୁ ଅଧିକ ଗ୍ରାମରେ ଚାଲିବାକୁ ଥିବା ଏହି ଜନଗଣନା ହେଉଛି ପୃଥିବୀର ସବୁଠାରୁ ବୃହତ୍ ପ୍ରଶାସନିକ ପ୍ରକ୍ରିୟା। ଏହି ପରିପ୍ରେକ୍ଷୀରେ ଜନଗଣନାର ଇତିହାସ ଉପରେ ଆଖି ପକାଇବା ମଧ୍ୟ ସମୀଚୀନ ମନେହୁଏ।

ଭାରତର ପ୍ରାଚୀନତମ ଶାସ୍ତ୍ର ଋଗ୍‌ବେଦରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ଆଠଶହ ରୁ ଛଅଶହ ମଧ୍ୟରେ ଆର୍ଯ୍ୟାବର୍ତ୍ତ ବା ଭାରତବର୍ଷରେ ଜନଗଣନାର ପ୍ରଚଳନ ଥିଲା। ମଧ୍ୟଯୁଗରେ ମୋଗଲ ସମ୍ରାଟ ଆକବରଙ୍କ ଶାସନ କାଳରେ, ପ୍ରଶାସନିକ ଦସ୍ତାବିଜ୍ ଭାବରେ ବ୍ୟବହୃତ ହେଉଥିବା ଆବୁଲ ଫଜଲଙ୍କ ପୁସ୍ତକ "ଆଇନ୍-ଇ-ଆକବରୀ" ରେ ମଧ୍ୟ ତତ୍କାଳୀନ ସମୟର ଜନଗଣନା ତଥ୍ୟ ସବୁ ଲିପିବଦ୍ଧ ରହିଛି। ଆଧୁନିକ ସମୟକୁ ଦେଖିଲେ, ୧୮୦୦ ମସିହାରେ ଇଂଲଣ୍ଡ ସର୍ବପ୍ରଥମେ ଏହାର ଜନଗଣନା ଆରମ୍ଭ କରିଥିଲା। ଭାରତ ସନ୍ଦର୍ଭରେ ଦେଖିଲେ, ବ୍ରିଟିଶ୍ ବିଦ୍ୱାନ "ଜେମ୍‌ସ ପ୍ରିନସେପ୍" ଙ୍କ ଦ୍ୱାରା ୧୮୨୪ ମସିହାରେ ଆହ୍ଲାବାଦର ଓ ୧୮୨୭ ରେ ବନାରସର ଏକ ପରୀକ୍ଷାମୂଳକ ଜନଗଣନା କରାଯାଇଥିଲା। ୧୮୩୦ ମସିହାରେ ହେନରୀ ଓ୍ୱାଲଟରଙ୍କଦ୍ୱାରା କରାଯାଇଥିବା ଢାକାର ଜନଗଣନା ହେଉଛି, ଏକ ଭାରତୀୟ ସହରର ପ୍ରଥମ ପୂର୍ଣ୍ଣକାଳୀନ ଜନଗଣନା। ତେବେ ଗଭର୍ଣ୍ଣର ଜେନେରାଲ ଲର୍ଡ଼ ମେୟୋଙ୍କ ସମୟରେ କରାଯାଇଥିବା ୧୮୭୨ ମସିହାର ଜନଗଣନା ହେଉଛି ଭାରତର ପ୍ରଥମ ବିଖଣ୍ଡିତ ବା ଆଂଶିକ ଜନଗଣନା, ଇଂରାଜୀରେ ଯାହାକୁ କୁହାଯାଏ Non-Synchronous Census। ସେହିପରି ଫେବୃୟାରୀ ୧୭, ୧୮୮୧ ମସିହାରେ କରାଯାଇଥିବା ଜନଗଣନା ହେଉଛି ଭାରତର ସମ୍ପୂର୍ଣ୍ଣ ଓ ସମଗ୍ର ଜନଗଣନା (Synchronous Census)। ଏହି ଜନଗଣନା ଡବଲ୍ୟୁ.ସି. ପ୍ଲାଓଡେନ୍‌ଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ସେ ଥିଲେ ତତ୍କାଳୀନ ବ୍ରିଟିଶ୍ ଭାରତର ସେନସସ୍ କମିଶନର୍ ବା ଜନଗଣନା ଆୟୁକ୍ତ। ଉପର ବର୍ଣ୍ଣିତ ଦୁଇ ପ୍ରକାର ଜନଗଣନା ମଧ୍ୟରେ ମୌଳିକ ପାର୍ଥକ୍ୟ ଏହା ଯେ, ମାନବ ସମ୍ବଳ ଓ ସମନ୍ୱୟର ଅଭାବରୁ ଆଂଶିକଟି କରାଯାଇଥିଲାବେଳେ, ସମ୍ପୂର୍ଣ୍ଣଟି କରାଯାଇଥିଲା ସମ୍ବଳ ଓ ସମନ୍ୱୟର ସୁବନ୍ଦୋବସ୍ତ ପରେ। ସ୍ୱାଧୀନତା ପରେ ପ୍ରଥମ ଜନଗଣନା ୧୯୫୧ ମସିହାରେ ହୋଇଥିଲା ଓ ସେବେଠାରୁ ନିୟମିତ ଭାବରେ ଏହା ହୋଇ ଆସୁଛି। ଏହା ଜନଗଣନା ନିୟମ ବା ସେନସସ୍ ଆକ୍ଟ ୧୯୪୮ ଅନୁଯାୟୀ ହୋଇଥାଏ। ଏହାକୁ ପ୍ରସ୍ତୁତ କରିଥିଲେ ଭାରତର ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ଜନଗଣନାକୁ ପରିଚାଳନା କରିଥାନ୍ତି ଭାରତୀୟ ସେନସସ୍ କମିଶନର୍ ଓ ସେ ଗୃହମନ୍ତ୍ରଣାଳୟର ଅଧୀନ। ଭାରତରେ ଜନଗଣନା କେନ୍ଦ୍ର ଅଧୀନସ୍ଥ ବିଷୟ, ଯାହାକି ସମ୍ବିଧାନର ଧାରା ୨୪୬ ର ଅନ୍ତର୍ଗତ। ଏହାକୁ ସପ୍ତମ ଅନୁଚ୍ଛେଦର କ୍ରମିକ ସଂଖ୍ୟା ୬୯ ରେ ତାଲିକାଭୁକ୍ତ କରାଯାଇଅଛି। ଗୋଟିଏ ଧ୍ୟାନ ଦେବା ଭଳି ବିଷୟ ହେଉଛି କି ଜନଗଣନାରେ ପ୍ରାପ୍ତ ବ୍ୟକ୍ତିଗତ ତଥ୍ୟ ବା ଡାଟା ସମ୍ପୂର୍ଣ୍ଣ ଭାବେ ଗୋପନୀୟ। ଏପରିକି ନ୍ୟାୟାଳୟ ବା ନ୍ୟାୟିକ ମାମଲା ଓ ସୂଚନା ଅଧିକାର ଆଇନ ବଳରେ ମଧ୍ୟ ଏହାକୁ ହାସଲ କରାଯାଇପାରିବ ନାହିଁ। ସେନସସ୍ ଆକ୍ଟ ୧୯୪୮ ବଳରେ ହିଁ ଜନଗଣନାକୁ ଏହି ଗୋପନୀୟତା ପ୍ରଦାନ କରାଯାଇଛି । ଜନସାଧାରଣ, ସେନସସ୍ କର୍ମଚାରୀଙ୍କୁ ନିଜର ବ୍ୟକ୍ତିଗତ ତଥ୍ୟ ସଠିକ୍ ଭାବରେ ପ୍ରଦାନ କରିବା ପାଇଁ ଉତ୍ସାହିତ କରିବା ସକାଶେ ଏହାକୁ ଗୋପନୀୟ ରଖାଯାଇଥାଏ କିନ୍ତୁ ସାମୂହିକ ତଥ୍ୟ ଯେପରିକି ଶିକ୍ଷିତ ହାର, ଏସବୁ ଗୋପନୀୟ ନୁହେଁ। ୧୮୭୨ ମସିହାର ଜନଗଣନାରେ ମାତ୍ର ସତରଟି ପ୍ରଶ୍ନ ଥିଲା ଏବଂ "କିଏ କେଉଁଠାରେ ରହୁଛି" ଏହାଠାରୁ ଅଧିକ କିଛି ପଚରା ଯାଉନଥିଲା, ମାତ୍ର ପରବର୍ତ୍ତୀ ଜନଗଣନା ଗୁଡ଼ିକରେ ପ୍ରଶ୍ନଗୁଡ଼ିକର ସଂଖ୍ୟା ବଢ଼ିବାକୁ ଲାଗିଲା। ଯେମିତିକି ୧୯୦୧ ଜନଗଣନାରେ ଇଂରାଜୀରେ ଦକ୍ଷତା ବିଷୟରେ ପଚରାଗଲା, ଯାହାକି ଔପନିବେଶିକ ଭାରତର ଏକ ବିଶେଷ ପ୍ରାଥମିକତା ଥିଲା। ସେହିପରି ୨୦୧୧ ମସିହାରେ ଜନଗଣନାରେ ପ୍ରବାସ ବା ସ୍ଥାନାନ୍ତରଣର ଇତିହାସ (Migration History) ପ୍ରଜନନ ଧାରା, ଜୀବିକା ସମ୍ବନ୍ଧୀୟ ଓ ଶାରୀରିକ ଅକ୍ଷମତା ତଥା ବିକଳାଙ୍ଗତା ବିଷୟରେ ପ୍ରଶ୍ନମାନ ପଚରାଯାଇଥିଲା। ତେଣୁ ଏହା କହିବା ଉଚିତ୍ ହେବ ଯେ ଦେଶ ସମ୍ମୁଖରେ ଉଭା ହେଉଥିବା ପ୍ରସଙ୍ଗ ସମୂହର ପ୍ରତିଫଳନ ହେଉଛି ଜନଗଣନା। ତେବେ ଏହାର ଆବଶ୍ୟକତା କ'ଣ? ଦେଶରେ ଗତ ଦେଢ଼ ଦଶନ୍ଧି ଧରି ଶାସନ, ପ୍ରଶାସନ ତଥା ନୀତି ନିର୍ଦ୍ଧାରଣ, ୨୦୧୧ ମସିହାରେ ହୋଇଥିବା ଜନଗଣନା ଅନୁସାରେ ଚାଲିଛି। ଏହି ସମୟ ଅବଧି ମଧ୍ୟରେ କୋଟି କୋଟି ଲୋକ ନିଜର ଭିଟାମାଟିରୁ ଅନ୍ୟସ୍ଥାନକୁ ପଳାୟନ କରିଛନ୍ତି, ଜୀବିକା ବଦଳାଇଛନ୍ତି ଓ ଗାଁ ଛାଡ଼ି ସହରୀ ବାସିନ୍ଦାରେ ପରିଣତ ହୋଇଛନ୍ତି। ତେଣୁ ସହରାଞ୍ଚଳର ବିକାଶ ପାଇଁ ବିଭିନ୍ନ ନୀତି ନିର୍ଦ୍ଧାରଣରେ ଉପରୋକ୍ତ ପ୍ରବାସୀ ଜନତାଙ୍କର ସବିଶେଷ ତଥ୍ୟର ଆବଶ୍ୟକତା ରହିଛି। ଦ୍ୱିତୀୟରେ ନିର୍ବାଚନ କ୍ଷେତ୍ରର ପୁନର୍ଗଠନ। ଆଜି ପର୍ଯ୍ୟନ୍ତ ଭାରତର ବିଧାନସଭା ଓ ସଂସଦୀୟ ନିର୍ବାଚନ ମଣ୍ଡଳୀ, ପୁରାତନ ଜନଗଣନା ଉପରେ ଆଧାରିତ। ବର୍ତ୍ତମାନ ସମୟର ଭାରତର ଆଶା, ଅକାଂକ୍ଷା ଓ ଭବିଷ୍ୟତକୁ ଏହା ପୂରଣ କରିପାରୁନାହିଁ। ତେଣୁ ନୂତନ ଜନଗଣନାରୁ ପ୍ରାପ୍ତ ତଥ୍ୟ ଅନୁସାରେ ସରକାର ନିର୍ବାଚନ ମଣ୍ଡଳୀର ପୁନର୍ଗଠନ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ। ତୃତୀୟରେ ଭିତ୍ତିଭୂମି ପ୍ରକଳ୍ପ। ଜନଗଣନାରୁ ମିଳୁଥିବା ତଥ୍ୟକୁ ଆଧାର କରି ଏହା ଜାଣିହୁଏ ଯେ, କେଉଁଠାରେ ଲୋକସଂଖ୍ୟା ବଢ଼ିଛି ଓ କେଉଁଠାରେ କମିଛି। ସରକାର ଏହାକୁ ଆଧାର କରି ସ୍କୁଲ, କଲେଜ, ରାସ୍ତା ଓ ହସ୍ପିଟାଲ ଆଦି ପ୍ରକଳ୍ପ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଥାନ୍ତି। ଚତୁର୍ଥରେ ପୁଞ୍ଜି ବଣ୍ଟନ। ଜନଗଣନାକୁ ଆଧାର କରି କେନ୍ଦ୍ରୀୟ ଅର୍ଥ ଆୟୋଗ (Finance Commission), ଲୋକସଂଖ୍ୟା ଭିତ୍ତିରେ ବିଭିନ୍ନ ରାଜ୍ୟକୁ ଆବଣ୍ଟିତ ହେବାକୁ ଥିବା ଅର୍ଥର ପରିମାଣ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତି। ତେବେ ଚଳିତ ଥରର ଜନଗଣନାଟି ହେଉଛି ଜାତିଭିତ୍ତିକ। ୧୯୩୧ ମସିହାରେ ଶେଷ ଥର ପାଇଁ ଜେ.ଏଚ୍. ହଟନଙ୍କ ନେତୃତ୍ୱରେ ଦେଶରେ ଜାତିଭିତ୍ତିକ ଗଣନା ହୋଇଥିଲା। ଏହି ଜନଗଣନାରେ ୨୭୧ ମିଲିଅନ୍ ଲୋକ ଅନ୍ତର୍ଭୁକ୍ତ ହୋଇଥିଲେ। ଏହା ପାଖାପାଖି ୪୦୦୦ ଜାତିଙ୍କୁ ଚିହ୍ନଟ କରିବା ସହିତ, ଓ.ବି.ସି. ମାନଙ୍କ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରିଥିଲା। ୧୯୯୦ ମସିହାର ମଣ୍ଡଳ କମିଶନ, ଏହି ଜନଗଣନାର ତଥ୍ୟକୁ ଆଧାର କରି ହିଁ ପ୍ରସ୍ତୁତ କରାଯାଇଥିଲା।

ସରକାର ଚଳିତ ଥରର ଜନଗଣନା ପାଇଁ ୧୧୭୧୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାକୁ ସଫଳ କରାଇବା ଆମ ସମସ୍ତଙ୍କର ଦାୟିତ୍ୱ।

# ସଫଳ ସାହିତ୍ୟ ସ୍ରଷ୍ଟା ଓ ସମାଜ



ଡ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା,
ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ସତ୍ୟର ଜିଜ୍ଞାସୁ ହିଁ ସତ୍ୟବାଦୀ। ଜୀବନକୁ ଅନାବୃତ୍ତ କରି ଦେଖିବାର ସାହସ ନଥିଲେ ମଣିଷ କେବେ ବି ସତ୍ୟବାଦୀ ହୋଇ ପାରିବ ନାହିଁ। ଯାହା ଅଛି, ଯେତିକି ଅଛି ଓ ଯେଉଁଭଳି ରହିଛି, ସେତିକିକୁ ଦେଖିବା କଦାପି ସତ୍ୟକୁ ଦେଖିବାର ସମତୁଲ ହୋଇ ପାରିବ ନାହିଁ। ତଥାପି ଏକଥା ସତ୍ୟ ସେତିକି ଦେଖିବାକୁ ମଧ୍ୟ ଅନେକ ଲୋକ ସାହସ କରିପାରନ୍ତି ନାହିଁ। ଏ ସୃଷ୍ଟିରେ ସାରସତ୍ୱ ସାଧକଟିଏ ସାହସର ସହ ସମାଜର ବାସ୍ତବ ଚିତ୍ରକୁ ତା ସୃଷ୍ଟିରେ ପ୍ରକାଶ କରିଥାଏ। ସାହିତ୍ୟରେ ଅଙ୍ଗୀକାରବଦ୍ଧତା ରହିଲେ, ତାହା ଯାବତୀୟ ସଂଶୟ ଏବଂ ଯାବତୀୟ ବାଡ ଠାରୁ ଅଧିକ ବୃହତ କୌଣସି ଅମୂଲ୍ୟ ସମ୍ପଦ ସମାଜକୁ ଭେଟି ଦେଇ ପାରିବ। ଅଙ୍ଗୀକାରବଦ୍ଧ ମଣିଷ ହିଁ, ଜଣେ ସଫଳ ସ୍ରଷ୍ଟା। ସୃଷ୍ଟି ପାଇଁ ଆନନ୍ଦ ଦାୟକ ଏହି ଯେ, ଆଜି ସାରସତ୍ୱ ସ୍ରଷ୍ଟାଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ଘଟିଛି। ଆମ ସମାଜ ତଥା ଭାଷା ସାହିତ୍ୟ ପାଇଁ ଏହା ଅତ୍ୟନ୍ତ ସୁଖ ଦାୟକ ବିଷୟ ଅଟେ। ତେବେ କାଳଜୟୀ ସୃଷ୍ଟି କେତେ, ତାହା କେବଳ ସମୟ ହିଁ ସ୍ଥିର କରିପାରିବ। ଅନେକ ଦିନ ଏହି ବ୍ୟବସ୍ଥାର ଗତିଶୀଳତା ଯେମିତି ଦିଗହରା ପରି ମନେ ହେଉଛି। ପୁରାତନ ସମୟର ଲେଖକ ଓ ଆଜିର ଲେଖକଙ୍କ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି। ଆଜିକାର ଲେଖକ ମାନଙ୍କ ପାଇଁ ସବୁ ସୁବିଧା ଉପଲବ୍ଧ। ଲିଖନ ସାମଗ୍ରୀ ଠାରୁ ଆରମ୍ଭ କରି ସୂଚନା ପାଇବାର ସୁଯୋଗ ପର୍ଯ୍ୟନ୍ତ। ଆଶ୍ଚର୍ଯ୍ୟର ବିଷୟ ହେଉଛି, ପର୍ଯ୍ୟାପ୍ତ କାଗଜ, କଲମ, ବୈଦ୍ୟୁତିକ ଯନ୍ତ୍ର ଉପଲବ୍ଧ ରହିଥିଲେ ବି, ଆମ୍ଭେମାନେ ମାତ୍ର କେତେ ପୃଷ୍ଠା ଲେଖିବାରେ କ୍ଳାନ୍ତ ହୋଇ ପଡୁଛେ। ଆମର ପୂର୍ବ ସୂରୀମାନେ ତାଳପତ୍ର, ଭୂର୍ଜପତ୍ର ଓ ଧାତୁପତ୍ରର ଲେଖନୀ ସାହାର୍ଯ୍ୟରେ ଦିନରାତି ଅବିରତ ବସି ରହି କେତେ କଷ୍ଟରେ ଲେଖାମାନ ପ୍ରସ୍ତୁତ କରୁଥିଲେ। ଜଣେ ସାରସ୍ୱତ ସ୍ରଷ୍ଟାଙ୍କୁ ସମାଜ କାହିଁକି ଏତେ ସମ୍ମାନ ଅଜାଡି ଦିଏ ? ସତ୍ୟ ତ ଏଇଆ ନା - ତାଙ୍କ ସାଧନା ଓ ସୃଷ୍ଟିରେ ସମାଜ ଗଠନ, ନିୟନ୍ତ୍ରଣ, ସମାଜ ପରିବର୍ତ୍ତନ ଓ କୁସଂସ୍କାର ବିରୋଧୀ ତଥା ସଂସ୍କାରର ବାର୍ତ୍ତା ଦିଆଯାଇ ଥାଏ। ସେହି ସାଧକ ମାନେ, କିଏ ଶୁଣିଲା ନ ଶୁଣିଲା, କିଏ ନିନ୍ଦା କଲା କିଏ ପ୍ରଶଂସା କଲା, କିମ୍ବା ବାହା ବାହା ନେବାକୁ ଆଦୌ ଅପେକ୍ଷା କରୁ ନଥିଲେ। ଏସବୁ ଦିଗ ପ୍ରତି ସେମାନଙ୍କ ନିଘା ହିଁ ନଥିଲା। ନିରନ୍ତର ଲେଖି ଚାଲିବା ହିଁ ସେମାନଙ୍କର ଲକ୍ଷ୍ୟ ଥିଲା। ପାଠକ ଜଣେ ହେଉ ବା ଲକ୍ଷେ, ସବୁ ଋତୁରେ ନିରନ୍ତର ଭାବେ ସେମାନଙ୍କ ଲେଖନୀ ଅବିଚଳିତ ନହୋଇ ଦୃଢ ହେଉଥିଲା। ଆଜି ଏକବିଂଶ ଶତାବ୍ଦୀରେ ଏପରି ମନୋଭାବର ଦ୍ରୁତ ପରିବର୍ତ୍ତନ ଘଟିଛି। ସାଧକଟିଏ ତାର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇଛି। ସାହିତ୍ୟ ସାଧକ ଯଦି ତାର ଲକ୍ଷ୍ୟ ଭୁଲିଯାଏ, ତେବେ ଜୀବନ ନିରର୍ଥକ ହୋଇ ଉଠେ। ଏହି ତତ୍ତ୍ୱଟିକୁ ଗ୍ରହଣ କରିବା ଆଜିର ସ୍ରଷ୍ଟା ମାନଙ୍କ ପାଇଁ କାଠିକର ପାଠ। ଧନ, ଜନ, ଯୌବନ, କ୍ଷମତା ଓ ପ୍ରତିପତ୍ତିକୁ ନେଇ ମଣିଷ ଗର୍ବରେ ଫାଟି ପଡୁଛି। ଆମର ପୂର୍ବ ସୂରୀମାନେ ଯେଉଁ କାବ୍ୟ, କବିତା, ଗଳ୍ପ ଓ ନାଟକ ଆଦି ଭେଟି ଦେଇଛନ୍ତି, ଯାହା କାଳଜୟୀ ହୋଇ ପାରିଛି। ଅଳ୍ପ ଶିକ୍ଷିତ ତଥା ଆଦୌ ପାଠ ପଢି ନଥିବା ଭୀମଭୋଇଙ୍କ ଠାରୁ ଗଙ୍ଗାଧରଙ୍କ ପର୍ଯ୍ୟନ୍ତ, ଇତିହାସ ପୃଷ୍ଠାରେ ଆଜି ବି ଅମର ହୋଇ ରହିଛନ୍ତି। ବିକାଶର ଶୀର୍ଷକୁ ଛୁଇଁ ଆମେ ଅହଂକାରର ବଶବର୍ତ୍ତି ହୋଇଥିବା ବେଳେ, ଆଜି ଆମର ଗତି କେଉଁ ଦିଗକୁ ? ଶସ୍ତା ଲେଖା ହିଁ ଆଜି ସମାଜକୁ ପୁସ୍ତକ ବିମୁଖ କରାଇଛି। ସାହିତ୍ୟରେ ଶସ୍ତା ଲେଖା ଗୁଡିକ ସମୟ ଗର୍ଭରେ ଦିନେ ବିଲୀନ ହେବ। କେବେ ବି ତାହା କାଳଜୟୀ ହୋଇ ପାରିବ ନାହିଁ। ବ୍ୟାସକବି ଫକୀର ମୋହନ ମାତ୍ର କୋଡିଏଟି ଗଳ୍ପରେ ସାରା ଉତ୍କଳ ଭୂଖଣ୍ଡରେ ସାହିତ୍ୟ ଜଗତକୁ ଚକିତ କରିଥିଲେ। ବିଗତ କିଛି ବର୍ଷ ହେଲା ହଜାର ହଜାର ଲେଖକ ଲେଖୁଛନ୍ତି ସତ୍ୟ, ହେଲେ ସେଥିରେ ସେହି ଭାବ ଓ ସମାଜ ପରିବର୍ତ୍ତନର ଅଙ୍ଗୀକାରବଦ୍ଧତା ରହୁନାହିଁ। ସ୍ୱଳ୍ପ କେତୋଟି ହାତଗଣତି ପୁସ୍ତକକୁ ବାଦଦେଲେ, ପ୍ରାୟ ଶସ୍ତା ଲେଖା ଗୁଡିକ ଲୋକଲୋଚନରୁ ଦୂରେଇ ଯାଉଛି। ଲେଖକଟିଏ କେବଳ ନିଜର ନାମକୁ ପ୍ରତିଷ୍ଠିତ କରିବାର ପ୍ରୟାସରେ ସର୍ବଦା ବ୍ୟସ୍ତ ରହୁଛି। ସାହିତ୍ୟରେ ଏବେ ଚାଟୁକାରିତା ଅଧିକ ବଢି ଚାଲିଛି। କଳୁଷିତ ରାଜନୈତିକ ବ୍ୟବସ୍ଥା ପରି ସାହିତ୍ୟରେ ମଧ୍ୟ ଖୋସାମଦିଆଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ଯେଉଁଠି ଗୋପୀନାଥ ମହାନ୍ତିଙ୍କ ପରି ଲେଖକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ, ସେଠାରେ ବିଗତ ଦିନ ମାନଙ୍କରେ ଅତ୍ୟନ୍ତ ଦୟନୀୟ ଭାବେ ରାଜନୈତିକ ଚାପରେ ଏହି ପୁରସ୍କାରକୁ ହାତେଇବାରେ କେତେକ ସଫଳ ହୋଇଛନ୍ତି। ଗୋଟିଏ ବି କାଳଜୟୀ ପୁସ୍ତକ ଲେଖି ନଥିବା ବ୍ୟକ୍ତି ସାହିତ୍ୟରେ ବିଭିନ୍ନ ବିଭାଗର ସର୍ବୋଚ୍ଚ ଶିଖରରେ ପଦ ମଣ୍ଡନ କରିଛନ୍ତି। ସେଥିପାଇଁ ସାହିତ୍ୟରେ ପ୍ରକୃତି ସ୍ରଷ୍ଟା ମାନେ ସମ୍ମାନୀତ ନହେବା, ନିକୃଷ୍ଟ ସାହିତ୍ୟ ସୃଷ୍ଟି ହେବା ଭଳି ଅଘଟଣ ଘଟି ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟ ଜନକ ବିଷୟ ହେଉଛି, ସାହିତ୍ୟର ଏହି ଧାରାରେ କେତେକ ଗୋଷ୍ଠୀ ମଧ୍ୟ ସୃଷ୍ଟି ହୋଇଛନ୍ତି। ସାହିତ୍ୟ ଭଳି ଗୋଟିଏ ସରଳ ବିଷୟକୁ ଗୋଷ୍ଠୀବଦ୍ଧ କରିବା କେତେ ଯୁକ୍ତିଯୁକ୍ତ ତାହା ଆପଣ ମାନେ ବିଚାର କରିବେ। ସେଥିପାଇଁ ସାହିତ୍ୟିକ ବର୍ଣ୍ଣନା କରିଛନ୍ତି – 'କବି ଯା କରେ ମୂର୍ଖକୁ ସ୍ତୁତି, ତହିଁରୁ ବଡ ନାହିଁ ବିପତ୍ତି, ଏଥିକି ପ୍ରତି ଛାତିରେ କାତି, ମାରିବା ଭଲ ଯୋ'ଶସ୍ତା ଲୋକପ୍ରିୟତା, ଚାଟୁକରିତା, ଖୋସାମତି, ଗୋଷ୍ଠୀ ଗଠନ ଏସବୁ ଜଣେ ସାରସତ୍ୱ ସାଧକ ନିକଟରେ ଆଦୌ ଗ୍ରହଣୀୟ ନୁହେଁ। ଆମ ସାହିତ୍ୟିକ ମାନଙ୍କ ମଧ୍ୟରୁ ଯେଉଁମାନେ ଗହଣା ଉପରେ ଗହଣା ଲଦି ଦେଇ ସାହିତ୍ୟର ଅସଲ ଆତ୍ମା ଓ ସ୍ପନ୍ଦନକୁ ପୋତି ପକାଇବାକୁ ଚେଷ୍ଟା କରୁଛନ୍ତି, ସେମାନେ ସାହିତ୍ୟର ଅସଲ ୍କୁ ବୁଝି ନିଜକୁ ସଜାଡି ନେବା ଆବଶ୍ୟକ। ବିଗତ ଦିନର କରୋନା ମହାମାରୀ ଯେଉଁ ଅଭାବନୀୟ ଦୃଶ୍ୟ ସାରା ବିଶ୍ୱକୁ ଦେଖାଇଲା, ସେଥିରୁ ମାନବ ସମାଜ କିଛି ବି ଶିଖିଲା ନାହିଁ। କିନ୍ତୁ ସ୍ରଷ୍ଟାଟିଏ ତାର ଜୀବନ କାଳ ଭିତରେ ଏପରି କାମ କରିବା ଉଚିତ, ଯାହା ତାର ନିଜ ଅନ୍ତଚେତନାକୁ ଉଜ୍ଜୀବିତ କରିବା ଆବଶ୍ୟକ। କେବଳ କର୍ମ ହିଁ ସ୍ରଷ୍ଟାର ଯଥେଷ୍ଟ ପରିଚୟ। ଏ ଜଗତର ମଙ୍ଗଳ କାମନା ପାଇଁ ସାହିତ୍ୟିକର ସୃଷ୍ଟି। ସମାଜକୁ ପରିବର୍ତନ କରି ମାନବିକତାର ରଜ୍ଜୁରେ ସମସ୍ତ ଜଗତକୁ ବାନ୍ଧି ରଖିବା ହିଁ ଏକମାତ୍ର ଲକ୍ଷ୍ୟ।

ସାରସତ୍ୱ ସାଧକଟିଏ ତାର ଚାରିକାନ୍ଥ ଭିତରୁ ଦେଖେ ଅସରନ୍ତି ଜୀବନର ବୈଚିତ୍ର୍ୟ। ତା ପାଇଁ ସାହିତ୍ୟ ଓ ସଂସାର ଛଡା କୌଣସି ଆକର୍ଷଣ ନଥାଏ। ସାହିତ୍ୟିକ ଯଦି ଯଥେଚ୍ଛାଚାର କରନ୍ତି, ତେବେ ତାର ଅଧିକାର ଭଙ୍ଗ ହୁଏ। ଲେଖକଟିଏ ଭାବିବା ଉଚିତ, ତାର ଲେଖାର ମୂଲ୍ୟ ଅଛି ଏବଂ ସମାଜର ପାଖରେ ତାର ଦାୟବଦ୍ଧତା ରହିଛି। ସାହିତ୍ୟିକର କାମ ହେଉଛି, ଉତ୍ତରଣର ବାଟ ଦେଖାଇବା। ଅସଲରେ ସାହିତ୍ୟିକର କାମ ହେଉଛି, ନିଜକୁ ପ୍ରକାଶ କରିବା। ପ୍ରତିକାରର ଚିନ୍ତା ସାହିତ୍ୟିକର ଆଦୌ ନଥାଏ। ସେ କାମ କେବଳ ସମାଜ ସଂସ୍କାରକ ମାନଙ୍କର। ସାହିତ୍ୟିକ ନିଜକୁ ଠିକ ଭାବେ ପ୍ରକାଶ ନକଲେ, ବାସ୍ତବରେ ସେ ଯନ୍ତ୍ରଣା ପାଏ। ସୃଷ୍ଟି ପାଇଁ ନିଜ ପାଖରେ ସେ ନିଜକୁ ଜବାବ ଦେବାକୁ ପଡେ। ସମୟର ଧାରାରେ ଅନେକ ପରିବର୍ତ୍ତନ ହୋଇଛି। ସାହିତ୍ୟିକ ସ୍ରଷ୍ଟାଟିଏ କିନ୍ତୁ ସମାଜ ପାଇଁ ନିଜର ନିରନ୍ତର ଅଙ୍ଗୀକାରବଦ୍ଧତା ରଖିବା ଏକାନ୍ତ ଆବଶ୍ୟକ। ଶହେଟି ପୁସ୍ତକ ଲେଖିବା ଅପେକ୍ଷା ଖଣ୍ଡିଏ କାଳଜୟୀ ସୃଷ୍ଟି ହେଉଛି ଶ୍ରେୟସ୍କର। ଔପନ୍ୟାସିକ ଉପେନ୍ଦ୍ର କିଶୋର ଦାସଙ୍କ ଏକମାତ୍ର ଉପନ୍ୟାସ 'ମଲାଜହ୍ନ' ଆଜି ବି ଚିର ଉଜ୍ଜ୍ୱଳମୟ ହୋଇ ସାହିତ୍ୟ ଆକାଶରେ ବିରାଜମାନ କରିଛି। ସେହିପରି ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାରେ ଚନ୍ଦ୍ର' ପୁସ୍ତକ ଆଜି ପାଠକଙ୍କ ପ୍ରିୟ ହୋଇ ରହିଛି। ଏପରି ଅନେକ ଉଦାହରଣ ଓଡିଆ ସାହିତ୍ୟରେ ରହିଅଛି। ଜୀବନର ପ୍ରକୃତ ଉଦ୍ଦେଶ୍ୟ ସେତେବେଳେ ପୂରଣ ହେବ, ଯେତେବେଳେ ସାହିତ୍ୟିକଟିଏ ଶସ୍ତା ଲୋକପ୍ରିୟତା ଠାରୁ ନିଜକୁ ଦୂରେଇ ରଖିବ। ଖୋସାମତିକୁ ପରିହାର କରି ଜୀବନର ପ୍ରକୃତ ଉଦ୍ଦେଶ୍ୟକୁ ବୁଝିଲେ, ସମାଜରେ ଉପଯୁକ୍ତ ସମ୍ମାନ ଲାଭ କରିପାରିବ। ସାହିତ୍ୟକୁ ସବୁରି ଉର୍ଦ୍ଧ୍ୱରେ ରଖି ସ୍ରଷ୍ଟାଟିଏ ନିଜକୁ ସମର୍ପଣ କଲେ ତାହା ତାକୁ ସଦାସର୍ବଦା ଅମର କରି ରଖିବ। ଅଯଥା ସମ୍ବର୍ଦ୍ଧନା, ମାନପତ୍ର ପଛରେ ନଧଉଡି ନିଜର ନୀରବଛିନ୍ନ ସାହିତ୍ୟ ସର୍ଜନାରେ ମନୋନିବେଶ କଲେ ନିଶ୍ଚୟ ଆତ୍ମତୃପ୍ତି ଲାଭ ହେବ। ନାଟକ, ପ୍ରବନ୍ଧ, କବିତା, ଗଳ୍ପ ପରି ମାଧ୍ୟମରେ ସାହିତ୍ୟିକଟିଏ ଉଭୟ ବ୍ୟକ୍ତି ଓ ସମାଜ ଉପରେ ସକାରାତ୍ମକ ପ୍ରଭାବ ପକାଇବାର ସଫଳ ପ୍ରୟାସ କରିଥାଏ। ଏହି ସକାରାତ୍ମକ ପ୍ରଭାବ କେବଳ ଶାନ୍ତି, ମୈତ୍ରୀ, ପ୍ରେମ, ପାରସ୍ପରିକ ସଦଭାବ, ଭାଇଚାରା ପରି ମାନବିକତାର ମନ୍ତ୍ରର ପ୍ରସାର କରିଥାଏ। ଯୁଗେ ଯୁଗେ ସମାଜ ପାଇଁ ସଫଳ ସାହିତ୍ୟ ସ୍ରଷ୍ଟା ଅତ୍ୟାବଶୀକ। ସଫଳ ସାହିତ୍ୟ ସୃଷ୍ଟିଟିଏ ସ୍ରଷ୍ଟାଙ୍କୁ ଯୁଗ ଯୁଗ ଧରି ସ୍ମରଣୀୟ ଓ ଗୌରବାନ୍ୱିତ କରି ରଖିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



# ପିଲାଙ୍କ ମହାଭାରତ-୮୪

## ଅର୍ଜୁନଙ୍କ ରଥଚାଳକ ହେଲେ ଶ୍ରୀକୃଷ୍ଣ-୧



ନିତ୍ୟାନନ୍ଦ ପଣ୍ଡା



ରାଜା ଦ୍ରୁପଦଙ୍କ ବ୍ରାହ୍ମଣଙ୍କୁ ହସ୍ତିନାପୁରକୁ ପଠାଗଲା, ଶାନ୍ତିର ବାର୍ତ୍ତା ଦେଇ । ସେଥିସହ ଯେଉଁମାନେ ମିତ୍ରରାଜା, ସେମାନଙ୍କ ପାଖକୁ ଦୂତ ପଠାଗଲା । ଉଦ୍ଦେଶ୍ୟ, ସେମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବେ। ଅର୍ଜୁନ ନିଜେ ଗଲେ ଦ୍ୱାରକା।

ଘଟଣାକ୍ରମ ସଂପର୍କରେ ଗୁଇନ୍ଦା ଠାରୁ ସମ୍ବାଦ ରଖିଥିଲେ ଦୁର୍ଯ୍ୟୋଧନ । ସେ ମଧ୍ୟ ପ୍ରସ୍ତୁତ ରହିଥିଲେ । ଶ୍ରୀକୃଷ୍ଣ ଦ୍ୱାରକାରେ ଥିବାର ସେ ଖବର ପାଇଲେ। ତାଙ୍କୁ ଭେଟିବାକୁ ସେ ଦ୍ୱାରକା ଅଭିମୁଖେ ରଥ ଛୁଟେଇଦେଲେ।

ଏକାଦିନେ ଅର୍ଜୁନ ଓ ଦୁର୍ଯ୍ୟୋଧନ ଦ୍ୱାରକାରେ ପହଞ୍ଚିଲେ। କୃଷ୍ଣ ଶୋଇଥିଲେ। ଯେହେତୁ ଉଭୟ ତାଙ୍କର ସଂପର୍କୀୟ ସେମାନଙ୍କୁ କୃଷ୍ଣଙ୍କ ଶୟନକକ୍ଷକୁ ପ୍ରବେଶାଧିକାର ମିଳିଲା । ନିଦରୁ ଉଠିବା ପର୍ଯ୍ୟନ୍ତ ଉଭୟ ଅପେକ୍ଷାକଲେ । ଦୁର୍ଯ୍ୟୋଧନ ପ୍ରଥମେ ପ୍ରବେଶ କରିଥିଲେ କୃଷ୍ଣଙ୍କ ଶୟନ କକ୍ଷରେ। ତାଙ୍କର ମୁଣ୍ଡପଟେ ଥିବା ସିଂହାସନରେ ଦୁର୍ଯ୍ୟୋଧନ ବସିଗଲେ। ଅର୍ଜୁନ ହାତଯୋଡ଼ି ଠିଆହୋଇ ରହିଲେ କୃଷ୍ଣଙ୍କ ପାଦପଟରେ । ସମୟ ବିତିଯାଉଥିଲା। କୃଷ୍ଣଙ୍କର ନିଦ ତୁଟୁନଥିଲା ।

ହଁ, କୃଷ୍ଣଙ୍କର ନିଦ ତୁଟିଲା । ସେ ଆଖି ଖୋଲିଲେ। ଆଖି ଖୋଲିଲା ମାତ୍ରେ ତାଙ୍କର ଦୃଷ୍ଟି ପଡ଼ିଲା ଅର୍ଜୁନଙ୍କ ଉପରେ, ଯେକି ପାଦ ପାଖରେ ଠିଆ ହୋଇଥିଲେ। ସେ ଅର୍ଜୁନଙ୍କୁ ସ୍ୱାଗତ ଜଣେଇଲେ । ତା'ପରେ କଡ଼ ଲେଉଟେଇବା ପରେ ସେ ଦେଖିଲେ ଦୁର୍ଯ୍ୟୋଧନଙ୍କୁ । ତାଙ୍କୁ ମଧ୍ୟ ସେ ସ୍ୱାଗତ ଜଣେଇଲେ।

“ହଠାତ୍ ତୁମେ ଦୁହେଁ କାହିଁକି ଦ୍ୱାରକାରେ ?”- କୃଷ୍ଣ ଜାଣିବାକୁ ଚାହିଁଲେ।

ଦୁର୍ଯ୍ୟୋଧନ ପ୍ରଥମେ ମୁହଁ ଖୋଲିଲେ । କହିଲେ- ଯାହା ଜଣାପଡୁଚି, ଆମ ଭିତରେ ଯୁଦ୍ଧ ହେବ। ଆମେ ଉଭୟ ଆପଣଙ୍କର ସଂପର୍କୀୟ ଓ ସମାନ ଭାବେ ପ୍ରିୟ । ଯେହେତୁ ମୁଁ ପ୍ରଥମେ ଆସିଛି, ଆପଣ ମୋତେ ସମର୍ଥନ କରିବେ । ମୁଁ ଏଇଥିପାଇଁ ଆସିଛି । ଆଜ୍ଞା ବିଚାର କରନ୍ତୁ, ମୁଁ ପ୍ରଥମେ ଆସିଛି ।

କୃଷ୍ଣ କୋମଳ ହସ ହସିଲେ । କହିଲେ- ହେଇପାରେ ତୁମେ ପ୍ରଥମେ ଆସିଛ, କିନ୍ତୁ ମୋର ଦୃଷ୍ଟି ପ୍ରଥମେ ଅର୍ଜୁନ ଉପରେ ପଡ଼ିଛି। ସେକଥା ଛାଡ଼ା ତୁମେ ଉଭୟ ମୋର ସମାନ ପ୍ରିୟ । ତେଣୁ ଉଭୟଙ୍କୁ ମୋର ସମାନ ସାହାଯ୍ୟ ମିଳିବ । ଶୁଣ !

ତୁମ ଦୁହିଁଙ୍କ ଆଗରେ ଦୁଇ ପ୍ରକାର ସାହାଯ୍ୟ ରଖିବି । ପରମ୍ପରା ଅନୁସାରେ କନିଷ୍ଠଙ୍କୁ ପ୍ରଥମ ପସନ୍ଦ ସୁଯୋଗ ଦିଆଯିବ। ମୋର ନାରାୟଣୀ ସେନା ଗୋଟେ ପଟେ ଓ ଅନ୍ୟ ପଟରେ ମୁଁ ନିଜେ। ମୋର ନାରାୟଣୀସେନା ଯୁଦ୍ଧ କରିବେ, କିନ୍ତୁ ମୁଁ ଅସ୍ତ୍ର ଧରିବିନାହିଁ । କେବଳ ସମର୍ଥନ କରିବି। ଅର୍ଜୁନ, ତୁମର ମତ ରଖ। କ'ଣ ଚାହୁଁଚ ! ତୁମେ କନିଷ୍ଠ। ତୁମର ଅଧିକାର ସାବ୍ୟସ୍ତକର ।

କୃଷ୍ଣଙ୍କର ପାଟିରୁ କଥା ସରିଛି କି ନାହିଁ, ଅର୍ଜୁନ କହିଲେ- ଯଦିବା ତୁମେ ଅସ୍ତ୍ର ଧରିବନାହିଁ, ତଥାପି ତୁମର ସମର୍ଥନ ଆମର ଆବଶ୍ୟକ ।

ଦୁର୍ଯ୍ୟୋଧନ ଭିତରେ କିରିକିରି ହସିଲା । ଅର୍ଜୁନ ବୋକାଟେ ! ବୋକା ଠକିଗଲା । ପୂରା ନାରାୟଣୀସେନା ମୁଁ ପାଇବି । ଏହି ଭୂଖଣ୍ଡର ସବୁଠୁ ଶକ୍ତିଶାଳୀ ନାରାୟଣୀସେନା।


“ଦୁର୍ଯ୍ୟୋଧନ, ତୁମର ପସନ୍ଦ କୁହ !”- କୃଷ୍ଣ ପଚାରିଲେ ।

: ମୋର ତୁମର ଶକ୍ତିଶାଳୀ ନାରାୟଣୀସେନା ଆବଶ୍ୟକ । ଉଭୟଙ୍କ ଇଚ୍ଛା ପୂରଣ କରାଗଲା । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଆସିବ କି ଏଲନିନୋ

*ଶୁଭନାରାୟଣ ଶତପଥୀ*



ପ୍ରଶାନ୍ତ ମହାସାଗର ପୃଷ୍ଠ ଯଦି
ହୁଏ ଅଧିକ ଉଷ୍ମମ
ଆସେ ଏଲନିନୋ ଭୟଙ୍କର ରୂପେ
ବିଶ୍ୱକୁ କରି ଗରମ
ସାଧାରଣ ତାପମାତ୍ରା ବଢ଼ି ହେଲେ
ଡିଗ୍ରୀ ଦୁଇରୁ ଅଧିକ
ଆସଇ ସୁପର ଏଲନିନୋ ଆଉ
ପାଗ ହୋଇଯାଏ ଶୁଷ୍କ
ବିଶ୍ୱ ପାଣିପାଗ ହୁଏ ଛାରଖାର
ଋତୁଚକ୍ର ବାଧାପ୍ରାପ୍ତ
ଜଳବାୟୁ ଅସ୍ୱାଭାବିକ ହୁଅଇ
ଚାଷବାସ ପ୍ରଭାବିତ
ଏଥର ହୋଇଛି ପୂର୍ବ ଅନୁମାନ
ଆସିବରେ ଏଲନିନୋ
ସୁପର ହୋଇବ ଦାଉ ସାଧିଦେବ
ଦୁର୍ବଳ ହୁଅଇ ମନ
ମନକୁ ଦୁର୍ବଳ କରିବାନି କେବେ
ଆସୁ ଯେତେ ବଡ କଷ୍ଟ
ବୁଦ୍ଧି ଓ ସାହସେ ମୁକାବିଲା କଲେ
ସୁରକ୍ଷିତ ହେବା ସତ
ଉତ୍ତାପ, ମରୁଡି ସହ ଯୁଝିବାରେ
ମନ କରି ସନ୍ତୁଳିତ
ହେବନାହିଁ ଜଳ, ଖାଦ୍ୟର ଅଭାବ
ହସିବ ଦେଶ ଭାରତ।

*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ-୯୪୩୮୪୩୨୦୨୩*

# ଗ୍ରୀଷ୍ମ କାଳୀନ ଫଳ...

**ରାମଚନ୍ଦ୍ର ବେହେରା**

ତରଭୁଜ ବେଲ ଫଳ
କଷି ତାଳସଜ ପାଚିଲା ଖଜୁରି
ସୁଆଦରେ ଭରପୂର।
ଆମ୍ବ ସପୁରି ପଣସ
କେନ୍ଦୁ ଲିଚୁକୋଳି ଖାଇଲେ ସରାଗେ
ମୁହଁରେ ଫୁଟଇ ହସ।
ଆସିଲେ ଗ୍ରୀଷ୍ମ କାଳ
ହାଟ ବଜାରରେ ମିଳିଥାଏ ଏହି
ସୁଆଦିଆ ଦେଶୀ ଫଳ।
ତରଭୁଜ ଦିଏ ବଳ
ଜଳୀୟ ଅଂଶକୁ ବଢାଇ ଦିଏ ସେ
ଦେହକୁ ରଖେ ଶୀତଳ।
କଅଁଳିଆ ତାଳ ଫଳ
ପେଟ ଯନ୍ତ୍ରଣାକୁ ଦୂର କରେ ସିଏ
ପାଣି ତା'ଭାରି ମଧୁର।
ଖଜୁରି ଦିଏ ଶକତି
କେନ୍ଦୁ ଲିଚୁକୋଳି ଶରୀରକୁ ଦିଏ
ବହୁ ରୋଗରୁ ମୁକତି।
ବେଲ ଭାରି ଉପକାରୀ
ତା'ପଣା ପିଇଲେ ଦେହ ଥଣ୍ଡା ରୁହେ
ନରୁହେ ପେଟ ବିମାରି।
ଆମ୍ବ ପରା ଫଳ ରାଜା
କଂଚା ବେଳେ ଖଟା ପାଚିଗଲେ ମିଠା
ପାଟିକୁ ଲାଗଇ ମଜା।
ଫଳ ଦିଏ ଜୀବସାର
ଦେହ ଉପଯୋଗୀ ଖଣିଜ ଲବଣ
କରେ ରୋଗ ଉପଚାର।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# କାଳ ବଇଶାଖୀ

*ସୁହଂସ ଭୋଇ*

ଉହତହ ଖରା ଦିନ ଦି' ପ୍ରହରେ
ନିଛାଟିଆ ବେଳ ଦେଖି
କାହାକୁ ନ କହି ଅଚାନକ ଧାଇଁ
ଆସେ କାଳ ବଇଶାଖୀ

ଆଖି ପିଛୁଳାକେ ମାଟି ଚାଳଘର
ଗଛ ଡାଳ ପଡେ ଟଳି
କୁଆପଥରକୁ ଅଦିନିଆ ବର୍ଷା
ଅସରାଏ ଦିଏ ଢାଳି

ଚକା ଚକା ଘୁରି ଭଉଁରି ଖେଳଇ
ଝାଞ୍ଜି ପବନର ଗତି
ବାଘ ପରି ରଡି ଛାଡି ଦେଉଥାଇ
ଶୁଣି ଥରି ଉଠେ ଛାତି

ବୈଶାଖର ଟାଣ ରୌଦ୍ରତାପ ପଡି
ଭୂମି ଯେବେ ଯାଏ ତାତି
ତହିଁରେ ବାଜିଲେ ଉଷ୍ମମ ପବନ
କାଳ ବୈଶାଖୀର ସୃଷ୍ଟି

ଉଡି ବୁଲେ ଯେତେ ଶୁଖିଲା ପତର
କୁଟାକାଠି ଧୂଳି ବାଲି
ଡରି ମରି ତାକୁ ଲୋକେହିଁ କହନ୍ତି
ଖଣ୍ଡିଆଭୂତଟି ବୋଲି

ତେଣୁ ଏ ଧରାକୁ ଶୀତଳ ରଖିବା
ଗଛ ଲଗେଇବା ମିଶି
ନ ଆସିବ ଆଉ ଅଦିନେ ବତାସ
ସଭିଏଁ ରହିବା ଖୁସି ।

*ପହଣ୍ଡି ବିଜେପୁର, ବରଗଡ଼*
*ମୋ-୯୪୩୭୫୨୨୪୫୫*

# ବିଦ୍ୟାଳୟ ସଫା ରଖିବ

*ସୁରମା ମିଶ୍ର*



ଶୁଣ ପିଲାମାନେ ଶୁଣ
ଆମ ରାଜ୍ୟପାଳ ସ୍କାଉଟ ପିଲାଙ୍କୁ
ଦେଇଛନ୍ତି ପରା ଆହ୍ୱାନ ॥

ବିଦ୍ୟାଳୟ ସଫା ରଖିବ
ସାଙ୍ଗସାଥୀ ଧରି ଶ୍ରମଦାନ କରି
ମିଳିମିଶି ସଫା କରିବ ॥

ସ୍ୱଚ୍ଛ ପରିବେଶ ଗଢ଼ିବ
ଖୁସିମନେ ଯାଇ ବିଦ୍ୟାଳୟେ ବସି
ପାଠ ପଢ଼ାପଢ଼ି ସାରିବ ॥

ବିଦ୍ୟାଳୟ ଏକ ମନ୍ଦିର
ସେଇ ମନ୍ଦିରକୁ ସଜାଡ଼ି ରଖିଲେ
ତୁମେରେ ଶାନ୍ତିରେ ପଢ଼ିବ ॥

ଫୁଲଗଛ ଲଗାଇ ଦେବ
ଯେବେ ଫୁଲ ଫୁଟି ବାସ ମହକିବ
ବିଦ୍ୟାଳୟ ଶୋଭା ପାଇବ ॥

ସେବା ମନୋବୃତ୍ତି ରଖିବ
ଅସହାୟଙ୍କୁରେ ସାହାଯ୍ୟ କରିଣ
ସ୍ୱେଚ୍ଛାସେବୀଟିଏ ହୋଇବ ॥

ପରିଦର୍ଶକମାନେ ଆସି
ବିଦ୍ୟାଳୟ ଦେଖି ହୋଇବେ ଯେ ଖୁସି
ତୁମକୁ ଦେବେରେ ସାବାସି ॥

ସଭିଙ୍କ ଶୁଭେଚ୍ଛା ପାଇବ
ବିଦ୍ୟାଳୟଟିକୁ ବିଖ୍ୟାତ କରିଣ
ସବୁଠି ସମ୍ମାନ ପାଇବ ॥

*ବିଏଲ ୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଛତାରେ ଛତା



*ନୀଳମଣି ଚାନ୍ଦ*



ଗଛ ଦିଏ ଛାଇ ଛତା ଦିଏ ଛାଇ
ଥିଲେ ଯେବେ ଟାଣ ଖରା
ଖୋଲା ରହିଥିଲେ କାମରେ ଲାଗଇ
ଏଇ ନୀତି ଧରେ ପରା ।
ବରଷା ପଡ଼ିଲେ ଛତା ସାଥେ ଥିଲେ
ଜମା ଭିଜିଯିବା ନାଇଁ
ବରଷାତିଟି ତ ପ୍ରତିଦ୍ୱନ୍ଦ୍ୱୀ ହୁଏ
ବରଷା ବେଳେ ତା ପାଇଁ ।
ଦେଖିବାକୁ ଛତା କପଡ଼ାର ରଙ୍ଗ
କଳାଟି ସତରେ ସିନା
ହେଲେ ତା'ର କାମ ଭଲ, ବଡ଼ ବୋଲି
ସବୁଠି ହୁଏ ସେ ଚିହ୍ନା ।
ଛତାବାଡ଼ି ଧରି ଯାଉଥିଲେ ଲୋକେ
ଆଗେ ଯାତ୍ରା କଲା ବେଳେ
ଗାଈଆଳ ଧରେ ତାଳପତ୍ର ଛତା
ଥିଲେ ସେ ଗୋରୁଙ୍କ ମେଳେ ।
ଏବେ ଗ୍ରୀଷ୍ମ ଋତୁ ବାଟୋଇଟି ଯାଉ
ଛତାକୁ ସାଥିରେ ନେଇ
ଛତାର ପରୋପକାରୀ ଗୁଣକୁରେ
ଭୁଲି କି ପାରିବେ କେହି ।

*ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଯିବି ମାମୁଘର ବୁଲି

*ଜୟକୃଷ୍ଣ ସାହୁ*



ଖରା ମାଆ ତୁଉ ଖରେଇ ଦେ
ମୋ ହାତରେ ଛତା ଧରେଇ ଦେ
ଦେ' ଏକ ବୋତଲ ପାଣି,
ପାଦକୁ ଚପଲ ମଥାକୁ ମୋ ଟୋପି
ଦେ କଳା ଚଷମା ଆଣି।
ଖରା ଛୁଟି ପରା ହୋଇଛି ଏବେ
ଇସ୍କୁଲ ଖୋଲିବ ଜାଣିନି କେବେ
ଯିବି ମାମୁଘର ବୁଲି,
ବୁଲି ଯିବା ପାଇଁ ବାରତା ଦେଇଛି
ଆଈ ମୋର ଗଲା କାଲି।
ମାମୁଘର ମୋର ଅଳପ ବାଟ
ଗଲେ ଅଜା ଆଈ ହୋଇବେ ଭେଟ
ମାଇଁ କରିଦେବେ ଗେଲ,
ମୋତେ ଦେଖି ମାମୁ ଭାରି ଖୁସି ହେବେ
ସବୁଠାରୁ ସିଏ ଭଲ।
ମାଆ ଯିବେ ପରା ସାଥିରେ ମୋର
ମୋର ମାମୁଘର ତା' ବାପ ଘର
ଆଈ ତା'ର ନିଜ ବୋଉ,
ବାପା ବୋଉ ମୁହଁ ଦେଖିଦେଲେ ତା'ର
କିଛି ଲୋଡ଼ା ନାହିଁ ଆଉ।
ବଜାର ବୁଲେଇ ନେବେ ମୋ ଅଜା
ଖୁଆଇବେ କିଣି ପକୁଡ଼ି ଖଜା
କାନ୍ଧରେ ବସାଇ ନେବେ,
ଅଳିକଲେ ସିଏ ବ୍ୟାଟ ବଅଲ
ଖୁସିରେ କିଣେଇ ଦେବେ।

*କପିଳ ପ୍ରସାଦ, ଭୁବନେଶ୍ୱର-୨*

# ମୁଣ୍ଡ ଟେକିଲାଣି ଖରା

*ପବିତ୍ର କୁମାର ସାହୁ*



ମୁଣ୍ଡ ଟେକିଲାଣି ଖରା
ଝାଇଁ ମାରେ ଦେହ ସାରା
ନଈ ନାଳ ସବୁ ଶୁଖି ଫାଟିଲାଣି
ଜଳ ଟିକେ ଖୋଜେ ଧରା ।୧।

ଦହି ପାଣି ଟିକେ ଖୋଜା
ଗଛ ତଳେ ଗଡ଼େ ଅଜା
ଭାରି ମଜା ଲାଗେ ପେଟରେ ପଡ଼ିଲେ
ବାସି ପଖାଳକୁ ଭଜା ।୨।

ଗାଆଁ ଗଣ୍ଡା ଶୁନ୍ଶାନ
ଚାଇଁ ଚାଇଁ ଖରା ଟାଣ
ଆକାଶରୁ ନିଆଁ ବରଷୁଛି ଏବେ
ଯାଅ ନାହିଁ ବିଲ ବଣ ।୩।

ଧରିଲେଣି ବାପା ଛତା
ପିନ୍ଧିଲେଣି ପାଦେ ଜୋତା
ବଜାରକୁ ଯାଇ ଆଣିବେ ପଇଡ଼
ପିଇବ ଖୁସିରେ ରିତା ।୪।

ଘରେ ସୁରକ୍ଷିତ ରୁହ
ମାଠିଆରୁ ପାଣି ପିଅ
କାକୁଡ଼ି ଗାଜର ତରଭୁଜ ଫଳ
ମନ ଭରି ପେଟେ ଖାଅ ।୫।

ବଣରେ ଲାଗଇ ନିଆ
ଚାରିଆଡ଼େ ଖାଲି ଧୂଆଁ
ପଶୁପକ୍ଷୀ ସବୁ ଜୀବନ ବଞ୍ଚାଇ
ମାଡ଼ି ଆସିଲେଣି ଗାଆଁ ।୬।

ମଲ୍ଲୀ ଫୁଲ ବାସେ ଆହା
ସୁଲୁ ସୁଲୁ ବହେ ବାଆ
ଶୁଖିଲା ନଈରେ ନାଉରୀ ଭାଇଟି
କେମିତି ବାହିବ ନାଆ ।୭।

ମେଘ ଯେବେ ବରଷିବ
ଖରା ଧୀରେ ମଉଳିବ
ଗଛରେ ପତର ଫୁଲ ଫଳ ଧରି
ସବୁଜିମା ଭରିଯିବ ।୮।

ନ କରିବା ଆଉ ଡେରି
ଆସରେ ଗୋବିନ୍ଦ ହରି
ଘର ଅଗଣାରେ ଲଗାଇବା ଗଛ
ବହିବ ପବନ ଥିରି ।୯।

*ସଂସ୍କୃତ ଶିକ୍ଷକ, ଅତାସାହି,*
*ଆନନ୍ଦପୁର, କେନ୍ଦୁଝର*
*ମୋ- ୯୭୭୭୫୬୦୯୨୧*



# ଧନ୍ୟ ଉଭୟ ଫୁଲ

*କୀର୍ତ୍ତନ ସାହୁ*



ପାଖା ପାଖି ଦୁଇ ଫୁଲ ଯେ
ଝୁଲୁ ଥିଲେ ଡାଳରେ
ଗୋଟେ ଫୁଲ ଯାଏ ମନ୍ଦିର
ଗୋଟେ ଝୁଲି ରହେରେ ।

ଯେଉଁ ଫୁଲ ଯାଏ ମନ୍ଦିର
ପ୍ରଭୁଙ୍କ ପାଶେ ଲାଗେ
ଆର ଫୁଲ ଡାଳେ ଝୁଲଇ
କେଡେ ସୁନ୍ଦର ବାଗେ ।

ପ୍ରଭୁଙ୍କ ପାଖରେ ନିଜକୁ
ଫୁଲ ସମର୍ପି ଦିଏ
ଜୀବନ ସାର୍ଥକ ହୁଅଇ
ବୋଲି ମାନି ସେ ନିଏ ।

ଡାଳରେ ଝୁଲିବା ଫୁଲଟି
ଦିନେ ବିତରି ବାସ
ଖୁସି ଭରିଦିଏ ମନରେ
ଦୁଃଖ କରଇ ନାଶ ।

ଗୋଟେ ଫୁଲ କହେ ଆରକୁ
ଧନ୍ୟ ହୋଇଲୁ ତୁହି
ଲାଗିଲୁ ପ୍ରଭୁଙ୍କ କାମରେ
ପଡି ରହିଲି ମୁହିଁ ।

ସିଏ କହେ ପୁଣି ଏହାକୁ
ବାସ ବିତରି ଦେଉ
ଖୁସି କରି ଦେଇ ଅନ୍ୟକୁ
ତାଙ୍କ ମନ ତୁ ନେଉ ।

ଉଭୟଙ୍କ କାମ ମହାନ
ଧନ୍ୟ ଉଭୟ ପରା
ଫୁଲ ପାଇଁ ହସେ ପ୍ରକୃତି
ହସି ଉଠଇ ଧରା ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*



# ବରଗଛ ଛାଇ

*ପ୍ରଶାନ୍ତ କୁମାର ଦାଶ*

ବରଗଛ ତଳେ ଶୀତଳ ଛାଇ
ବସିଯାଏ ଆସି ବାଟୋଇଭାଇ
ପ୍ରକୃତି କରିଛି ଗଛକୁ ଠିଆ
ରହିଛି ସେ ପାତି ବିଶାଳ ହିଆ
ବରଗଛ ସହି ଖରାର ମାଡ
ଛୋଟରୁ ହେଇଚି ମାଟିରେ ବଡ଼
ବରଗଛ ଦିଏ ଥଣ୍ଡା ପବନ
ସେତ ରଖିଥାଏ ଆମ ଜୀବନ
ପିଲାଏ ତା ତଳେ ଖେଳନ୍ତି ଖେଳ
ପକ୍ଷୀ ବାହୁଡନ୍ତି ବୁଡିଲେ ବେଳ
ଚରା ବୁଲା ସାରି ହାଲିଆ ହୋଇ
ତା ଡାଳ ବସାରେ ପଡନ୍ତି ଶୋଇ
ବରଗଛ କହେ ଅତୀତ ଗାଥା
ଝଡ ଝଞ୍ଜା ସହି ପାଏତ ବଥା
ବସାଇବା ନାହିଁ କୁରାଢି ଚୋଟ
ଥାଉ ବରଗଛ ହେଇକି ମୋଟ।

*କୁଞ୍ଜର -ସଙ୍ଗଳାଇ,ପିପିଲି -ପୁରୀ*
*ମୋ-୯୬୬୮୮୨୨୧୯୦*

# ଏମିତି ହେଉଛି ଖରା

*ନିରଞ୍ଜନ ସାହୁ*



ଏମିତି ହେଉଛି ଖରା
ଉତ୍ତପ୍ତ ହେଉଛି ଧରା
ଘରୁ ବାହାରିଲେ ଅଂଶୁଘାତ ଭୟ
କଅଣ କରିବୁ ପରା ?

ସୂର୍ଯ୍ୟଙ୍କର ବୋଧେ ରାଗ
କରୁଛନ୍ତି ଖରା ପାଗ
ସାମାନ୍ୟ ଟିକିଏ ଦୟାଭାବ ନାହିଁ
ଟାଣ ଖରା ହୁଏ ଆଗ ।

ପ୍ରବଳ ଗରମ ଯେଣୁ
ରୁଚେ ନାହିଁ ଖାଦ୍ୟ ତେଣୁ
ବହୁତ କଷ୍ଟରେ ସମୟ କାଟିକି
ରହିବାକୁ ହୁଏ ତେଣୁ ।

ଖରାଦିନ ଛୁଟି ଏବେ
ଖେଳିବୁ ବୁଲିବୁ କେବେ
ଖରାରେ ପଦାକୁ ବାହାରି ହେଉନି
କି ଲାଭ ଛୁଟିରୁ ତେବେ ?

ପ୍ରବଳ ଗରମ ହୁଏ
ଖରାବେଳ ଯାକ ଶୁଏ
ଟିକିଏ ଚେଇଁଲେ ମାଆ ବିଗିଡ଼ିକି
କହେ, 'ଶୋଇପଡ ଛୁଏ ।'

ବିଜୁଳିର ଲୁଚକାଳି
ଗୁଲୁଗୁଲି କଥା ଭାଳି
ମନରେ ଆତଙ୍କ ଖେଳି ଯାଉଅଛି
ଦେହ ଦିଏ ପୋଡିଜାଳି ।

କାଳ ବଇଶାଖୀ ଆସେ
ସବୁ ହସଖୁସି ନାଶେ
ଛୋଟିଆ ବାତ୍ୟାଟେ ସୃଷ୍ଟି କରିଦିଏ
ଉଗ୍ର ରୂପ ପରକାଶେ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ-୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# କାର୍ଲଙ୍କ କାର୍



ସୁଧାଂଶୁ ଶେଖର ଦ୍ୱିବେଦୀ



ପିଲାମାନେ, ଆଜି ତୁମେମାନେ ଘରୁ ବାହାରକୁ ବାହାରିବା ମାତ୍ରେ ସଡ଼କରେ କେତେ କେତେ କାର୍ ବା ମୋଟର ଗାଡି ଯାଆ-ଆସ କରୁଥିବା ଦେଖିପାରୁଥିବ। ତୁମେସବୁ ଜାଣିନଥିବ ଦୁନିଆରେ ପ୍ରଥମେ ଏହି କାର୍ ନିର୍ମାଣ କରିବାର ବିଚାର ଜର୍ମାନୀର ଜଣେ ବ୍ୟକ୍ତି କାର୍ଲ ବ୍ରେଞ୍ଜଙ୍କର ଥିଲା। ସେତେବେଳେ ସେ ଯେଉଁ ମେସିନ୍ ନିର୍ମାଣ କରିଥିଲେ ତାହା ଆଜି ଆଧୁନିକ ପରିବହନର ଦିଗ ପରିବର୍ତ୍ତନ କରିବାରେ ସବୁଠୁ ଅଧିକ ସହାୟକ ହୋଇପାରିଛି।

ଆଜି ଦିନରେ ପ୍ରତିଟି କାର୍ ତାଙ୍କରି ଚିନ୍ତାଧାରାରେ ପ୍ରେରିତ। ପିଲାଦିନେ କାର୍ଲ ବ୍ରେଞ୍ଜଙ୍କ ପିତାଙ୍କର ଦେହାନ୍ତ ହୋଇଯାଇଥିଲା। ଘରର ପରିସ୍ଥିତି ସ୍ୱଚ୍ଛଳ ନଥିବା ସତ୍ତ୍ୱେ ତାଙ୍କ ମା' କେବେ ତାଙ୍କୁ ପାଠପଢ଼ାରେ ଅବହେଳା କରିନଥିଲେ। ଇଞ୍ଜିନିୟରିଂ କରିବା ପାଇଁ ତାଙ୍କ ମନ ସବୁବେଳେ ଆଗ୍ରହ କରୁଥିଲା। ଇଚ୍ଛା ଥିଲେ ସୁଯୋଗ ଆପେ ଆପେ ଆସେ। ମାତ୍ର ୧୯ ବର୍ଷ ବୟସରେ ସେ ମେକାନିକାଲ୍ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ। ତାପରେ ସେ ଏକ କମ୍ପାନୀରେ କାର୍ଯ୍ୟ କରିବା ଆରମ୍ଭ କରିଦେଲେ। ପରବର୍ତ୍ତୀ ସମୟରେ ସେ ଆହୁରି କେତେ ଗୁଡିଏ କମ୍ପାନୀରେ କାର୍ଯ୍ୟ କଲେ। କେତେକ କମ୍ପାନୀରେ ସ୍ୱୟଂ ମେକାନିକାଲ୍ ଇଞ୍ଜିନିୟରିଂ ରୂପେ କାର୍ଯ୍ୟ କରିଛନ୍ତି।

ଚାକରି ଜୀବନରେ ତାଙ୍କୁ ଅନେକ କିଛି ଶିଖିବାରେ ସହାୟକ ହୋଇଥିଲା। ସେଥିପାଇଁ ସେ ତାଙ୍କର ଜଣେ ବନ୍ଧୁଙ୍କ ସହିତ ମିଶି ୧୮୭୧ ମସିହାରେ ନିଜର ଆଇରନ୍ ଫେକ୍ଟ୍ରି ଏଣ୍ଡ ମେକାନିକାଲ୍ ୱାର୍କସପ୍ ଆରମ୍ଭ କଲେ। କିନ୍ତୁ ସେଥିରୁ କିଛି ଉପଲବ୍ଧି ହାସଲ କରିନପାରି ଅସଫଳ ହୋଇ ନିରାଶ ହେଲେ।

କିଛିଦିନ ଅତିକ୍ରାନ୍ତ ହେବାପରେ ସେ ତାଙ୍କର ଆଉ ଦୁଇଜଣ ବନ୍ଧୁଙ୍କ ସହିତ ମିଶି ୧୮୮୩ ମସିହାରେ ନିଜ ନାମର ଟାଇଟଲ୍ ଅନୁସାରେ ବ୍ରେଞ୍ଜ୍ ନାମକ କମ୍ପାନୀ ସ୍ଥାପନା କଲେ। ସେଠାରେ ସେ ଶିଳ୍ପାଞ୍ଚଳରେ ବ୍ୟବହୃତ ହେଉଥିବା ମେସିନ୍ ନିର୍ମାଣ କଲେ। ତାଙ୍କ କମ୍ପାନୀ ସେସବୁ ମେସିନ୍ ନିର୍ମାଣ କରି ସଫଳ ହାସଲ କଲା।

ପୁଣିଥରେ ୧୮୮୫ ମସିହାରେ ସେ ଏକ ଟ୍ରାଇ ସାଇକେଲରେ ଇଞ୍ଜିନ୍‌କୁ ଯୋଡି ଚଳେଇବା ଲାଗି ଚାରୋଟି ଷ୍ଟ୍ରୋକ୍ ଥିବା ଗିୟର ବ୍ୟବହାର କଲେ। ପରେ ପରେ ସେ ସେହି ସାଇକେଲରେ ଲାଗିଥିବା ଷ୍ଟ୍ରୋକ୍ ସାହାଯ୍ୟରେ ନିଜ ପତ୍ନୀ ଓ ପିଲାଙ୍କ ସହିତ ୧୦୮ କି:ମି: ରାସ୍ତା ଭ୍ରମଣ କରିଥିଲେ। ଏହାପରେ ନିଜର ମନୋବଳକୁ ସୁଦୃଢ଼ କରି କାର୍ ନିର୍ମାଣ କରିବା ଆରମ୍ଭ କରିଥିଲେ। ତାଙ୍କ ସଫଳତାର ମାର୍ଗ ଧୀରେ ଧୀରେ ଆଗକୁ ବଢିଚାଲିଲା। ଦିନେ ସେ କାର୍ ନିର୍ମାଣ କରି ସଭିଙ୍କୁ ଚକିତ କରିଦେଲେ। ତାଙ୍କ କମ୍ପାନୀ କେବଳ ଜର୍ମାନୀ ନୁହେଁ ସାରା ବିଶ୍ୱର ବଡ଼ କମ୍ପାନୀ ରୂପେ ପ୍ରସିଦ୍ଧି ଲାଭ କଲା। ଅଧିକ ମୂଲ୍ୟର କାର୍ ରୂପେ କାର୍ଲ ବ୍ରେଞ୍ଜଙ୍କ ଦ୍ୱାରା ନିର୍ମିତ ମର୍ସିଡିଜ୍ କାର୍ ତାଙ୍କ କମ୍ପାନୀର ଅନୁଦାନ ଅଟେ।

*ବିସି-୭୪, ସଲ୍ଟ ଲେକ୍, କଲକତା*
*ମୋ-୯୬୮୧୩୭୩୫୧୨*

# ହାଇଦ୍ରାବାଦକୁ ହରାଇ କ୍ୱାଲିଫାୟର-୨ରେ ରାଜସ୍ଥାନ, ମେ' ୨୯ରେ ଗୁଜରାଟକୁ କରିବ ମୁକାବିଲା

**ନ୍ୟୁ ଚଣ୍ଡିଗଡ଼**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ଏଲିମିନେଟରରେ ରାଜସ୍ଥାନ ରୟାଲ୍ସ ଦମ୍ଦାର ପ୍ରଦର୍ଶନ କରିଛି। ଉଭୟ ବ୍ୟାଟିଂ ଏବଂ ବୋଲିଂ କ୍ଷେତ୍ରରେ ସଫଳ ରଣନୀତି ପ୍ରସ୍ତୁତ କରି ସନରାଇଜର୍ସ ହାଇଦ୍ରାବାଦକୁ ରାଜସ୍ଥାନ ପରାସ୍ତ କରିଛି। ଏହି ବିଜୟ ହାସଲ ସହିତ ରାଜସ୍ଥାନ କ୍ୱାଲିଫାୟର-୨ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମେ' ୨୯ରେ ନ୍ୟୁ ଚଣ୍ଡିଗଡ଼ରେ ଗୁଜରାଟ ଟାଇଟନ୍ସକୁ ରାଜସ୍ଥାନ ଭେଟିବ। ମେ' ୩୧ର ବିଜୟୀ ଦଳ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଫାଇନାଲ ମୁକାବିଲାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଭେଟିବ।

ହାଇଦ୍ରାବାଦ ୨୪୪ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। କିନ୍ତୁ ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳ ୫୭ ରନ୍‌ରେ ଆଗଧାଡ଼ିର ୪ଜଣ ବିସ୍ଫୋରକ ବ୍ୟାଟରଙ୍କୁ ହରାଇଥିଲା। ଅଭିଷେକ ଶର୍ମା ଖାତା ଖୋଲିପାରି ନଥିଲେ। ଈଶାନ କିଶନ ୩୩ ରନ୍ କରିଥିଲେ। ସେ ୧୧ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରି ଦଳକୁ ଆଶାର ଆଲୋକ ଦେଖାଉଥିବା ବେଳେ ଆଉଟ୍ ହୋଇଥିଲେ। ସମରନ ରବିଚନ୍ଦ୍ରନ ମାତ୍ର ରନ୍ କରିଥିଲା ବେଳେ ଟ୍ରାଭିସ ହେଡ୍ ୧୭ ରନ୍ କରି ପାଭିଲିଅନ ଫେରି ଆସିଥିଲେ। ହାଇଦ୍ରାବାଦ ୧୯.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୬ ରନ୍ କରିପାରିଛି। ଫଳରେ ରାଜସ୍ଥାନ ଠାରୁ ୪୭ ରନ୍‌ରେ ପରାସ୍ତ ହୋଇଛି।

ସେହିପରି ହେନରିକ୍ କ୍ଲାସେଁ (୧୮), ନୀତିଶ କୁମାର ରେଡ୍ଡୀ (୩୮) ଏବଂ ଅଧିନାୟକ ପେଟ୍ କମିନ୍ସ (୧) ମଧ୍ୟ ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରି ନଥିଲେ। ଆଖି ଆଗରେ ବିଶାଳ ସ୍କୋର ଲକ୍ଷ୍ୟ ଥିବା ବେଳେ ହାଇଦ୍ରାବାଦର କୌଣସି ବ୍ୟାଟର କ୍ରିଜରେ ବେଶୀ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରି ନଥିଲେ।

ବୁଧବାର ନ୍ୟୁ ଚଣ୍ଡିଗଡ଼ର ମୁଲ୍ଲାନପୁରସ୍ଥିତ ମହାରାଜା ଯଦବିନ୍ଦ୍ର ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଟସ୍ ଜିଣି ହାଇଦ୍ରାବାଦ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ରାଜସ୍ଥାନ ବ୍ୟାଟିଂ କରିବାକୁ ପଡ଼ିଆରେ ଓହ୍ଲାଇଥିଲା। ରିୟାନ ପରାଗଙ୍କ ନେତୃତ୍ୱରେ ତଥା ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୨୪୩ ରନ୍ ସଂଗ୍ରହ କରିଥିଲା।



ରାଜସ୍ଥାନ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ନିଜର ବିସ୍ଫୋରକ ବ୍ୟାଟିଂରେ ଧମାକା କରିଛନ୍ତି। ବୈଭବ ଆଇପିଏଲ ଇତିହାସରେ ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା ମାରିଥିବା ବ୍ୟାଟରଙ୍କ ତାଲିକାର ଶୀର୍ଷରେ ସ୍ଥାନ ପାଇଛନ୍ତି। ବୁଧବାର ସେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ବୈଭବ ୨୯ଟି ବଲ୍ ଖେଳି ୯୭ ରନ୍ ସଂଗ୍ରହ କରିଛନ୍ତି। ଏଥିରୁ ୯୨ ରନ୍ କେବଳ ବାଉଣ୍ଡ୍ରିରୁ ଆସିଛି। ସେ ୫ଟି ଚୌକା ଏବଂ ୧୨ଟି ଛକା ମାରିଛନ୍ତି। ୩୩୪.୪୮ ଷ୍ଟ୍ରାଇକ୍ ରେଟ୍‌ରେ ସେ ଯେତେବେଳେ ବ୍ୟାଟିଂ କରିଥିଲେ, ନ୍ୟୁଚଣ୍ଡିଗଡ଼ ରସ୍ଥିତ ମହାରାଜା ଯଦବିନ୍ଦର ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ ଉଚ୍ଛୁଳି ପଡୁଥିଲା। ବୈଭବ ପ୍ରଫୁଲ୍ଲ ହିଙ୍ଗେଙ୍କ ବଲ୍ ସ୍ମରଣ ରବିଚନ୍ଦ୍ରନଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ।

ରାଜସ୍ଥାନ ପାଇଁ ଯଶସ୍ୱୀ ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ପ୍ରାରମ୍ଭିକ ପ୍ରଥମ ୱିକେଟ୍ ପାଇଁ ୮ ଓଭରରେ ୧୨୫ ରନ୍ ସଂଗ୍ରହ କରିଥିଲେ। ଏଥିରୁ ବୈଭବ ୯୭ ରନ୍ କରିଥିଲେ। ହାଇଦ୍ରାବାଦର ଦ୍ୱିତୀୟ ଶିକାର ହୋଇଥିଲେ ଜୟସ୍ୱାଲ। ସେ ବ୍ୟକ୍ତିଗତ ସ୍କୋର ୨୯ ରନ୍ ଥିଲା। ସେ ୨୯ଟି ବଲ୍ ଖେଳି ୪ଟି ଚୌକା ମାରିଥିଲେ। ସେହି ସମୟରେ ଦଳର ସ୍କୋର ୧୩୭ ରନ୍ ଥିଲା। ସେହିପରି ତୃତୀୟ ୱିକେଟ୍ ବେଳକୁ ହାଇଦ୍ରାବାଦ ୧୯୨ ରନ୍ ସଂଗ୍ରହ କରିଥିଲା। ଏହି ସମୟରେ ଧ୍ରୁବ ଜୁରେଲ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ୨୧ଟି ବଲ୍ ଖେଳି ୫ଟି ଚୌକା ଏବଂ ୩ଟି ଛକା ବଳରେ ୫୦ ରନ୍ କରିଥିଲେ।

ହାଇଦ୍ରାବାଦର ଚତୁର୍ଥ ଶିକାର ହୋଇଥିଲେ ଅଧିନାୟକ ରିୟାନ ପରାଗ। ସ୍କୋର ୨୦୭ ରନ୍ ଥିଲା ବେଳେ ସେ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ୧୨ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ରାଜସ୍ଥାନ ପଞ୍ଚମ ୱିକେଟ୍ ଭାବେ ଦାସୁନ ଶନକା (୫ରନ)କୁ ହରାଇଥିଲା। ଜୋଫ୍ରା ଆର୍ଚ୍ଚର ୪ ରନ୍ କରିଥିଲେ। ନାନ୍ଦ୍ରେ ବର୍ଗର ୧ ରନ୍ ଏବଂ ରବୀନ୍ଦ୍ର ଜାଡେଜା ଅପରାଜିତ ୧୨ ରନ୍ ଏବଂ ସୁଶାନ୍ତ ମିଶ୍ର ଅପରାଜିତ ୧ ରନ୍ କରିଥିଲେ। ହାଇଦ୍ରାବାଦ ପାଇଁ ପ୍ରଫୁଲ୍ଲ ହିଙ୍ଗେ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଈଶାନ ମାଲିଙ୍ଗା, ଶିବାଙ୍ଗ କୁମାର ଏବଂ ନିତିଶ କୁମାର ରେଡ୍ଡୀଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

# ଫିଫା ବିଶ୍ୱକପ୍ ପାଇଁ ଦଳ ଘୋଷଣା କଲା ଆମେରିକା
## ୧୩ ନବାଗତ ଖେଳାଳିଙ୍କୁ ମିଳିଲା ସୁଯୋଗ



**ନୂଆଦିଲ୍ଲୀ**

ବିଶ୍ୱକପ୍ ୨୦୨୬ ଆୟୋଜନ କରୁଥିବା ଆମେରିକା ନିଜର ୨୬ ଜଣିଆ ଦଳ ଘୋଷଣା କରିଛି। ଦଳର ଅଧିନାୟକତ୍ୱ ଷ୍ଟାର୍ ମିଡ୍‌ଫିଲ୍ଡର କ୍ରିଷ୍ଟିଆନ୍ ପୁଲିସିକ୍‌ଙ୍କୁ ପ୍ରଦାନ କରାଯାଇଛି। ସେହିପରି ଏହି ଦଳରେ ଟାୟଲର ଆଡାମ୍ସଙ୍କୁ ମଧ୍ୟ ସାମିଲ କରାଯାଇଛି। ମୁଖ୍ୟ କୋଚ୍ ମୌରିସିଓ ପୋଚେଟିନୋ ଏଭଳି ଏକ ଦଳ ଚୟନ କରିଛନ୍ତି, ଯେଉଁଥିରେ ଅଭିଜ୍ଞତା ସହ ଭବିଷ୍ୟତର ଝଲକ ମଧ୍ୟ ଦେଖିବାକୁ ମିଳୁଛି। ଆମେରିକା ଦଳ ସହ ପୋଚେଟିନୋଙ୍କର ଏହା ପ୍ରଥମ ବଡ଼ ଟୁର୍ଣ୍ଣାମେଣ୍ଟ ହେବ।

ଦଳରେ କ୍ରିଷ୍ଟିଆନ୍ ପୁଲିସିକ୍, ଟାୟଲର ଆଡାମ୍ସ, ୱେଷ୍ଟନ ମ୍ୟାକକେନି, ଫୋଲାରିନ ବାଲୋଗୁନ୍ ଏବଂ ଜିଓ ରେୟନାଙ୍କ ଭଳି ବଡ଼ ବଡ଼ ନାମ ସାମିଲ ଅଛି। ପୁଲିସିକ୍ ଆମେରିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଭାବେ ବିବେଚିତ ହେଉଥିବା ବେଳେ ଆଡାମ୍ସ ମିଡ୍‌ଫିଲ୍ଡରେ ଦଳର ମେରୁଦଣ୍ଡ ସାବ୍ୟସ୍ତ ହୋଇପାରନ୍ତି। ବାଲୋଗୁନ୍‌ଙ୍କ ଉପରେ ଗୋଲ୍ କରିବାର ପ୍ରମୁଖ ଦାୟିତ୍ୱ ରହିବ।

ଆମେରିକା ଦଳରେ ଅନେକ ଖେଳାଳି ପ୍ରଥମ ଥର ପାଇଁ ବିଶ୍ୱକପ୍ ଖେଳିବେ। ଆଲେକ୍ସ ଫ୍ରିମ୍ୟାନ୍ ଏବଂ ସେବାଷ୍ଟିଆନ ବେରହାଲ୍ଟରଙ୍କ ଭଳି ନୂଆ ନାମ ଚର୍ଚ୍ଚାରେ ଅଛି। ସେବାଷ୍ଟିଆନ ଆମେରିକାର ପୂର୍ବତନ କୋଚ୍ ଗ୍ରେଗ୍ ବେରହାଲ୍ଟରଙ୍କ ପୁଅ ଅଟନ୍ତି। ରିପୋର୍ଟ ଅନୁଯାୟୀ ୨୬ ଜଣ ଖେଳାଳିଙ୍କ ମଧ୍ୟରୁ ୧୩ ଜଣ ଖେଳାଳି ପ୍ରଥମ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ମଇଦାନକୁ ଓହ୍ଲାଇବେ।

ଦଳ ଘୋଷଣା କରିବା ପରେ ପୋଚେଟିନୋ କହିଛନ୍ତି, "ଆମର ସମ୍ପୂର୍ଣ୍ଣ ଭରସା ଅଛି ଯେ ଏହି ୨୬ ଜଣ ଖେଳାଳି ବିଶ୍ୱକପ୍‌ରେ ସଫଳତା ଦେବା ପାଇଁ ସବୁଠାରୁ ସର୍ବୋତ୍ତମ ବିକଳ୍ପ ଅଟନ୍ତି। ଦଳ ଚୟନ କରିବା ସହଜ ନଥିଲା, କିନ୍ତୁ ଏହି ଦଳ ଦେଶକୁ ଗର୍ବିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି।"

ଫିଫା ବିଶ୍ୱକପ୍ ୨୦୨୬ ର ଆରମ୍ଭ ୧୧ ଜୁନରୁ ହେବ। ଆମେରିକା ଗ୍ରୁପ୍-ଡି'ରେ ରହିଛି। ଆମେରିକା ସହିତ ଏହି ଗ୍ରୁପରେ ପାରାଗୁଏ, ଅଷ୍ଟ୍ରେଲିଆ ଓ ତୁର୍କୀ ଦଳ ରହିଛନ୍ତି। ଆମେରିକା ନିଜର ପ୍ରଥମ ମ୍ୟାଚ୍ ୧୨ ଜୁନ୍ (ଭାରତୀୟ ସମୟ ଅନୁସାରେ ୧୩ ଜୁନ୍) ରେ ପାରାଗୁଏ ବିପକ୍ଷରେ ଖେଳିବ।

ଫିଫା ବିଶ୍ୱକପ୍ ପାଇଁ ଆମେରିକା ଦଳ- ଗୋଲକିପର: କ୍ରିସ୍ ବ୍ରାଡି (ଶିକାଗୋ ଫାୟାର), ମ୍ୟାଟ୍ ଫ୍ରିଜ୍ (ନ୍ୟୁୟର୍କ ସିଟି), ମ୍ୟାଟ୍ ଟର୍ନର (ନ୍ୟୁ ଇଂଲଣ୍ଡ ରିଭୋଲ୍ୟୁସନ)

ଡିଫେଣ୍ଡର: ମ୍ୟାକ୍ସ ଆର୍ଫଷ୍ଟେନ (କୋଲମ୍ବସ କ୍ରୁ), ସର୍ଜିନୋ ଡେଷ୍ଟ (ପିଏସଭି ଆଇଣ୍ଡହୋଭନ), ଆଲେକ୍ସ ଫ୍ରିମ୍ୟାନ୍ (ଭିଲାରିଆଲ), ମାର୍କ ମ୍ୟାକେଞ୍ଜି (ଟୁଲୁଜ୍), ଟ୍ରିମ୍ ରୀମ୍ (ଶାର୍ଲୋଟ୍ ଏଫସି), କ୍ରିସ୍ ରିଚାର୍ଡସ (କ୍ରିଷ୍ଟାଲ ପ୍ୟାଲେସ), ଏଣ୍ଟୋନି ରବିନ୍ସନ (ଫୁଲହାମ), ମାଇଲ୍ସ ରବିନ୍ସନ (ସିନସିନାଟି), ଜୋ ସ୍କାଲି (ବୋରୁସିଆ ମୋନଚେନଗ୍ଲାଡବାଖ), ଅଷ୍ଟନ ଟ୍ରଷ୍ଟି (ସେଲ୍ଟିକ)

ମିଡ୍‌ଫିଲ୍ଡର: ଟାୟଲର ଆଡାମ୍ସ (ବୋର୍ଣ୍ଣମାଉଥ), ସେବାଷ୍ଟିଆନ ବେରହାଲ୍ଟର (ଭାଙ୍କୁଭର ହ୍ୱାଇଟ୍‌କ୍ୟାପ୍ସ), ୱେଷ୍ଟନ ମ୍ୟାକକେନି (ଯୁଭେଣ୍ଟସ), କ୍ରିଷ୍ଟିଆନ ରୋଲ୍ଡନ (ସିଏଟଲ ସାଉଣ୍ଡର୍ସ), ବ୍ରେଣ୍ଡନ ଆରୋନସନ (ଲିଡ୍ସ ୟୁନାଇଟେଡ), କ୍ରିଷ୍ଟିଆନ୍ ପୁଲିସିକ୍ (ଏସି ମିଲାନ୍), ଜିଓ ରେୟନା (ବୋରୁସିଆ ମୋନଚେନଗ୍ଲାଡବାଖ), ମଲିକ ଟିଲମ୍ୟାନ (ବାୟର ଲେଭରକୁସେନ), ଟିମ୍ ୱେଆ (ମାର୍ସେଇ), ଆଲେଜାଣ୍ଡ୍ରୋ ଜେଣ୍ଡେଜାସ (କ୍ଲବ ଆମେରିକା)।

ଫରୱାର୍ଡ: ଫୋଲାରିନ ବାଲୋଗୁନ୍ (ମୋନାକୋ), ରିକାର୍ଡୋ ପେପି (ପିଏସଭି ଆଇଣ୍ଡହୋଭନ), ହାଜି ରାଇଟ୍ (କୋଭେଣ୍ଟ୍ରି ସିଟି)

# ବୈଭବଙ୍କୁ ଟି-୨୦ ଦଳରେ ତୁରନ୍ତ ସାମିଲ କରିପାର, ମାତ୍ର ଟେଷ୍ଟ କ୍ରିକେଟରେ ନୁହେଁ : ଦାଦା

**ନୂଆଦିଲ୍ଲୀ**

ଆଇପିଏଲରେ ଦବଦବା ଜାରି ରଖିଛନ୍ତି ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ। ଶତକ ଅର୍ଦ୍ଧଶତକ ହାସଲ କରିବ ସହ ବୁମ୍‌ରା ରାବାଡ଼ାଙ୍କ ଭଳି ବୋଲରଙ୍କୁ ମଧ୍ୟ ଧୂଳିଲେଇ କରୁଛନ୍ତି। ଏହି ୧୫ ବର୍ଷୀୟ କ୍ରିକେଟରଙ୍କ ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ ଥିବା ନେଇ ଅନେକ ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତେବେ ସେ କେବେ ଟିମ୍ ଇଣ୍ଡିଆରେ ଡେବ୍ୟୁ କରିବେ ଏହାକୁ ନେଇ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା ହୁଏ। ତେବେ ଟେଷ୍ଟ କ୍ରିକେଟରେ କେବେ ଡେବ୍ୟୁ କରିବେ? ଦଳରେ ସୁଯୋଗ ମିଳିବ କି? ଏଭଳି ପ୍ରଶ୍ନ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ପଚରା ଯାଇଥିବାବେଳେ ସେ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



ସେ ଏକ ଜାତୀୟ ଗଣ-ମାଧ୍ୟମରେ ପ୍ରତିକ୍ରିୟା ଦେବା ସମୟରେ କହିଥିଲେ କି, ବୈଭବ ଏବେ ଟେଷ୍ଟ ଖେଳିବା ପାଇଁ ଫିଟ୍ ନୁହନ୍ତି। ବିସିସିଆଇ ଏବଂ ଚୟନକର୍ତ୍ତାଙ୍କୁ ଚେତାବନୀ ଦେଇ ଦାଦା କହିଛନ୍ତି କି, ସେ ଭଲ ପ୍ରଦର୍ଶନ କରୁଛନ୍ତି। କିନ୍ତୁ ଲାଲ ବଲରେ ଦଳରେ ସୁଯୋଗ ଦେବା ପୂର୍ବରୁ ପ୍ରଥମ ଶ୍ରେଣୀ ପ୍ରଦର୍ଶନ ଉପରେ ନଜର ପକାଇବା ଜରୁରୀ। ସେ କମ୍ ବୟସରେ ନିଜର ପ୍ରତିଭା ସ୍ପଷ୍ଟ କରିଛନ୍ତି କିନ୍ତୁ ପ୍ରଥମ ଶ୍ରେଣୀର ପ୍ରଦର୍ଶନ ଉପରେ ନଜର ରହିବା ଜରୁରୀ।

ଦାଦା କହିଛନ୍ତି କି, ଟି-୨୦ ଦଳରେ ତୁରନ୍ତ ସାମିଲ କରିପାର। ମାତ୍ର ଟେଷ୍ଟ କ୍ରିକେଟରେ ନୁହେଁ। ସେ ଭାରତର ଭବିଷ୍ୟତ। ବଡ଼ ବଡ଼ ବୋଲରଙ୍କ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରୁଛନ୍ତି। ସେ ଜଣେ ପ୍ରତିଭାବାନ ଖେଳାଳି ତଥାପି ପ୍ରଥମ ଶ୍ରେଣୀ କ୍ରିକେଟରେ ତାଙ୍କୁ ଅଧିକ ରନ୍ କରିବାକୁ ପଡ଼ିବ। ଏହାସହ କହିଛନ୍ତି କି, ସେ ୧୫ ବର୍ଷରେ ଯେଭଳି ଖେଳୁଛନ୍ତି ଆଉ ଯେଉଁ ଆତ୍ମନିର୍ଭରଶୀଳ ଅଛନ୍ତି ଭାରତୀୟ କ୍ରିକେଟ ପାଇଁ ଏହା ଏକ ଶୁଭ ସଙ୍କେତ।

ସେପଟେ ଏହି ଇଣ୍ଟରଭ୍ୟୁ ସମୟରେ ଗାଙ୍ଗୁଲୀ କହିଥିଲେ କି, ଆକିବ୍ ନବିଙ୍କୁ ଆଫଗାନିସ୍ତାନ ବିପକ୍ଷ ସିରିଜରେ ଟେଷ୍ଟ ଟିମ୍‌ରେ ସୁଯୋଗ ମିଳିବା ଜରୁରୀ ଥିଲା। ସେ ରଣଜୀ ଟ୍ରଫିରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ବଡ଼ ବଡ଼ ବ୍ୟାଟ୍ସମ୍ୟାନଙ୍କୁ ଧରାଶାୟୀ କରିଥିଲେ। ତଥାପି ପ୍ରିନ୍ସ ଯାଦବଙ୍କୁ ଦଳରେ ସୁଯୋଗ ମିଳିବାକୁ ସମର୍ଥନ ଜଣାଇଛନ୍ତି ଦାଦା।

# ୨୦୨୭ ଏସିଆନ୍ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍
## ଆୟୋଜନ କରିବ ଓଡ଼ିଶା, ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର**



ଏସୀୟ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍-୨୦୨୭ ଆୟୋଜନ କରିବ ଓଡ଼ିଶା। କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ହଂକଂରେ ଏସୀୟ ଆଥଲେଟିକ୍ସ କାଉନସିଲ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏନେଇ ଭାରତୀୟ ଖାଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା ଭାରତ ଏବଂ ଓଡ଼ିଶା ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ଓଡ଼ିଶା ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟର ଆୟୋଜକ ଭାବରେ ନିଜର ସ୍ଥିତିକୁ ମଜବୁତ କରିଛି। ବିଶ୍ୱସ୍ତରୀୟ କ୍ରୀଡ଼ା କ୍ଷେତ୍ରରେ ଏହା ଓଡ଼ିଶାର ଆଉ ଏକ ଉପଲବ୍ଧି। ସେହିପରି ଚଣ୍ଡିଗଡ଼ ୨୦୨୮ ଏସୀୟ ରିଲେ ଆୟୋଜନ କରିବ ବୋଲି ସୂଚନା ମିଳିଛି। ଏହା ପୂର୍ବରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ୨୦୨୮ ବିଶ୍ୱ ଇନଡୋର ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜନ ହେବ ବୋଲି ଘୋଷଣା କରାଯାଇଛି।

# ୟୁରୋପ ଗସ୍ତ ପାଇଁ ଭାରତୀୟ ହକି ଦଳ ଘୋଷଣା, ଓଡ଼ିଶାର ଦୁଇ ଜଣ ଖେଳାଳିଙ୍କୁ ମିଳିଲା ସୁଯୋଗ

**ନୂଆଦିଲ୍ଲୀ**

ଏଫଆଇଏଚ୍ ପ୍ରୋ ଲିଗ୍ ୨୦୨୫-୨୬ର ୟୁରୋପୀୟ ପର୍ଯ୍ୟାୟ ପାଇଁ ଭାରତୀୟ ପୁରୁଷ ହକି ଦଳର ଘୋଷଣା କରାଯାଇଛି। ଅଭିଜ୍ଞ ଡିଫେଣ୍ଡର ହରମନପ୍ରୀତ ସିଂହ ପୁଣି ଥରେ ଦଳର ଅଧିନାୟକତ୍ୱ ସମ୍ଭାଳିବେ। ସେ ଫେବୃୟାରୀରେ ହୋବାର୍ଟ ପର୍ଯ୍ୟାୟ ସମୟରେ ବ୍ୟକ୍ତିଗତ କାରଣ ଯୋଗୁଁ ଦଳରୁ ବାହାରେ ଥିଲେ। ହକି ଇଣ୍ଡିଆ ବୁଧବାର ଦିନ ୨୪ ଜଣିଆ ଦଳର ଘୋଷଣା କରିଛି। ଯେଉଁଥିରେ ଅଭିଜ୍ଞ ଖେଳାଳି ଏବଂ ଯୁବ ପ୍ରତିଭାଙ୍କର ଏକ ସନ୍ତୁଳିତ ମିଶ୍ରଣ ଦେଖିବାକୁ ମିଳିଛି। ଆଗାମୀ ହକି ବିଶ୍ୱକପ୍ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ଏହି ଦଳ ଚୟନ କରାଯାଇଛି। ବିଶେଷ କଥା ହେଉଛି ଭାରତୀୟ ହକି ଦଳରେ ଓଡ଼ିଶାର ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରାଙ୍କୁ ସ୍ଥାନ ମିଳିଛି।

ଭାରତୀୟ ଦଳ ୭ରୁ ୯ ଜୁନ ୨୦୨୬ ପର୍ଯ୍ୟନ୍ତ ବେଲଜିୟମର ବ୍ରୁସେଲ୍ସରେ ଏକ ଟ୍ରେନିଂ କ୍ୟାମ୍ପ ଲଗାଇବେ ଏବଂ ଅଭ୍ୟାସ ମ୍ୟାଚ୍ ଖେଳିବ। ଏହା ପରେ ଦଳ ନେଦରଲ୍ୟାଣ୍ଡସର ରଟରଡ୍ୟାମ ଗସ୍ତ କରିବ। ଯେଉଁଠାରେ ୧୪ ରୁ ୨୧ ଜୁନ ପର୍ଯ୍ୟନ୍ତ ଜର୍ମାନୀ ଏବଂ ନେଦରଲ୍ୟାଣ୍ଡସ ବିପକ୍ଷରେ ଏଫଆଇଏଚ୍ ପ୍ରୋ ଲିଗ୍ ମହାମୁକାବିଲା ଖେଳାଯିବ। ଏହା ପରେ ଭାରତୀୟ ଦଳ ଇଂଲଣ୍ଡ ଯିବ। ଯେଉଁଠାରେ ୨୩ ରୁ ୨୮ ଜୁନ ପର୍ଯ୍ୟନ୍ତ ପାକିସ୍ତାନ ଏବଂ ଇଂଲଣ୍ଡ ବିପକ୍ଷରେ ମ୍ୟାଚ୍ ଅନୁଷ୍ଠିତ ହେବ।

ଦଳର ଅଧିନାୟକ ହରମନପ୍ରୀତ ସିଂହଙ୍କ ସହ ଡିଫେନ୍ସରେ ଅମିତ ରୋହିଦାସ, ଜରମନପ୍ରୀତ ସିଂହ, ଯୁଗରାଜ ସିଂହ ଏବଂ ଯୁବ ଖେଳାଳି ଅମନଦୀପ ଲାକ୍ରା ସାମିଲ ଅଛନ୍ତି। ମିଡ୍‌ଫିଲ୍ଡରେ ହାର୍ଦ୍ଦିକ ସିଂହ, ମନପ୍ରୀତ ସିଂହ ଏବଂ ବିବେକ ସାଗର ପ୍ରସାଦଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିବ। ଭାରତୀୟ ଦଳର ଆକ୍ରମଣର ମଙ୍ଗ ମନଦୀପ ସିଂହ, ସୁଖଜିତ ସିଂହ, ଅଭିଷେକ ଏବଂ ସେଲଭମ କାର୍ତ୍ତି ସମ୍ଭାଳିବେ। ଆଗାମୀ ବଡ଼ ଟୁର୍ଣ୍ଣାମେଣ୍ଟଗୁଡ଼ିକ ପାଇଁ ଏକ ମଜଭୁତ ସନ୍ତୁଳନ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଦଳରେ ଯୁବ ଖେଳାଳିମାନଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି।



ଅମିତ ରୋହିଦାସ ଓଡ଼ିଶାର ଜଣେ ଅତ୍ୟନ୍ତ ଅଭିଜ୍ଞ ତଥା ବରିଷ୍ଠ ଡିଫେଣ୍ଡର ଏବଂ ସେ ଅଲିମ୍ପିକରେ ବ୍ରୋଞ୍ଜ ପଦକ ବିଜେତା ମଧ୍ୟ ରହିଛନ୍ତି। ପେନାଲ୍ଟି କର୍ଣ୍ଣର ସମୟରେ ଜଣେ ଚମତ୍କାର ଫାଷ୍ଟ-ରସର ଭାବରେ ଏବଂ ରକ୍-ସଲିଡ୍ ଡିଫେନ୍ସ ପାଇଁ ସେ ବେଶ୍ ଭାବରେ ଜଣାଶୁଣା। ରୋହିଦାସ ୟୁରୋପ ଗସ୍ତ ପାଇଁ ଭାରତୀୟ ଦଳକୁ ଗୁରୁତ୍ୱପୂର୍ଣ୍ଣ ସ୍ଥିରତା ଏବଂ ନେତୃତ୍ୱ ପ୍ରଦାନ କରିବେ। ଶିଳାନନ୍ଦ ଲାକ୍ରା ଓଡ଼ିଶାର ଜଣେ ଚମତ୍କାର ହକି ଖେଳାଳି। ଯିଏକି ହକିରେ ନିଜର କ୍ରମାଗତ ଚମତ୍କାର ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇ ଦଳରେ ସ୍ଥାନ ପାଇଛନ୍ତି। ଷ୍ଟ୍ରାଇକିଂ ସର୍କଲ୍ (ଡି-ଏରିଆ) ମଧ୍ୟରେ ତାଙ୍କର ଚତୁରତା, ଦ୍ରୁତ ପ୍ରତିକ୍ରିୟା ଏବଂ ସୁଯୋଗ ଦେଖି ଗୋଲ୍ କରିବାର ଦକ୍ଷତା ପାଇଁ ସେ ବେଶ୍ ଜଣାଶୁଣା। ଦଳରେ ତାଙ୍କର ସାମିଲ ହେବା ଫଳରେ ଭାରତୀୟ ଆକ୍ରମଣ ଭାଗ (ଫରୱାର୍ଡ ଲାଇନ୍) ଅଧିକ ଶକ୍ତିଶାଳୀ ହେବ।

ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ୍ କହିଛନ୍ତି, 'ଦଳ ଏବେ ଭଲ ଫର୍ମରେ ଅଛି ଏବଂ ୟୁରୋପରେ ହେବାକୁ ଥିବା ଏହି ମ୍ୟାଚ୍‌ଗୁଡ଼ିକ ବିଶ୍ୱକପ୍ ପ୍ରସ୍ତୁତି ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।' ସେ କହିଛନ୍ତିରେ, 'ଟ୍ରେନିଂ ଚମତ୍କାର ଚାଲିଛି ଏବଂ ଦଳ ବହୁତ ଭଲ ସ୍ଥିତିରେ ଅଛି। ଜୁନ୍ ମାସରେ ନେଦରଲାଣ୍ଡସ ଏବଂ ଇଂଲଣ୍ଡରେ ହେବାକୁ ଥିବା ଏଫଆଇଏଚ ପ୍ରୋ ଲିଗ୍ ମ୍ୟାଚ୍‌ଗୁଡ଼ିକ ଆମ ପାଇଁ ବଡ଼ ପରୀକ୍ଷା ହେବ। ଏହାଦ୍ୱାରା ଆମେ ଜାଣିପାରିବା ଯେ ବିଶ୍ୱକପ୍ ପ୍ରସ୍ତୁତି କ୍ଷେତ୍ରରେ ଆମେ କେଉଁ ସ୍ଥାନରେ ଅଛୁ।'

ଭାରତୀୟ ଦଳର ସ୍କ୍ୱାଡ୍ : ଗୋଲକିପର: ମୋହିତ ହୋନ୍ନେନହଲ୍ଲୀ ଶଶିକୁମାର, ସୂରଜ କରକେରା।

ଡିଫେଣ୍ଡର୍ସ: ହରମନପ୍ରୀତ ସିଂହ (ଅଧିନାୟକ), ଅମିତ ରୋହିଦାସ, ସୁମିତ, ସଞ୍ଜୟ, ଯଶଦୀପ ସିୱାଚ, ଅମନଦୀପ ଲାକ୍ରା, ଜରମନପ୍ରୀତ ସିଂହ, ଯୁଗରାଜ ସିଂହ।

ମିଡ୍‌ଫିଲ୍ଡର୍ସ: ହାର୍ଦ୍ଦିକ ସିଂହ, ମନପ୍ରୀତ ସିଂହ, ରାଜିନ୍ଦର ସିଂହ, ରାଜ କୁମାର ପାଲ୍, ନୀଲକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂହ ମୋଇରାଙ୍ଗଥେମ୍।

ଫରୱାର୍ଡସ: ମନଦୀପ ସିଂହ, ସୁଖଜିତ ସିଂହ, ଅଭିଷେକ, ଆଦିତ୍ୟ ଅର୍ଜୁନ ଲାଲଗେ, ଦିଲପ୍ରୀତ ସିଂହ, ଶିଳାନନ୍ଦ ଲାକ୍ରା, ସେଲଭମ କାର୍ତ୍ତି।

ଷ୍ଟାଣ୍ଡବାଇ ଖେଳାଳିଙ୍କ ତାଲିକା: ଗୋଲକିପର କୃଷ୍ଣ ବାହାଦୁର ପାଠକ, ଫରୱାର୍ଡ ଅରାଇଜିତ ସିଂହ ହୁଣ୍ଡାଲ ଓ ମନିନ୍ଦର ସିଂହ, ଡିଫେଣ୍ଡର ପୂବନ୍ନା ଚନ୍ଦୂରା ବବି ଏବଂ ମିଡ୍‌ଫିଲ୍ଡର ବିଷ୍ଣୁକାନ୍ତ ସିଂହଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ରଖାଯାଇଛି।

# ୫ ଥରର ଅଲିମ୍ପିଆନ୍ ରଣଧୀର ସିଂହଙ୍କ ପରଲୋକ

**ନୂଆଦିଲ୍ଲୀ**

ଭାରତୀୟ କ୍ରୀଡ଼ା ଜଗତର ବରିଷ୍ଠ ପ୍ରଶାସକ ତଥା ଏସୀୟ କ୍ରୀଡ଼ାର ସୁଟିଂରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତାଇଥିବା ରଣଧୀର ସିଂଙ୍କର ନିଧନ ହୋଇଯାଇଛି। ୭୯ ବର୍ଷ ବୟସରେ ରଣଧୀର ସିଂହ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ରିପୋର୍ଟ ଅନୁଯାୟୀ, ସେ ବିଗତ କିଛି ଦିନ ହେବ ହସ୍ପିଟାଲରେ ଭର୍ତ୍ତି ଥିଲେ ଏବଂ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ରଣଧୀର ସିଂହଙ୍କ ନିଧନ ଖବରରେ ସାରା ଭାରତୀୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି।



## ଆଇପିଏଲ୍‌ରେ ବୈଭବଙ୍କ ମହାରେକର୍ଡ

# କମିନ୍ସଙ୍କୁ ଟର୍ଗେଟ, ୬୦ ଛକା ମାରି ଭାଙ୍ଗିଲେ ଗେଲ୍‌ଙ୍କ ରେକର୍ଡ

**ନୂଆଦିଲ୍ଲୀ**

ଆଇପିଏଲ ମଇଦାନରେ ପୁଣି ଥରେ ଇତିହାସ ରଚିଛନ୍ତି ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ। ଏହି ବାମହାତୀ ବିସ୍ଫୋରକ ବ୍ୟାଟର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ମାତ୍ର ୧୬ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଏଭଳି କାରନାମା ସହ ସେ ବିଶ୍ୱ କ୍ରିକେଟର 'ୟୁନିଭର୍ସ ବସ୍' କ୍ରିସ୍ ଗେଲ୍‌ଙ୍କ ଏକ ବଡ଼ ରେକର୍ଡକୁ ମଧ୍ୟ ଧୂଳିସାତ କରିଛନ୍ତି। ହାଇଦ୍ରାବାଦ ବିପକ୍ଷରେ ନିଜର ୭ମ ଛକା ମାରିବା ସହ ବୈଭବ ଆଇପିଏଲ୍‌ର ଗୋଟିଏ ସିଜନ୍‌ରେ ସବୁଠାରୁ ଅଧିକ ଛକା ମାରିଥିବା ଖେଳାଳି ହୋଇପାରିଛନ୍ତି। ଏହା ପୂର୍ବରୁ ଗେଲ ଗୋଟିଏ ସିଜିନ୍‌ରେ ୫୯ଟି ଛକା ମାରିଥିବାର ରେକର୍ଡ କରିଥିଲେ। ବୈଭବ ଏବେ ଏହି ଅଙ୍କକୁ ପାର କରିଯାଇଛନ୍ତି।

ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂର ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ତାଙ୍କର ଛକା ମାରିବାର ଶୈଳୀ। ସେ ପ୍ରତି ୪ଟି ବଲ୍‌ରେ ପ୍ରାୟ ଗୋଟିଏ ଛକା ମାରୁଛନ୍ତି। ଯଦି ଏହାର ତୁଳନା ଗେଲ୍‌ଙ୍କ ସହ କରାଯାଏ, ତେବେ ସେ ପ୍ରତି ୭.୭୨ ବଲ୍‌ରେ ଗୋଟିଏ ଛକା ମାରୁଥିଲେ। ମାତ୍ର ୧୫ ବର୍ଷ ବୟସରେ ବୈଭବ ଏଭଳି କାରନାମା କରି କ୍ରିକେଟ ଦୁନିଆରେ ହଲଚଲ ସୃଷ୍ଟି କରିଛନ୍ତି।



ଆଇପିଏଲ୍ ଇତିହାସରେ ପ୍ଲେ-ଅଫ ମ୍ୟାଚ୍‌ରେ ସବୁଠାରୁ କମ୍ ବୟସରେ ସବୁଠାରୁ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି ବୈଭବ। ସେ ମାତ୍ର ୧୬ ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଛନ୍ତି। ଏହି ମାମଲାରେ ସେ ଭାରତର ପୂର୍ବତନ ଷ୍ଟାର ବ୍ୟାଟର ସୁରେଶ ରାଇନାଙ୍କୁ ପଛରେ ପକାଇ ଦେଇଛନ୍ତି, ଯିଏକି ୨୦୧୪ ମସିହାରେ କିଙ୍ଗସ ଏଲେଭେନ ପଞ୍ଜାବ ବିପକ୍ଷରେ ୧୬ ବଲ୍‌ରେ ଅର୍ଦ୍ଧଶତକ ମାରିଥିଲେ।

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ମଇଦାନକୁ ଓହ୍ଲାଇବା ସହ ବୈଭବ ସବୁଠାରୁ ପ୍ରଥମେ ହାଇଦ୍ରାବାଦର ଅଧିନାୟକ ତଥା ଷ୍ଟାର ବୋଲର ପ୍ୟାଟ କମିନ୍ସଙ୍କୁ ଟାର୍ଗେଟ କରିଥିଲେ। ମ୍ୟାଚ୍‌ର ତୃତୀୟ ଓଭର ବୋଲିଂ କରିବାକୁ ଆସିଥିବା କମିନ୍ସଙ୍କୁ ବୈଭବ ୩ଟି ଚମତ୍କାର ଛକା ଏବଂ ଗୋଟିଏ ଚୌକା ମାରିଥିଲେ। ଓଭରର ଦ୍ୱିତୀୟ ବଲ୍‌ରେ ଚୌକା ମାରିବା ପରେ ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ବଲ୍‌ରେ ସେ କ୍ରମାଗତ ୩ଟି ବିଶାଳ ଛକା ମାରିଥିଲେ।

ବୈଭବ ଆଇପିଏଲରେ ୫ମ ଥର ପାଇଁ ୨୦ରୁ କମ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ନିକୋଲାସ ପୁରନଙ୍କ ସମକକ୍ଷ ହୋଇଛନ୍ତି। ଏହି ତାଲିକାରେ ଅଭିଷେକ ଶର୍ମା (୬ ଥର) ସବୁଠାରୁ ଆଗରେ ଅଛନ୍ତି। ଏହା ସହ ବୈଭବ ପାୱାରପ୍ଲେ ଭିତରେ ହିଁ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଆଇପିଏଲ୍‌ରେ ସେ ୫ମ ଥର ପାଇଁ ପାୱାରପ୍ଲେରେ ଅର୍ଦ୍ଧଶତକ ମାରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

## ବଡ଼ ଉଲଟଫେର ପ୍ରସ୍ତୁତିରେ ବିସିସିଆଇ

# ଗୋଟିଏ ବର୍ଷରେ ୨ ଥର ଆଇପିଏଲ ମଜା ନେବେ କ୍ରିକେଟପ୍ରେମୀ !

**ନୂଆଦିଲ୍ଲୀ**

ଆଇପିଏଲ୍ ହେଉଛି ବିଶ୍ୱର ସବୁଠାରୁ ବଡ଼ ଲିଗ୍। ଏହାକୁ ଦୃଷ୍ଟିରେ ରଖି ସାରା ବିଶ୍ୱରେ ଆହୁରି ଅନେକ ଲିଗ୍ ମଧ୍ୟ ଆରମ୍ଭ ହୋଇଛି। ଆଇପିଏଲ୍ ପାଇଁ ଆଇସିସି ପକ୍ଷରୁ ସ୍ୱତନ୍ତ୍ର ଭାବେ ଏକ ୱିଣ୍ଡୋ ମଧ୍ୟ ପ୍ରଦାନ କରାଯାଇଛି। ଯେତେବେଳେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୁଏ, ସେତେବେଳେ ସାରା ବିଶ୍ୱରେ ଅନ୍ତର୍ଜାତୀୟ ମ୍ୟାଚ୍ ସଂଖ୍ୟା ବହୁତ କମିଯାଏ। ବର୍ତ୍ତମାନ କଥା ଦେଖିଲେ ଆଇପିଏଲ୍‌ରେ ମୋଟ ୭୪ଟି ମ୍ୟାଚ୍ ଖେଳାଯାଉଛି। ଆଗାମୀ ଦିନରେ ଏହି ସଂଖ୍ୟାକୁ ୯୪ ପର୍ଯ୍ୟନ୍ତ ବୃଦ୍ଧି କରିବା ନେଇ ପୂର୍ବରୁ ହିଁ ଆଲୋଚନା ଚାଲିଛି।

ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୁମଲ ସଙ୍କେତ ଦେଇଛନ୍ତି ଯେ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌କୁ ଦୁଇଟି ଭାଗରେ ବିଭକ୍ତ କରାଯାଇପାରେ। ଦ୍ୱିତୀୟ ୱିଣ୍ଡୋ ସେପ୍ଟେମ୍ବର-ଅକ୍ଟୋବର ମାସରେ ଆୟୋଜିତ କରାଯାଇପାରେ। ଆଇପିଏଲ୍ ଗଭର୍ଣ୍ଣିଂ ବଡି ମ୍ୟାଚ୍ ସଂଖ୍ୟାକୁ ବର୍ତ୍ତମାନର ୭୪ରୁ ୯୪କୁ ବୃଦ୍ଧି କରିବାକୁ ବିଚାର କରୁଛି। ଏହା ଏଥିପାଇଁ କରାଯାଉଛି ଯେପରି ୨୦୨୨ ମସିହା ପରଠାରୁ ସମସ୍ତ ଦଳକୁ ପରସ୍ପର ବିପକ୍ଷରେ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳିବାର ସୁଯୋଗ ମିଳିପାରିବ। ସୂଚନାଯୋଗ୍ୟ ଯେ, ୨୦୨୨ରୁ ଆଇପିଏଲ୍‌ରେ ଦଳଗୁଡ଼ିକ ୫ଟି ଦଳ ବିପକ୍ଷରେ ଦୁଇଟି ଲେଖାଏଁ ଏବଂ ଚାରୋଟି ଦଳ ବିପକ୍ଷରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳି ଆସୁଛନ୍ତି।

ଏପ୍ରିଲ-ମେ' ମାସର ପ୍ରବଳ ଗରମ ଏବଂ ଗୁଳୁଗୁଳି ଯୋଗୁଁ ଖେଳାଳିମାନଙ୍କ ଆହତ ହେବାର ସମସ୍ୟା ମଧ୍ୟ ଦେଖାଦେଇଥାଏ। ଏହି ବିଷୟରେ ଆଲୋଚନା କରି ଆଇପିଏଲ୍ ଅଧ୍ୟକ୍ଷ ଅରୁଣ କୁମାର ଧୁମଲ କହିଛନ୍ତି ଯେ, ଯଦି ଆଇସିସିର ଫ୍ୟୁଚର୍ ଟୁର୍ ପ୍ରୋଗ୍ରାମ ଏବଂ ବ୍ରଡକାଷ୍ଟରଙ୍କ ସହ ଆଲୋଚନା ସଠିକ୍ ଦିଗରେ ରହେ, ତେବେ ଆଇପିଏଲ୍‌ର ଗୋଟିଏ ସିଜନକୁ ଦୁଇଟି ଭାଗରେ ବିଭକ୍ତ କରାଯାଇପାରେ। ଏହାର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ଶେଷରୁ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଖେଳାଯାଇପାରେ। ଧୁମଲ 'ସ୍ପୋର୍ଟସ ଷ୍ଟାର'କୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି।



ସୂଚନା ଅନୁଯାୟୀ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ସମୟ ଏଥିପାଇଁ ଚୟନ କରାଯାଇପାରେ, କାରଣ ଏହି ସମୟରେ ଭାରତରେ ପାଣିପାଗ ବହୁତ ଭଲ ରହିଥାଏ। ବର୍ଷା ଦିନ ସରିଯାଇଥାଏ ଏବଂ ଧୀରେ ଧୀରେ ଶୀତ ଦିନ ଆରମ୍ଭ ହେଉଥାଏ। କେବଳ ଏତିକି ନୁହେଁ, ଅକ୍ଟୋବର ମାସରେ ଭାରତରେ ପାର୍ବଣ ବା ପର୍ବପର୍ବାଣୀ ଋତୁ ମଧ୍ୟ ଆସିଯାଇଥାଏ। ଏହି ସମୟରେ ଅନେକ ବଡ଼ ବଡ଼ କମ୍ପାନୀ ପ୍ରଚୁର ବିଜ୍ଞାପନ ମଧ୍ୟ ଦେଇଥାନ୍ତି। ଏହାର ଫାଇଦା ବ୍ରଡ୍‌କାଷ୍ଟର ଏବଂ ଆଇପିଏଲ୍‌କୁ ମିଳିବାର ସମ୍ଭାବନା ଅଛି।

ବିସିସିଆଇ ଏହି ବିଷୟରେ ଗମ୍ଭୀରତାର ସହ ବିଚାର କରୁଛି। ଯଦି ବର୍ଷ ୨୦୨୭ ପରେ ପରବର୍ତ୍ତୀ ଚକ୍ରର ୱିଣ୍ଡୋ ମିଳେ, ତେବେ ଆଇପିଏଲ୍ ଦୁଇଟି ପର୍ଯ୍ୟାୟରେ ହେବାର ଦେଖାଯାଇପାରେ। ଅର୍ଥାତ୍ ମୋଟାମୋଟି ଭାବେ ଦେଖିଲେ ଆଇପିଏଲ୍‌ର ଏହି ଦୁଇଟି ପର୍ଯ୍ୟାୟ ବର୍ଷ ୨୦୨୮ କିମ୍ବା ୨୦୨୯ ରେ ହୋଇପାରେ।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାସନ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ...

ଡାଟାବେସ୍, ଏକ ଏଆଇ-ଚାଳିତ ଅଭିଯୋଗ ଓ ବିଶ୍ଳେଷଣ ପ୍ରଣାଳୀ, ତଥ୍ୟ-ଚାଳିତ ତଦାରଖ ନିମନ୍ତେ ରାଜ୍ୟ କମାଣ୍ଡ ନିୟନ୍ତ୍ରଣ କେନ୍ଦ୍ର ତଥା ପିଡିଏସ କାର୍ଯ୍ୟରେ ସ୍ୱଚ୍ଛତା, ସୁରକ୍ଷା ଓ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ଆଇଏସଓ-ପ୍ରମାଣିତ ପ୍ରକ୍ରିୟାକରଣ ଭିତ୍ତିଭୂମି ଅନ୍ତର୍ଭୁକ୍ତ। ଭାରତ ସରକାରଙ୍କର ନାଗରିକମାନଙ୍କ ପ୍ରତି ଏକ ସାମାଜିକ ଏବଂ ଆଇନଗତ ପ୍ରତିବଦ୍ଧତା ରହିଛି। ନାଗରିକମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଗୁଣାତ୍ମକ ଖାଦ୍ୟଶସ୍ୟ ଉପଲବ୍ଧ କରାଇ ସେମାନଙ୍କୁ ସମ୍ମାନର ସହିତ ଜୀବନଯାପନ ସୁନିଶ୍ଚିତ କରିବା ଲାଗି ସରକାର ନିରନ୍ତର ପଦକ୍ଷେପ ନେଉଛନ୍ତି। ଏହି ଯୋଜନା ଜାତୀୟ ଖାଦ୍ୟ ସୁରକ୍ଷା ସହାୟତା ଅଧୀନରେ ଆସୁଥିବା ୮୧ କୋଟି ୩୫ ଲକ୍ଷ ଲୋକଙ୍କ ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତା ପୂରଣ କରିବା ଦିଗରେ କାର୍ଯ୍ୟ କରିବ। ବୈଧାନିକ ଏବଂ ନୀତିଗତ ଢାଞ୍ଚା ଉପରେ ଆଧାରିତ, ସାର୍ଥକ-ପିଡିଏସ ଯୋଜନା ଆର୍ଥିକ ସହାୟତା ଉପାଦାନକୁ ବଜାୟ ରଖେ, ଏହାକୁ ସୁବ୍ୟବସ୍ଥିତ କରେ ଏବଂ ଏକ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ଆଧାରିତ ପିଡିଏସ ବ୍ୟବସ୍ଥା ରୂପେ ଏହାକୁ ସୁନିୟୋଜିତ କରିଥାଏ। ଗତ ଦଶନ୍ଧି ମଧ୍ୟରେ ସରକାର ଅନେକ ଡିଜିଟାଇଜେସନ୍ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି। ଟିପିଡିଏସର ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ସହିତ ପିଡିଏସର ସମନ୍ୱିତ ପରିଚାଳନା କରାଯାଉଛି। ଏହାସହିତ ସ୍ମାର୍ଟ ପିଡିଏସ ସହିତ ମେରା ରାସନ, ଅନ୍ନ ମିତ୍ର, ରାଇଟଫୁଲ୍ ଟାର୍ଗେଟିଂ ଡ୍ୟାସବୋର୍ଡ ଏବଂ ଅନ୍ନ ସହାୟତା ଭଳି ନାଗରିକ-କୈନ୍ଦ୍ରିକ ପଦକ୍ଷେପ ନିଆଯାଇଛି। ୧ ଏପ୍ରିଲ, ୨୦୨୩ ଠାରୁ ସ୍ମାର୍ଟ ପିଡିଏସ୍ ଯୋଜନା ୩୬ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ରାସନ କାର୍ଡର ସମ୍ପୂର୍ଣ୍ଣ ଡିଜିଟାଲକରଣ, ଆଧାର ସିଡିଂ, ଇ-ପିଓଏସ ମାଧ୍ୟମରେ ଏଫପିଏସ୍ ସ୍ୱୟଂଚାଳିତକରଣ, ଅନଲାଇନ୍ ଆବଣ୍ଟନ ଏବଂ କମ୍ପ୍ୟୁଟରାଇଜଡ୍ ଯୋଗାଣ-ଶୃଙ୍ଖଳ ପରିଚାଳନାକୁ ସକ୍ଷମ କରି ପ୍ରଯୁକ୍ତିବିଦ୍ୟା-ଆଧାରିତ ସଂସ୍କାରର ମୂଳଦୁଆ ଭାବରେ କାର୍ଯ୍ୟ କରିଛି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ବିଷୟରେ ସମସ୍ତ ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଦେଶକୁ ଜଣାଇବା ପାଇଁ ଅନେକ ଟ୍ୱିଟ୍ ପଠାଯାଇଥିଲା। ସେହି ବାର୍ତ୍ତାର ଜବାବରେ, ପ୍ରତ୍ୟେକ ମନ୍ତ୍ରଣାଳୟ ଏବଂ ବିଭାଗ ନିଜ ନିଜ କ୍ଷେତ୍ରାଧିକାର ମଧ୍ୟରେ ନେଇପାରୁଥିବା ନିର୍ଦ୍ଦିଷ୍ଟ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ କ୍ୟାବିନେଟରେ ଅନୁମୋଦନ ଲାଭ କରିଥିବା 'ସାର୍ଥକ-ପିଡିଏସ୍' ଫେଜ୍-୨କୁ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ମୋହାନ ଚରଣ ମାଝୀ କହିବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶାବାସୀଙ୍କ ତରଫରୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

## ଏଲ୍ ନିନୋ ଆଶଙ୍କାର ମୁକାବିଲା...

ନିଗମର ପରିଚାଳନା ନିର୍ଦ୍ଦେଶକ ଜୁନ୍ ୨୦୨୬ ପ୍ରଥମ ସପ୍ତାହ ସୁଦ୍ଧା ପ୍ରମାଣିତ ବିହନର ସମୟାନୁବର୍ତ୍ତୀ ବଣ୍ଟନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଥିରେ ଦୁର୍ଗମ ଏବଂ ସଂକଟାପନ୍ନ ଜିଲ୍ଲାଗୁଡ଼ିକୁ ପ୍ରାଥମିକତା ଦିଆଯିବ। କମ୍ ବର୍ଷା ଆଶଙ୍କା ଥିବା ଅଞ୍ଚଳରେ କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ ସୁନିଶ୍ଚିତ କରିବା ସହ ସ୍ୱଳ୍ପ ଓ ମଧ୍ୟମ ଅବଧି ବିଶିଷ୍ଟ ଧାନ, ଡାଲିଜାତୀୟ, ତୈଳବୀଜ ଏବଂ ମାଣ୍ଡିଆ/ଶ୍ରୀ ଶସ୍ୟ (ମିଲେଟ୍) ବିହନ ଉପରେ ଧ୍ୟାନ କେନ୍ଦ୍ରିତ କରିବେ। ଉଚ୍ଚ ଜମି ଏବଂ ବର୍ଷା ନିର୍ଭରଶୀଳ ଅଞ୍ଚଳରେ ଫସଲ ବିବିଧିକରଣକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରିବାକୁ ଜିଲ୍ଲା କୃଷି ଦଳକୁ ନିର୍ଦ୍ଦେଶ ଦିଆଯାଇଛି। ମୌସୁମୀ ଆସିବାରେ ବିଳମ୍ବ ହେଲେ 'କଣ୍ଟିଜେନ୍ସି ନର୍ସରୀ' ବ୍ୟବସ୍ଥା ଗ୍ରହଣ କରାଯିବ। ଯେକୌଣସି ପାଣିପାଗ ଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ଧାନ, ଡାଲି ଏବଂ ତୈଳବୀଜ ବିହନ ସଂରକ୍ଷିତ ରଖାଯିବ। ସେହିପରି ମାର୍କଫେଡ୍, ପ୍ୟାକ୍ସ ଏବଂ ଲ୍ୟାମ୍ପସ ମାଧ୍ୟମରେ ଚାଷୀଙ୍କ ପାଖରେ ସାରର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରାଯିବ। ବିଶ୍ୱ ବଜାରର ଅନିଶ୍ଚିତତା ସତ୍ତ୍ୱେ ସାର କମ୍ପାନୀଗୁଡ଼ିକ ଦ୍ୱାରା ସାର ଯୋଗାଣ ଅବ୍ୟାହତ ରହିବ। ସାର ବଣ୍ଟନ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାରର କଳାବଜାରୀ, ବେଆଇନ ମହଜୁଦ ଏବଂ ଚାଷ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଗଲେ ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣେଇବେ। କ୍ଷେତ୍ର ସ୍ତରୀୟ କର୍ମଚାରୀମାନେ ବ୍ୟକ୍ତିଗତ 'ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ' ଆଧାରରେ ସନ୍ତୁଳିତ ଏବଂ ସମନ୍ୱିତ ପୋଷକ ତତ୍ତ୍ୱ ପରିଚାଳନା, ସବୁଜ ସାରର ବ୍ୟବହାର ଏବଂ ଜଳ ସଂରକ୍ଷଣ ପଦ୍ଧତିକୁ ପ୍ରୋତ୍ସାହିତ କରିବେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଅଧିକରୁ ଅଧିକ ଚାଷୀଙ୍କ ନାମାଙ୍କନ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ଚାଷୀଙ୍କ ଆର୍ଥିକ ବୋଝ ହ୍ରାସ କରିବା ପାଇଁ ଓଡ଼ିଶା ସରକାର ଚାଷୀଙ୍କ ଭାଗର ସମ୍ପୂର୍ଣ୍ଣ ପ୍ରିମିୟମ୍ (ଚାଷୀ ପ୍ରତି ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ) ନିଜେ ବହନ କରୁଛନ୍ତି, ଯେଉଁଥିପାଇଁ ଆବେଦନକାରୀଙ୍କୁ ମାତ୍ର ୧/- ଟଙ୍କାର ଟୋକନ୍ ଦେୟ ଦେବାକୁ ପଡ଼ିବ। ଜିଲ୍ଲା ପ୍ରଶାସନକୁ ସେମାନଙ୍କ କୃଷକ ପଞ୍ଜୀକରଣ (ଧାର୍ଯ୍ୟ ଲକ୍ଷ୍ୟ ଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀମାନେ ପିଏମ୍-କିଷାନ, ସିଏମ୍-କିଷାନ ସହାୟତା, ରିହାତି ଦରରେ ସାର/ବିହନ କ୍ରୟ ଏବଂ ସରକାରୀ ଧାନ ସଂଗ୍ରହ (ମଣ୍ଡି) ର ସୁବିଧା ପାଇବା ପାଇଁ ଏହି ପଞ୍ଜୀକରଣ ବାଧ୍ୟତାମୂଳକ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏହାର କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକ ମାଧ୍ୟମରେ ସମୟୋପଯୋଗୀ, ଆଞ୍ଚଳିକ ଭିତ୍ତିକ ଏବଂ ପାଣିପାଗ ଆଧାରିତ କୃଷି ପରାମର୍ଶ ପ୍ରଦାନ କରିବ। ଓୟୁଏଟି ରୋଗପୋକ ପରିଚାଳନା ଏବଂ ପ୍ରତିକୂଳ ପରିସ୍ଥିତି ସହନଶୀଳ ଫସଲ କିସମ ପାଇଁ ବୈଷୟିକ ସହାୟତା ମଧ୍ୟ ଯୋଗାଇଦେବ। ଚାଷୀଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବା ପାଇଁ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ଥିବା ଏଲଇଡି ସ୍କ୍ରିନଗୁଡ଼ିକରେ କୃଷି ପରାମର୍ଶବଳୀକୁ ପ୍ରମୁଖତାର ସହ ପ୍ରଦର୍ଶିତ କରାଯିବ। ସମ୍ପୂର୍ଣ୍ଣ ଖରିଫ୍ ଋତୁରେ ଜିଲ୍ଲା ଜରୁରୀକାଳୀନ ଦଳ ସମ୍ପୂର୍ଣ୍ଣ ସକ୍ରିୟ ରହିବେ। କ୍ଷେତ୍ର ଅଧିକାରୀମାନେ ନିୟମିତ ଭାବେ ଗ୍ରାମ ପରିଦର୍ଶନ କରି ଚାଷୀଙ୍କ ସହ ସ୍ୱତନ୍ତ୍ର ଆଲୋଚନା କରିବେ ଏବଂ ଅନାବୃଷ୍ଟି ବା ମରୁଡ଼ି ସଦୃଶ ସ୍ଥିତିର ମୁକାବିଲା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବେ। ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ଓୟୁଏଟି କୁଳପତି ଡକ୍ଟର ପ୍ରଭାତ କୁମାର ରାଉଳ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନ, ଆଇଏମଡି ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାପାତ୍ର, ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର ଏବଂ ଅନ୍ୟାନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏସଆଇଆର ଏକ ବୈଧ...

ପାଇଁ କାହାର ନାଗରିକତା ଯାଞ୍ଚ କରିବାର ଅଧିକାର ନିର୍ବାଚନ କମିଶନଙ୍କର ଅଛି। କୋର୍ଟ ଜାନୁଆରୀ ୨୯ରେ ତାଙ୍କର ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ। ଶୁଣାଣି ସମୟରେ, ନିର୍ବାଚନ କମିଶନ ସ୍ପଷ୍ଟ କରିଥିଲେ ଯେ ଏହା ସମ୍ବିଧାନର ବ୍ୟବସ୍ଥା ଅନୁସାରେ ପୁନଃନିରୀକ୍ଷଣ ପରିଚାଳନା କରୁଛି। ସ୍ୱତନ୍ତ୍ର ସଘନ ସଂଶୋଧନର ଉଦ୍ଦେଶ୍ୟ କେବଳ ଭୋଟର ତାଲିକାକୁ ଶୁଦ୍ଧ କରିବା।

## ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଏବଂ...

ଭେଟିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ପ୍ରତିନିଧିତ୍ୱରେ, ସେ ସରକାରୀ କାର୍ଯ୍ୟକ୍ରମର ପ୍ରାରମ୍ଭରେ ତାମିଲନାଡୁ ରାଜ୍ୟ ଗୀତ 'ତାମିଲ ଥାଇ ଭାଜ୍ଜୁ' ଗାଇବାର ପରମ୍ପରାର ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ସେ କହିଛନ୍ତି ଯେ ଚଳିତ ବର୍ଷ ଜାନୁଆରୀରେ ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ କେତେକ ସରକାରୀ କାର୍ଯ୍ୟକ୍ରମରେ ପ୍ରଥମ ଜାତୀୟ ସଙ୍ଗୀତ ଗାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବାକୁ ଅନୁରୋଧ କରିଥିଲେ।

## ଇସ୍ରାଏଲର ଆକ୍ରମଣ...

ପୂର୍ଣ୍ଣ କାରାଉନ ଡ୍ୟାମ୍ ଉପରେ ଆକ୍ରମଣ କରିଛି। ଆଇ.ଡି.ଏଫ୍. ନବାତିହ ସହରକୁ ଖାଲି କରିବା ପାଇଁ ଲୋକଙ୍କୁ ସ୍ଥାନାନ୍ତର କରିବା ଆରମ୍ଭ କରିଛି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ ଏହାର ଉଦ୍ଦେଶ୍ୟ ହେଉଛି ଉତ୍ତର ଇସ୍ରାଏଲର ସମ୍ପ୍ରଦାୟଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବା। ଅନ୍ୟପକ୍ଷରେ, କ୍ରସ ଫାୟାରରେ ଫସିଥିବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅସ୍ତ୍ରବିରତିର ଭ୍ରମ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି।

# ଲୋକଭବନରେ 'ଯୁବ ସଙ୍ଗମ' କାର୍ଯ୍ୟକ୍ରମ

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**

ବୁଧବାର, ଲୋକଭବନର ଅଭିଷେକ ହଲ୍‌ରେ 'ଯୁବ ସଙ୍ଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟପାଳ ଡ ହରିବାବୁ କମ୍ଭମପାଟି ରାଷ୍ଟ୍ରନିର୍ମାଣରେ ଯୁବବର୍ଗର ଭୂମିକା ସମ୍ପର୍କରେ ଯୁବସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି।

'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନ ଅଧୀନରେ ଆୟୋଜିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମ 'ଯୁବ ସଙ୍ଗମର ଷଷ୍ଠ ପର୍ଯ୍ୟାୟ' ଅଧୀନରେ ଓଡ଼ିଶା ଗସ୍ତରେ ଆସିଥିବା ଗୁଜରାଟର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା ସମୟରେ ରାଜ୍ୟପାଳ ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଯୁବ ନାଗରିକମାନଙ୍କ ମଧ୍ୟରେ ଭାବଗତ



ବନ୍ଧନକୁ ମଜବୁତ କରିବା ଏବଂ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି।

ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କଠାରୁ ଗସ୍ତ ପୂର୍ବରୁ ଏବଂ ପରେ ଓଡ଼ିଶାରେ ସେମାନଙ୍କର ଅଭିଜ୍ଞତା ଏବଂ ରାଜ୍ୟ ପ୍ରତି ସେମାନଙ୍କର ଧାରଣା ସମ୍ପର୍କରେ ରାଜ୍ୟପାଳ ମତାମତ ଲୋଡିଥିଲେ। ସେମାନଙ୍କୁ ବିବିଧତାରେ ଏକତାର ବାର୍ତ୍ତା ଆଗକୁ ବଢ଼ାଇବା ସହିତ ସାଂସ୍କୃତିକ ବୁଝାମଣାର ଆମ୍ବାସଡର ହୁଅନ୍ତୁ ବୋଲି ରାଜ୍ୟପାଳ ଉତ୍ସାହିତ କରିଥିଲେ।

ଓଡ଼ିଶାର ଦ୍ରୁତ ପ୍ରଗତି ଉପରେ ଆଲୋକପାତ କରି ରାଜ୍ୟର ଅମାପ ଖଣିଜ ସମ୍ପଦ, ଜୀବନ୍ତ ଆଦିବାସୀ ଐତିହ୍ୟ, ବର୍ଦ୍ଧିତ ଶିଳ୍ପ ବିକାଶ ଏବଂ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଦୀୟମାନ ସ୍ଥିତି ବିଷୟରେ ରାଜ୍ୟପାଳ ଆଲୋକପାତ କରିଥିଲେ।

ପଟ୍ଟଚିତ୍ର, ରୂପା ତାରକସି କାମ, ପଥର ଖୋଦେଇ, ସମ୍ବଲପୁରୀ ଶାଢ଼ି ଏବଂ ହସ୍ତତନ୍ତ ବୟନ ପରମ୍ପରା ସମେତ ଓଡ଼ିଶାର ପ୍ରସିଦ୍ଧ ପାରମ୍ପରିକ କଳା ଏବଂ ହସ୍ତଶିଳ୍ପ ବିଷୟରେ ମଧ୍ୟ ରାଜ୍ୟପାଳ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ।

ଏହି ଆଲୋଚନା ଅବସରରେ ଯୁବପିଢ଼ିଙ୍କୁ ବୈଦ୍ୟୁତିକ ଯାନବାହନ ଏବଂ ସୌରଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ସମାଜରେ ପରିବେଶଗତ ଦାୟିତ୍ୱ ବିଷୟରେ ସଚେତନତା ପ୍ରସାର କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀମାନେ ଇଭି ଭିତ୍ତିଭୂମି, ଇଥାନଲ୍ ମିଶ୍ରଣ ଏବଂ ଅନ୍ୟାନ୍ୟ ସମସାମୟିକ ପ୍ରସଙ୍ଗ ଉପରେ ମଧ୍ୟ ପ୍ରଶ୍ନ ପଚାରିଥିଲେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ବିସ୍ତୃତ ଭାବରେ ଏହି ପ୍ରଶ୍ନଗୁଡିକର ରାଜ୍ୟପାଳ ଉତ୍ତର ରଖିଥିଲେ।

# ଓଡ଼ିଶାରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଇସିଆଇ ପକ୍ଷରୁ ବିଜ୍ଞପ୍ତି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଇସିଆଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଖାଲି ହୋଇଥିବା ଗୋଟିଏ ଆସନ ପାଇଁ ହେବ ନିର୍ବାଚନ। ଜୁନ୍ ୧ରେ ବିଧିବଦ୍ଧ ବିଜ୍ଞପ୍ତି ସହ ନାମାଙ୍କନ ଆରମ୍ଭ ହେବଫ ଜୁନ୍ ୮ ନାମାଙ୍କନର ଶେଷ ତାରିଖ, ୯ରେ ନାମାଙ୍କନପତ୍ର ଯାଞ୍ଚ ହେବ। ଜୁନ୍ ୧୧ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ଜୁନ୍ ୧୮ ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏଁ ହେବ ଭୋଟିଂ ହେବ। ଜୁନ୍ ୧୮ ଅପରାହ୍ନ ୫ଟାରେ ଗଣତି, ୨୦ ସୁଦ୍ଧା ସରିବ ପ୍ରକ୍ରିୟା। ସେହିପରି ରାଜ୍ୟସଭା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟସଭାରେ ଆଗରୁ ସଂଖ୍ୟା ଗରିଷ୍ଠତା ନଥିଲା, ଏବେ ମେଜରିଟି ଅଛି। ଏବେ ପୁଣି ଆଉ ଗୋଟିଏ ସିଟ୍ ବିଜେପିର ବଢିବ। ସୁଜିତ୍ କୁମାର, ମମତା ମହନ୍ତ ଇସ୍ତଫା ଦେଇ ପୁଣି ରାଜ୍ୟସଭା ଗଲେ। ଯିଏ ଇସ୍ତଫା ଦେଇ ଆସିଛନ୍ତି, ତାଙ୍କ ସମ୍ଭାବନା ଅଧିକ ରହିଛି ବୋଲି ସେ କହିଛନ୍ତି। ତେବେ କିଏ ପ୍ରାର୍ଥୀ ହେବେ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେବ।

### ମୁଖ୍ୟମନ୍ତ୍ରୀ ଏବଂ ବେଦାନ୍ତ ଅଧ୍ୟକ୍ଷଙ୍କ ମଧ୍ୟରେ ବେଦାନ୍ତର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା

# ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରାଯାଇ ପ୍ରକଳ୍ପକୁ ଠିକ୍ ସମୟରେ କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଲୋକସେବା ଭବନରେ ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ବେଦାନ୍ତର ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ନୂତନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଅନିଲ ଅଗ୍ରୱାଲଙ୍କ ସହିତ ଆଲୋଚନା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଯେପରି ଠିକ୍ ସମୟରେ କାର୍ଯ୍ୟକାରି ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।



ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ କରି ବେଦାନ୍ତ ରାଜ୍ୟରେ ଏକ ବୃହତ୍ ପୁଞ୍ଜିନିବେଶକାରୀ ଭାବେ ପରିଗଣିତ ହେଉଛି। ରାୟଗଡ଼ା ଜିଲ୍ଲାରେ ୬୦ ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନା ରିଫାଇନେରୀ, ଢେଙ୍କାନାଳ ଜିଲ୍ଲାରେ ୩୦ ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନିୟମ୍ ସ୍ମେଲ୍ଟର ଏବଂ ୬୦୦୦ ମେଗାୱାଟ୍ ବିଶିଷ୍ଟ ବିଦ୍ୟୁତ୍ ପ୍ରକଳ୍ପ, ଡାଉନ୍ ଷ୍ଟ୍ରିମ୍ ଆଲୁମିନିୟମ୍ ପାର୍କ, କୋଇଲା ଏବଂ ବକ୍ସାଇଟ୍ ସମନ୍ୱିତ ଶିଳ୍ପ ଇତ୍ୟାଦି ବେଦାନ୍ତ ପକ୍ଷରୁ ଓଡ଼ିଶାରେ ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି।

ଏହି ସମସ୍ତ ପ୍ରକଳ୍ପ ମିଳିତ ଭାବେ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବ। ଏରୋସ୍ପେସ୍, ଇଲେକ୍ଟ୍ରିକ୍ ଭେହିକିଲ୍ ଏବଂ ପ୍ରତିରକ୍ଷା ଭଳି କ୍ଷେତ୍ର ପାଇଁ ଅତ୍ୟାଧୁନିକ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ବେଦାନ୍ତ ଏହାର ସ୍ମେଲ୍ଟର ନିକଟରେ ଡାଉନ୍ ଷ୍ଟ୍ରିମ୍ ଆଲୁମିନିୟମ୍ ପାର୍କ ସ୍ଥାପନ କରିବ। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଓଡ଼ିଶା ବିଶ୍ୱର ସବୁଠାରୁ ବଡ଼ ଆଲୁମିନିୟମ୍ ଉତ୍ପାଦନ ହବ୍ ଭାବରେ ପରିଚୟ ସୃଷ୍ଟି କରିପାରିବ। ଏହାଦ୍ୱାରା ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ହଜାର ହଜାର ନୂତନ ଏମ୍ଏସ୍ଏମ୍ଇ ସୃଷ୍ଟି ହୋଇପାରିବ।

ଢେଙ୍କାନାଳରେ ବିଦ୍ୟୁତ୍ ପ୍ରକଳ୍ପ ଓ ସ୍ମେଲ୍ଟର ଏବଂ ରାୟଗଡ଼ାରେ ଆଲୁମିନା ରିଫାଇନେରୀ ପ୍ରକଳ୍ପ ପାଇଁ ଜମି ଆବଣ୍ଟନ କରାଯାଇଛି। ପ୍ରକଳ୍ପ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ପ୍ରଦାନ ମଧ୍ୟ ଠିକ୍ ଭାବେ ଚାଲିଛି। କମ୍ପାନୀର ନୂତନ କୋଇଲା ବ୍ଲକ ଚଳିତ ବର୍ଷ କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ, ଏହାର ଆଗାମୀ ବକ୍ସାଇଟ୍ ଖଣି ନିକଟରେ ଏକ ପ୍ରସ୍ତାବିତ ରେଳ ସଂଯୋଗକୁ ମଧ୍ୟ ରେଳ ମନ୍ତ୍ରଣାଳୟ ଦ୍ୱାରା ମଞ୍ଜୁରୀ ପ୍ରଦାନ କରାଯାଇଛି।

ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବେଦାନ୍ତର ଏହି ପୁଞ୍ଜିନିବେଶ ଆମ ଯୁବପିଢ଼ିଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ। ବେଦାନ୍ତର ପ୍ରକଳ୍ପ ଗୁଡ଼ିକ ସମ୍ପର୍କରେ ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରାଯାଇ ଠିକ୍ ସମୟରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯିବ। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଯାତ୍ରାକୁ ଏହି ସବୁ ପ୍ରକଳ୍ପ ଗୁଡ଼ିକ ଆହୁରି ତ୍ୱରାନ୍ୱିତ କରିବ। ଏହା ବିଶେଷ କରି କେନ୍ଦ୍ରୀୟ ଏବଂ ଦକ୍ଷିଣ ଓଡ଼ିଶାରେ ଆର୍ଥିକ କାର୍ଯ୍ୟକଳାପ ଏବଂ ଭିତିଭୂମିର ବିକାଶକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରକଳ୍ପର ଅଗ୍ରଗତି ଉପରେ ନିଜର ମତ ରଖି ବେଦାନ୍ତ ଗ୍ରୁପ୍ ର ଅଧ୍ୟକ୍ଷ କହିଥିଲେ ଯେ, ଆମର ଆଗାମୀ ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଅର୍ଥନୀତି ଉପରେ ଏକ ବଡ଼ ପରିବର୍ତ୍ତନ ଆଣିବ, ଯାହା ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ଶକ୍ତିଶାଳୀ କରିବ ଏବଂ ଏକ ଭବିଷ୍ୟତ-ଉପଯୋଗୀ ଶିଳ୍ପ ହବ୍ ଗଠନ କରିବାରେ ସହାୟକ ହେବ। ସରକାରଙ୍କ ସହଯୋଗ ପାଇଁ ଅଗ୍ରୱାଲ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ଓଡ଼ିଶାର ପ୍ରଗତିରେ ଜଣେ ଦୃଢ଼ ସହଭାଗୀ ଭାବରେ ରହିବାକୁ ପ୍ରତିଶ୍ରୁତି ବଦ୍ଧ ବୋଲି କହିଥିଲେ।

ଏହି ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ସହିତ ବେଦାନ୍ତ ଗ୍ରୁପ୍ ର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଠିକତା ମୂଲ୍ୟ ସହିତ ଧାତୁ ସ୍ଥାନାନ୍ତର: ଉତ୍ତମ ଲଜିଷ୍ଟିକ୍ସ ନେଟୱାର୍କ ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ମେଗା ପ୍ଲାଣ୍ଟକୁ ଶକ୍ତି ପ୍ରଦାନ

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**



ପ୍ରତ୍ୟେକ ଉଚ୍ଚ-ପ୍ରଦର୍ଶିତ ଉତ୍ପାଦନ ପ୍ରଣାଳୀ ପଛରେ ଏକ ବ୍ୟାପକ ଲଜିଷ୍ଟିକ୍ସ ନେଟୱାର୍କ ରହିଛି ଯାହାକି ଏହାକୁ ସୁଗମ ଗତିରେ ତଦାରକ କରିବା ସହିତ ବିପୁଳ ପରିମାଣର କଂଚାମାଲ ସ୍ଥାନାନ୍ତର ତଥା ସମୟ ଏବଂ ସଠିକତା ସହିତ ସମାପ୍ତ ଉତ୍ପାଦ ବିତରଣ କରିବାର କ୍ଷମତା ପ୍ରଦାନ କରିଥାଏ। ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଂଟ ଝାରସୁଗୁଡାର ବେଦାନ୍ତ ଆଲୁମିନିୟମରେ, ଲଜିଷ୍ଟିକ୍ସକୁ ଏକ ମେଗା ସ୍କେଲରେ ଉତ୍ପାଦନ ବଜାୟ ରଖିବା ପାଇଁ ଏକ ନିରନ୍ତର, ଉଚ୍ଚ-ଭଲ୍ୟୁମ୍ କାର୍ଯ୍ୟକୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ସିଷ୍ଟମ୍ ମାଧ୍ୟମରେ ସ୍ଥାନିତ କରାଯାଇଛି। ପ୍ରତିବର୍ଷ, ଆଲୁମିନା ଭଳି କଂଚା ଇନପୁଟ୍, ବିଲେଟ୍ ଏବଂ ଇନଗଟ୍ ଭଳି ସମାପ୍ତ ସାମଗ୍ରୀ ଏବଂ ଉପ-ଉତ୍ପାଦ ସମେତ ପ୍ରାୟ ୨୮ ନିୟୁତ ଟନ୍ ସାମଗ୍ରୀ ଏକ ଦୃଢ଼ ଭାବରେ ସମନ୍ୱିତ ଲଜିଷ୍ଟିକ୍ସ ନେଟୱାର୍କ ମାଧ୍ୟମରେ ଗତି କରିଥାଏ। ରେଳ ଏହି ସିଷ୍ଟମର ଏକ ମେରୁଦଣ୍ଡ ଅଟେ। ପ୍ଲାଣ୍ଟ କୁ ଏବଂ ପ୍ଲାଣ୍ଟରୁ ପ୍ରାୟ ୫୫ ପ୍ରତିଶତ ସାମଗ୍ରୀ ରେଳ ଦ୍ୱାରା ପରିବହନ କରାଯାଏ, ଯାହାକୁ ବଡ଼ ଶିଳ୍ପ ଲଜିଷ୍ଟିକ୍ସ ପାଇଁ ସବୁଠାରୁ ଦକ୍ଷ ଏବଂ ନିର୍ଭରଯୋଗ୍ୟ ମୋଡ୍ ଭାବରେ ବିବେଚନା କରାଯାଏ। ଏହା ସ୍ଥିର ପ୍ରବାହ, ଦ୍ରୁତ ପରିବର୍ତ୍ତନ ଏବଂ ପ୍ରତି ଟନ୍ ପ୍ରତି କମ ନିର୍ଗମନ ସୁନିଶ୍ଚିତ କରିବା ସହିତ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସ୍ଥାୟୀତ୍ୱ ଉଭୟକୁ ସୁଦୃଢ଼ କରିଥାଏ। ଆର୍ଥିକ ବର୍ଷ ୨୬ ରେ ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ପ୍ଲାଣ୍ଟ ଦ୍ୱାରା ୫,୦୦୦ ରୁ ଅଧିକ ରେଳ ରେକ୍ ପରିଚାଳନା କରାଯାଇଥିଲା, ପ୍ରାୟତଃ ସର୍ବାଧିକ ପିକ୍ ପିରିୟଡ୍ ସମୟରେ ଗୋଟିଏ ମାସ ମଧ୍ୟରେ ପ୍ରାୟ ୫୦୦ ରେକ୍ ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟଦକ୍ଷତା ସ୍କେଲ୍ ରେ ନିରନ୍ତରତା ପାଇଁ ଡିଜାଇନ୍ କରାଯାଇଥିବା ଏକ ଲଜିଷ୍ଟିକ୍ ଇକୋସିଷ୍ଟମ୍ ଦ୍ୱାରା ସକ୍ଷମ ହୋଇଛି। ସମ୍ବଲପୁର, ଚକ୍ରଧରପୁର ଏବଂ ବିଲାସପୁର ଭଳି ପ୍ରମୁଖ ରେଳ ଡିଭିଜନ ସହିତ ସଂଯୁକ୍ତ ଯାହା ଏହାକୁ ପୂର୍ବ ତଟ ଜୋନରେ ଭାରତୀୟ ରେଳବାଇର ସର୍ବବୃହତ ମାଲ ଗ୍ରାହକ କରିଥାଏ, ପ୍ଲାଣ୍ଟର ନେଟୱାର୍କ ସମନ୍ୱିତ ସାଇଡିଂ, ଇନ-ହାଉସ୍ ଲୋକୋମୋଟିଭ୍ ଏବଂ ସ୍ୱତନ୍ତ୍ର ରେକ୍ଗୁଡ଼ିକୁ ଏକ ସମନ୍ୱିତ ସିଷ୍ଟମରେ ସଂଯୁକ୍ତ କରିଥାଏ। ରେଳ ବ୍ୟତୀତ, ବେଦାନ୍ତ ଆଲୁମିନିୟମର ଲଜିଷ୍ଟିକ୍ ଶକ୍ତି ସାମୁଦ୍ରିକ ବାଣିଜ୍ୟରେ ବିସ୍ତାରିତ। ଓଡ଼ିଶାର ପାରାଦୀପ ବନ୍ଦରରେ, କମ୍ପାନୀ ଏକ ଅତ୍ୟନ୍ତ ଦକ୍ଷ ରପ୍ତାନି ଚ୍ୟାନେଲ ପରିଚାଳନା କରେ ଯାହା ଏହାକୁ ୬୦ ରୁ ଅଧିକ ଦେଶରେ ଗ୍ରାହକମାନଙ୍କୁ ସେବା ଯୋଗାଇବାକୁ ସକ୍ଷମ କରିଥାଏ, ବନ୍ଦରରୁ ସର୍ବବୃହତ କଣ୍ଟେନର କାର୍ଗୋ ରପ୍ତାନିକାରୀ ଭାବରେ ଉଭା ହୋଇଥାଏ। ଏହି କ୍ଷମତାଗୁଡ଼ିକ ଏକ ଗଭୀର ସମନ୍ୱିତ ଲଜିଷ୍ଟିକ୍ସ ଇକୋସିଷ୍ଟମକୁ ପ୍ରତିଫଳିତ କରେ ଯାହା ଉତ୍ପାଦନକୁ ରେଳ ଏବଂ ସମୁଦ୍ର ମାଧ୍ୟମରେ ଘରୋଇ ଏବଂ ବିଶ୍ୱ ବଜାର ସହିତ ସଂଯୋଗ କରେ, ଏବଂ ପରିବହନ କରିଡର, ବନ୍ଦର ଭିତ୍ତିଭୂମି ଏବଂ ଆଖପାଖ ଅଞ୍ଚଳରେ ନିଯୁକ୍ତି ସୃଷ୍ଟି, ଲଜିଷ୍ଟିକ୍ସ ସେବା ଏବଂ ଆନୁଷଙ୍ଗିକ ଶିଳ୍ପ କାର୍ଯ୍ୟକଳାପ ମାଧ୍ୟମରେ ଓଡ଼ିଶାର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ। ଏହି ଅବସରରେ ସି. ଚନ୍ଦ୍ରୁ, ସିଇଓ - ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ପରିମାଣରେ ସାମଗ୍ରୀର ଦକ୍ଷ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ପରିବହନକୁ ସମର୍ଥନ କରିବା ପାଇଁ ଆମର ଲଜିଷ୍ଟିକ୍ସ ଏବଂ ଭିତ୍ତିଭୂମି କ୍ଷମତାକୁ ନିରନ୍ତର ସୁଦୃଢ଼ କରୁଛୁ। ଆମର ସମନ୍ୱିତ, ରେଳ-ନେତୃତ୍ୱାଧୀନ ଲଜିଷ୍ଟିକ୍ସ ନେଟୱାର୍କ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି, ପରିବର୍ତ୍ତନ ସମୟକୁ ଉନ୍ନତ କରିବା ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ୬୦ରୁ ଅଧିକ ଦେଶକୁ ଯୋଗାଣ କରୁଥିବା ବିଶ୍ୱର ପ୍ରମୁଖ ଆଲୁମିନିୟମ ଉତ୍ପାଦକମାନଙ୍କ ମଧ୍ୟରୁ ଜଣେ ଭାବରେ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ସ୍ଥାୟୀ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ନିର୍ମାଣ ଆମର ଦୀର୍ଘକାଳୀନ ସ୍ଥାୟୀତ୍ୱ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ସହିତ ବିଶ୍ୱ ଗ୍ରାହକମାନଙ୍କୁ ନିରନ୍ତର ସେବା କରିବାର ଆମର କ୍ଷମତାର କେନ୍ଦ୍ରବିନ୍ଦୁ।" ନବୀକରଣୀୟ ଶକ୍ତି ବ୍ୟବସ୍ଥା, ବୈଦ୍ୟୁତିକ ଗତିଶୀଳତା, ପରିବହନ ଏବଂ ଉନ୍ନତ ଉତ୍ପାଦନ ପାଇଁ ଆଲୁମିନିୟମ କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହୋଇଗଲାଣି। ଏହି ପରିପ୍ରେକ୍ଷୀରେ, ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡା ଉତ୍ପାଦନ କ୍ଷମତା ପରି ନିର୍ଭରଯୋଗ୍ୟ, ସ୍ଥିରତା ଏବଂ ସମୟାନୁବର୍ତ୍ତୀ ବିତରଣ ଆବଶ୍ୟକ କ୍ଷେତ୍ରଗୁଡ଼ିକରେ ଧାତୁର ଏକ ସ୍ଥିର, ବଡ଼ ପରିମାଣର ଯୋଗାଣ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କାର୍ଯ୍ୟକ୍ଷମ ଉତ୍କର୍ଷତା ଉପରେ ଏହି ଧ୍ୟାନ ସୁରକ୍ଷା ପ୍ରତି ନିରନ୍ତର ପ୍ରତିବଦ୍ଧତା ଦ୍ୱାରା ମଧ୍ୟ ପରିପୂରକ। ଆର୍ଥିକ ବର୍ଷ ୨୬ରେ, ବେଦାନ୍ତ ଝାରସୁଗୁଡା ରେଳ କାର୍ଯ୍ୟରେ ସଚେତନତା ଏବଂ ନିରାପଦ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ପ୍ରମୁଖ ଯୋଗାଣକାରୀଙ୍କ ସହଯୋଗରେ 'ସୁରକ୍ଷା ସମ୍ପର୍କ' ଭଳି ପଦକ୍ଷେପ ଗ୍ରହଣ କରିଥିଲା। ଏହି ପଦକ୍ଷେପଗୁଡ଼ିକ ସୁରକ୍ଷିତ ରେକ୍ ଗତି, ଦଳ ମଧ୍ୟରେ ନିକଟ ସମନ୍ୱୟ ଏବଂ ଲଜିଷ୍ଟିକ୍ସ ନେଟୱାର୍କରେ ସୁରକ୍ଷା-ପ୍ରଥମେ ସଂସ୍କୃତିକୁ ସୁଦୃଢ଼ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏହି ବ୍ୟବସ୍ଥା ମଧ୍ୟ ଏହାର ଲୋକଙ୍କ ଦ୍ୱାରା ପରିଚାଳିତ। ବେଦାନ୍ତର ସମସ୍ତ ମହିଳା ଲୋକୋମୋଟିଭ୍ ଦଳ ପ୍ଲାଣ୍ଟ ମଧ୍ୟରେ ରେଳ ଗତି ପରିଚାଳନା ଏବଂ ବାହ୍ୟ ଲଜିଷ୍ଟିକ୍ସ କାର୍ଯ୍ୟ ସହିତ ନିର୍ବିଘ୍ନ ସମନ୍ୱୟ ସୁନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଏଠାରେ, ଲଜିଷ୍ଟିକ୍ସକୁ ସ୍କେଲ୍, ସଠିକତା ଏବଂ ନିରନ୍ତରତା ଦ୍ୱାରା ପରିଭାଷିତ କରାଯାଇଛି, ଯାହାକି ବେଦାନ୍ତ ଆଲୁମିନିୟମ, ବିଶ୍ୱ ଅଭିବୃଦ୍ଧିକୁ ଆକାର ଦେଉଥିବା ଶିଳ୍ପଗୁଡ଼ିକୁ ଶକ୍ତି ପ୍ରଦାନ କରିବାକୁ ସକ୍ଷମ କରିଥାଏ।

# ସ୍ଥାୟୀ ବିକାଶ ଏବଂ ସିଏସଆର ପଦକ୍ଷେପକୁ ସୁଦୃଢ଼ କରିବା ପାଇଁ ଆଇଆଇଟି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମଗ୍ର ଓଡ଼ିଶାରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍ଆର), ସ୍ଥାୟୀତ୍ୱ, ସାମାଜିକ ବିକାଶ ଏବଂ କ୍ଷମତା ବିକାଶ ପଦକ୍ଷେପ କ୍ଷେତ୍ରରେ ସହଯୋଗକୁ ବୃଦ୍ଧି କରିବା ପାଇଁ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଭୁବନେଶ୍ୱର ଓଡ଼ିଶା ସିଏସ୍ଆର୍ ଫୋରମ୍ ସହିତ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛି। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଏବଂ ଓଡ଼ିଶା ସିଏସ୍ଆର୍ ଫୋରମର ସଂଯୋଜକ ବ୍ରଜେନ୍ଦ୍ର କୁମାର ମିଶ୍ରଙ୍କ ମଧ୍ୟରେ ୨୫ ମଇ ୨୦୨୬ରେ ଏହି ବୁଝାମଣାପତ୍ର ଆନୁଷ୍ଠାନିକ ଭାବରେ ଆଦାନପ୍ରଦାନ କରାଯାଇଥିଲା। ଏହି ଅବସରରେ, ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଡିନ୍ (ପ୍ରାୟୋଜିତ ଗବେଷଣା ଏବଂ ଶିଳ୍ପ ପରାମର୍ଶ) ପ୍ରଫେସର ଦିନକର ପାସଲା; ଡିନ୍ (ପୂର୍ବ ଛାତ୍ର, କର୍ପୋରେଟ୍ ଏବଂ ଆନ୍ତର୍ଜାତୀୟ ସମ୍ପର୍କ) ଓ ଡେପୁଟି ରେଜିଷ୍ଟ୍ରାର (ପୂର୍ବ ଛାତ୍ର, କର୍ପୋରେଟ୍ ଏବଂ ଆନ୍ତର୍ଜାତୀୟ ସମ୍ପର୍କ) ଶ୍ରୀ ପ୍ରଦୀପ କୁମାର ସାହୁ ଏବଂ ଓଡ଼ିଶା ସିଏସ୍ଆର୍ ଫୋରମ ପକ୍ଷରୁ ଶ୍ରୀ ଟି.ସି. ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଭାଗୀତା ଆଇଆଇଟି ଭୁବନେଶ୍ୱରର ଶିକ୍ଷାଗତ ଏବଂ ଗବେଷଣା ଶକ୍ତି ସହିତ ଓଡ଼ିଶା ସିଏସଆର ଫୋରମର ଶିଳ୍ପ ଏବଂ ସିଏସଆର ବିଶେଷଜ୍ଞତାକୁ ମିଶ୍ରଣ କରି ସ୍ଥାୟୀ ବିକାଶ ଏବଂ ସାମାଜିକ ପ୍ରଭାବ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସହଯୋଗୀ ଢାଞ୍ଚା ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ଏହି ସହଯୋଗର ଅଂଶ ସ୍ୱରୂପ, ଉଭୟ ସଂଗଠନ ମିଳିତ ଭାବରେ ତାଲିମ କାର୍ଯ୍ୟକ୍ରମ, କର୍ମଶାଳା, ସେମିନାର, ସମ୍ମିଳନୀ, ସିଏସଆର କନକ୍ଲେଭ, ଅଂଶୀଦାରଙ୍କ ପରାମର୍ଶ ଏବଂ ସିଏସଆର ରଣନୀତି, ସ୍ଥାୟୀତ୍ୱ ରିପୋର୍ଟିଂ, ଇଏସଜି, ଦକ୍ଷତା ବିକାଶ ଏବଂ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ସହିତ ଜଡିତ ପରାମର୍ଶ କାର୍ଯ୍ୟ ସମ୍ପାଦନ କରିବେ। ଏହି ବୁଝାମଣାପତ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଜୀବିକା, ଗ୍ରାମୀଣ ବିକାଶ, ନବୀକରଣୀୟ ଶକ୍ତି, ଜଳବାୟୁ ପରିବର୍ତ୍ତନ ଏବଂ ସମ୍ପ୍ରଦାୟ ବିକାଶ ଭଳି କ୍ଷେତ୍ରରେ ପ୍ରକଳ୍ପଗୁଡ଼ିକର ମିଳିତ କାର୍ଯ୍ୟାନ୍ୱୟନ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଚୁକ୍ତିନାମା ସିଏସଆର ପଦକ୍ଷେପ ଏବଂ ଆଉଟରିଚ୍ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅଂଶଗ୍ରହଣ ମାଧ୍ୟମରେ ଛାତ୍ର ଏବଂ ଯୁବପିଢ଼ିଙ୍କ ସମ୍ପୃକ୍ତି ଉପରେ ଅଧିକ ଗୁରୁତ୍ୱାରୋପ କରିଛି, ଏବଂ ମେଧାବୀ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ସ୍କଲାରସିପ୍ ଏବଂ ଫେଲୋସିପ୍ ମଧ୍ୟ ସମର୍ଥନ କରୁଛି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. MCSW-DPT-MPT-26-27-08
**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ବିଭିନ୍ନ BG କୋଚ୍ ଉପାଦାନ (Component)ଗୁଡ଼ିକର ଡାଇ ପେନେଟ୍ରେଶନ ପରୀକ୍ଷଣ (DPT) ଏବଂ ମ୍ୟାଗ୍ନେଟିକ ପାର୍ଟିକଲ ପରୀକ୍ଷଣ (MPT)।
**ବିଜ୍ଞାପିତ ମୂଲ୍ୟ :** ₹ 1,07,77,922.88, EMD : ₹ 2,15,600/-, ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.28.05.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.06.2026ରିଖ 1500 ଘଟିକାରେ।
ଏହି ଟେଣ୍ଡରର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH), CRW/ମଞ୍ଚେଶ୍ୱର
PR-191/R/26-27


13001/656/2627
**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର- ଭବାନୀ ଏନକ୍ଲେଭରେ ପ୍ଲଟ୍ ନଂ-7D/1330 ଟିକୁ ଶ୍ରୀ ପ୍ରିତିଶ ରଞ୍ଜନ ଜେନା, ପିତା-ଶ୍ରୀ ତିର୍ଥାନନ୍ଦ ଜେନା, ସା-ଦେଉଳପଡ଼ା, ପୋ-ଦେଉଳପଡ଼ା, ଥା-ମହାକାଳପଡ଼ା, ଜିଲ୍ଲା-କେନ୍ଦ୍ରାପଡ଼ା, ରାଜ୍ୟ-ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ପ୍ରିତିଶ ରଞ୍ଜନ ଜେନା ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ତପତି ରାଜ, ସ୍ୱାମୀ- ଶ୍ରୀ ବିଶ୍ୱଜିତ ସାହୁ ଏବଂ ଶ୍ରୀ ବିଶ୍ୱଜିତ ସାହୁ, ସା-ବିଳାଶୁଣୀ, ପୋ-ବିଳାଶୁଣୀ, ଥା-ନିଆଳି, ଜିଲ୍ଲା-କଟକ, ପିନ୍-୭୫୪୦୦୪, ରାଜ୍ୟ-ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
OIPR-13001/13037/1/26-27/0034 ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

ଉତ୍କଳ ଦୀପିକା
ଭୁବନେଶ୍ୱର, ୨୮ ମଇ, ଗୁରୁବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀଗୁଣ୍ଡିଚା ମନ୍ଦିର ନବୀକରଣ କାର୍ଯ୍ୟ ତଦାରଖ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ, ୨୭/୦୫ ନ୍ୟୁଜ ବ୍ୟୁରୋ

ଆସନ୍ତା ରଥଯାତ୍ରା ପୂର୍ବରୁ ଶେଷ ହେବ ଶ୍ରୀଗୁଣ୍ଡିଚା ମନ୍ଦିରର ନବୀକରଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ । ନିଳାଦ୍ରୀ ବିଜେ ପରେ ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ ଅନୁଯାୟୀ ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲାଯିବ । ଏନେଇ ବିଭିନ୍ନ ପ୍ରକାରର ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଗୁଣ୍ଡିଚା ମନ୍ଦିର ଯାଇ ସମସ୍ତ ମରାମତି କାର୍ଯ୍ୟ ଏବଂ ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ରଖିଛି ଶ୍ରୀମନ୍ଦିର ପ୍ରଶାସନ । ପୂର୍ବରୁ ଗୁଣ୍ଡିଚା ମନ୍ଦିରର ସମ୍ମୁଖ ଭାଗ ଏବଂ ଶରଧାବାଲି ଅଞ୍ଚଳରେ ଅନେକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି । ସୂଚନା କେନ୍ଦ୍ର, ଅଭ୍ୟର୍ଥନା କେନ୍ଦ୍ର, ଲ୍ୟାଣ୍ଡ ସ୍କେପିଙ୍ଗ, ଆଲୋକୀକରଣ



ଆଦି କାର୍ଯ୍ୟ କରାଯାଇଥିବା ବେଳେ ବାକି ଥିବା ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱର ମଧ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି । ସେହିପରି ଗୁଣ୍ଡିଚା ମନ୍ଦିର ଭିତରେ ରୋଷ ଶାଳାର ମରାମତି ସହ ନାଟମଣ୍ଡପର ମରାମତି କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ଆଗାମୀ ଦିନରେ ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯିବ । ଗୁଣ୍ଡିଚା ମନ୍ଦିର ଭିତରେ ଏକ ସୁନ୍ଦର ଉଦ୍ୟାନ କରାଯାଉଥିବା ବେଳେ ଭକ୍ତଙ୍କ ସୁବିଧା ପାଇଁ ପାନୀୟ ଜଳ ବ୍ୟବସ୍ଥା, ରାମ୍ପ, ସିସିଟିଭି ସମେତ ସମସ୍ତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି । ସେପଟେ ରଥଯାତ୍ରା ୟୁନେସ୍କୋ ମାନ୍ୟତା ମିଳିବାର ବିଳମ୍ବ ହେବା ପ୍ରସଙ୍ଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ପୁରୀ ରଥଯାତ୍ରା କୁ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଛି । ତେବେ ଇତିମଧ୍ୟରେ ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ମିଳିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ରଥଯାତ୍ରା ସମ୍ପର୍କିତ ସମସ୍ତ ଭିଡ଼ିଓ, ଫଟୋ, ଦସ୍ତାବିଜ ବା ଦଲିଲ, ଗବେଷକଙ୍କ ମତାମତ, ଗଜପତି ମହାରାଜାଙ୍କ ବାର୍ତ୍ତା ସବୁକୁ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀକୁ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ପ୍ୟାରିସରେ ହେବାକୁ ଥିବା ୟୁନେସ୍କୋ ବୈଠକରେ ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ପ୍ରଦାନ ନେଇ ଆଲୋଚନା ହେବ । କେନ୍ଦ୍ର ସରକାରଙ୍କ ସୁପାରିସ ଆଧାରରେ ମହାପ୍ରଭୁଙ୍କ ଐତିହାସିକ ରଥଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ୟୁନେସ୍କୋ ପକ୍ଷରୁ ପ୍ରଦାନ କରାଯିବ ବୋଲି ଆଶା କରାଯାଉଛି । ସେପଟେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ନାମକରଣକୁ ଜିଆଇ ଟ୍ୟାଗ ମିଳିବା ନେଇ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚେନ୍ନାଇରେ ଥିବା ଜିଆଇ ରେଜିଷ୍ଟ୍ରି କାର୍ଯ୍ୟାଳୟରେ ଆବେଦନ କରାଯାଇଛି । ଏଣୁ ଆଗାମୀ ଦିନରେ ଜିଆଇ ଟ୍ୟାଗ ମିଳିବାରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଆମେ ଆଶା ରଖିଛୁ କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ।

# ବାପା, ମା'ଙ୍କ ଅଜବ ଚିନ୍ତାରେ ଅକାଳରେ ଝରିଯାଉଛି ଝିଅର ଜୀବନ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭/୦୫

ନିକଟରେ ଏକ ଯୌତୁକ ଜନିତ ନବବଧୂର ଆତ୍ମହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀକୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି ସୁପ୍ରିମକୋର୍ଟ । ଏହାସହ ନବବଧୂର ବାପା, ମା'ଙ୍କ ଉପରେ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ଏବେ ଖବରର ସିରୋନାମାରେ ଏବଂ ସମାଜର ଏକ ବାସ୍ତବ ଛବିକୁ ସ୍ପଷ୍ଟ କରିଛି । ସୁପ୍ରିମକୋର୍ଟ ଯୌତୁକ ଜନିତ ହତ୍ୟାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ଦେବା ସହ, ବୋହୂର ବାପା, ମା'ଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । କହିଛନ୍ତି, ଅନେକ ସମୟରେ ଦେଖାଯାଉଛି ଝିଅକୁ ଥରେ ବାହା ଦେବା ପରେ ବାପା, ମା' ସବୁ ଜିନିଷକୁ ସାଲିସ୍ କରିଚାଲନ୍ତି । ଝିଅର ଶାଶୂଘରେ ସବୁ ଠିକ୍ ଚାଲିଲା ତ ଚାଲିଲା । ଯଦି କିଛି କେଁ ବାହାରିଲା ଝିଅ ଶାଶୂ ଘର ଲୋକଙ୍କ ସବୁ ଦାବୀକୁ ମୁଣ୍ଡ ନୂଆଇଁ ମାନିନିଅନ୍ତି ଝିଅର ବାପା, ମା' । ସବୁବେଳେ ଝିଅର ସଂସାର ବଞ୍ଚାଇବାକୁ ଅଭିଭାବକଙ୍କ ଏପରି ଇଚ୍ଛା ଅନେକ ସମୟରେ ତାଙ୍କୁ ମୃତ୍ୟୁମୁଖକୁ ଠେଲିଦେଇପାରେ । ଠିକ୍ ଏପରି କିଛି ଘଟିଥିଲା ସୋମା ଆଚାର୍ଯ୍ୟଙ୍କ ଘଟଣାରେ । ଜଷ୍ଟିସ୍ ପିକେ ମିଶ୍ରା ଓ ଜଷ୍ଟିସ୍ କେବି ବିଶ୍ୱନାଥନଙ୍କ ଖଣ୍ଡପୀଠ ପଚାରିଥିଲେ, କ'ଣ ସୋମାଙ୍କ ଜୀବନ ବଞ୍ଚାଯାଇପାରିନଥାନ୍ତା ? କିଛି ସମାଜରେ ରହୁଥିବା ପଶୁ ପ୍ରକୃତି ଲୋକଙ୍କ ପାଖରେ ତାଙ୍କୁ ଛାଡ଼ିଦିଆଗଲା । ସୂଚନା ମୁତାବକ, ବିବାହର କିଛି ଦିନ ପରେ ବାରମ୍ବାର ଯୌତୁକ ପାଇଁ ସ୍ୱାମୀ ଓ ଶାଶୂଘର ଲୋକ ସେମାନଙ୍କୁ ନିର୍ଯ୍ୟାତନା ଦେଉଥିଲେ । ଏକଥା ସୋମା ବାରମ୍ବାର ନିଜ ବାପ ଘରକୁ ଜଣାଇଥିଲେ । କିଛି ଦିନିନ ବାପ ଘରେ ଯାଇ ରହିଥିଲେ ମଧ୍ୟ । କିନ୍ତୁ ବାପା, ମା' ଶାଶୂ ଘରର କିଛି ଦାବୀକୁ ପୂରଣ କରିବା ସହ ଗାଁରେ ପଞ୍ଚାୟତ ବସାଇ ଘଟଣାର ସମାଧାନ କରିବାକୁ ଚେଷ୍ଟା କରିଥିଲେ ଏବଂ ଝିଅକୁ ପୁଣି ଶାଶୂଘରକୁ ପଠାଇଦେଇଥିଲେ । ବାପ, ମା' ଏବଂ ସମ୍ପର୍କୀୟ ବୁଝାଇବା ପରେ ସୋମା ବି ମନକୁ ବୁଝାଇଥିଲା ଯେ କାଳେ ସମ୍ପର୍କ ସୁଧୁରିଯିବ, ସ୍ୱାମୀ ଓ ଶାଶୂଘର ଲୋକଙ୍କ ମନ ବଦଳିଯିବ । ତେଣୁ ସବୁ ଚୁପଚାପ୍ ସହିଯିବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ବିବାହର ମାତ୍ର ୧୫ ମାସ ପରେ ବାପ ଘରକୁ ହଠାତ୍ ଆସିଲା ସୋମା ଆତ୍ମହତ୍ୟା କରିଥିବା ଖବର । ସୋମାର ମୃତଦେହ ଘର ଭିତରେ ଦଉଡ଼ିରେ ଝୁଲୁଥିଲା । ମେଡିକାଲ ଟେଷ୍ଟ ଏବଂ ପୋଷ୍ଟମର୍ଟମ ରିପୋର୍ଟରୁ ଯାହ ଜଣାପଡ଼ିଲା ତାହା କେବେବି ଆତ୍ମହତ୍ୟା ନଥିଲା ବୋଲି ସ୍ପଷ୍ଟ ହେଉଥିଲା । କାରଣ ସୋମାଙ୍କ ଶରୀରରେ ଯେଉଁ କ୍ଷତ ଚିହ୍ନ ଥିଲା ତାହା କେବେବି ଜଣେ ନିଜକୁ ନିଜେ ଦେଇପାରିବ ନାହିଁ । ତେବେ ଏସବୁ ଘଟଣା ପରେ କୋର୍ଟ ଏହାକୁ ଯୌତୁକ ଜନିତ ହତ୍ୟା ବୋଲି ନିଶ୍ଚିତ କରିବା ପରେ ଅଭିଯୁକ୍ତ ସ୍ୱାମୀକୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି ଏବଂ ଏହି ଘଟଣାରେ ବାପା, ମା'ଙ୍କୁ ବି ଦାୟୀ କରିଛନ୍ତି । ବାରମ୍ବାର ନିର୍ଯ୍ୟାତନାର ଅଭିଯୋଗ କରିବା ପରେ ସେଭଳି ଏକ ବିପଦପୂର୍ଣ୍ଣ ସ୍ଥାନକୁ ଝିଅକୁ ପଠାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ । ବାହା ଦେବା ପରେ ଝିଅ କ'ଣ ବାପା, ମା'ଙ୍କ ପାଇଁ ବୋଝ ହୋଇଯାଏ କି ବୋଲି ପ୍ରଶ୍ନ କରଛନ୍ତି କୋର୍ଟ ।

# କିଟ୍ ଦ୍ୱାରା ବିକଶିତ ବନ୍ୟପ୍ରାଣୀ ମନିଟରିଂ ଡିଭାଇସ୍ ଡିଜାଇନକୁ ମିଳିଲା ପେଟେଣ୍ଟ



ଭୁବନେଶ୍ୱର, ୨୭।୫ ନ୍ୟୁଜ ବ୍ୟୁରୋ

ପ୍ରଯୁକ୍ତିବିଦ୍ୟା-ଚାଳିତ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି, 'ଇଣ୍ଟେଲିଜେଣ୍ଟ ସେନ୍ସର ଡିଭାଇସ୍ ଫର ଅଟୋମେଟେଡ୍ ୱାଇଲ୍ଡଲାଇଫ୍ ମନିଟରିଂ' ଶୀର୍ଷକ ଏକ ଅଭିନବ ଉପକରଣକୁ ଡିଜାଇନ ପେଟେଣ୍ଟ ପ୍ରଦାନ କରାଯାଇଛି । ଏହା କିଟ ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିବା ବେଳେ ଗବେଷଣା-ଆଧାରିତ ପରିବେଶ ସୁରକ୍ଷା ପଦକ୍ଷେପରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ।

କିଟ୍ ଲ୍ୟାବରେ ବିକଶିତ ଏହି ପ୍ରଯୁକ୍ତିର ଉଦ୍ଦେଶ୍ୟ ହେଉଛି ସେନ୍ସର-ଆଧାରିତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବନ୍ୟପ୍ରାଣୀ ତଦାରଖ ଏବଂ ଜୈବ ବିବିଧତା ସଂରକ୍ଷଣ ପ୍ରଣାଳୀକୁ ସୁଦୃଢ଼ କରିବା । ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନୀଳାନ୍ନାବରଙ୍କ ମାର୍ଗଦର୍ଶନରେ ପରିଚାଳିତ ଏହି ପ୍ରକଳ୍ପରେ କିଟ୍ ସହକାରୀ ରେଜିଷ୍ଟ୍ରାର ପ୍ରଫେସର ମନୋଜ ଉଜାମାନାଲ ଏହି ଉପକରଣର କାର୍ଯ୍ୟାନ୍ୱୟନ ତଦାରଖ କରିଥିଲେ ।

ଏହି ନବସର୍ଜନା ପରିବେଶଗତ ଚ୍ୟାଲେଞ୍ଜ ପାଇଁ ଆନ୍ତଃବିଭାଗୀୟ ଗବେଷଣା ଏବଂ ବ୍ୟବହାରିକ ପ୍ରଯୁକ୍ତିବିଦ୍ୟା ସମାଧାନ ଉପରେ କିଟ୍ ଗୁରୁତ୍ୱକୁ ଦେଖାଉଛି । କେବଳ ଏହି ଡିଭାଇସର ଉଦ୍ଭାବନରେ ନୁହେଁ ବରଂ ପ୍ରକଳ୍ପ ପାଇଁ ଶୈକ୍ଷିକ ଏବଂ ବୌଦ୍ଧିକ ସଂପତ୍ତି ସହାୟତା ପ୍ରଦାନ କରିବାରେ ମଧ୍ୟ କିଟ୍ କାର୍ଯ୍ୟ କରି ଆସୁଛି । କିଟ ଲ ସ୍କୁଲର ସହଯୋଗୀ ପ୍ରଫେସର ଡ ଇପ୍ସିତା ଦାସ ଓ ଡ ତୁଳିଶ୍ରୀ ପ୍ରଧାନ ପେଟେଣ୍ଟ ପଞ୍ଜିକରଣ ପ୍ରକ୍ରିୟା ଏବଂ ଶିକ୍ଷାଗତ ସମନ୍ୱୟକୁ ସହଜ କରିବାରେ ସକ୍ରିୟ ସହାୟତା ପ୍ରଦାନ କରିଥିଲେ ।

ଏହି ପ୍ରକଳ୍ପ ଧାରଣା ଓ ରୂପରେଖା ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା 'ଇନୋଭେସନ ସେଲ୍'ରେ କରାଯାଇଥିଲା । ଏହା ବନ କର୍ତ୍ତୃପକ୍ଷ ଓ ଶିକ୍ଷାଗତ ଗବେଷକଙ୍କ ମଧ୍ୟରେ ସହଯୋଗର ସଫଳ ଫଳାଫଳ ବୋଲି କୁହାଯାଉଛି । ଏହି ପଦକ୍ଷେପ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞତା ଏବଂ କ୍ଷେତ୍ର-ସ୍ତରୀୟ ସଂରକ୍ଷଣ ଆବଶ୍ୟକତା ମଧ୍ୟରେ ଏକ ଉଲ୍ଲେଖନୀୟ ସମନ୍ୱୟ ହାସଲ କରେ । ଏହାର ଲକ୍ଷ୍ୟ ବନ୍ୟପ୍ରାଣୀ ନିରୀକ୍ଷଣ ପାଇଁ ଏକ ସ୍ମାର୍ଟ ଓ କମ୍ ଅନୁପ୍ରବେଶକାରୀ ବ୍ୟବସ୍ଥା ବିକଶିତ କରିବା ।

ପ୍ରାକୃତିକ ବାସସ୍ଥାନରେ ମାନବ ହସ୍ତକ୍ଷେପକୁ ହ୍ରାସ କରିବା ସହିତ ଜୈବ ବିବିଧତା ପର୍ଯ୍ୟବେକ୍ଷଣ ଏବଂ ବନ୍ୟପ୍ରାଣୀ ତଦାରଖର ସୁରକ୍ଷା ବୃଦ୍ଧି କରିବା ପାଇଁ ଏହି ଉପକରଣ ଡିଜାଇନ କରାଯାଇଛି ବୋଲି ଏହି ପ୍ରକଳ୍ପରେ କାମ କରୁଥିବା ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଏହି ପ୍ରଯୁକ୍ତିବିଦ୍ୟା ଅଧିକ ବୁଦ୍ଧିମାନ, କମ୍ ଅନୁପ୍ରବେଶକାରୀ ଏବଂ କ୍ଷେତ୍ରସ୍ତରୀୟ ଜୈବ ବିବିଧତା ତଦାରଖ ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ସେମାନେ କହିଛନ୍ତି ।

## ଜେଏସଡବ୍ଲୁ ମେଗା ଷ୍ଟିଲ୍ ପ୍ଲାଣ୍ଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ହେବ ଦେଶର 'ଷ୍ଟିଲ୍ ରାଜଧାନୀ'

ଭୁବନେଶ୍ୱର, ୨୭/୦୫ ନ୍ୟୁଜ ବ୍ୟୁରୋ

ପାରାଦୀପର ଏରସମା ଅଞ୍ଚଳରେ ଜେଏସଡବ୍ଲୁ ଷ୍ଟିଲର ମେଗା ଇଂଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ବୃହତ୍ତର ପରିସର ନିର୍ମାଣ କାର୍ଯ୍ୟ ବୁଧବାର ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ଏହି ଅବସରରେ ପାରାଦୀପର ଡ୍ରିଙ୍କିଆ ଅଂଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପ ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଏହି ପ୍ରକଳ୍ପରେ ଜେଏସଡବ୍ଲୁ ଷ୍ଟିଲ ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ, ଯାହା ଓଡ଼ିଶା ଇତିହାସରେ ସର୍ବବୃହତ୍ । ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟର ବାର୍ଷିକ ପ୍ରାୟ ୨୪ ମିଲିୟନ୍ ଟନ୍ ଷ୍ଟିଲ ଉତ୍ପାଦନ ହେବା ସହ ଏଥିରେ ୧୨ ମିଲିୟନ୍ ଟନର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟର



କ୍ୟାପ୍ଟିଭ ପାୱାର ସିଷ୍ଟମ ଏବଂ ଏକ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ । ଜେଏସଡବ୍ଲୁ ଗ୍ରୁପ ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ ଜେଏଫଇ ଷ୍ଟିଲର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ଦ୍ରୁତ ସରକାରୀ ସହାୟତା ଯୋଗାଇଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ମଞ୍ଚରୁ ଆଶ୍ୱାସନା ଦେଇଛନ୍ତି । ଅଭିଭାଷଣରେ ପୂର୍ବ ସରକାରକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍ ରେ କାର୍ଯ୍ୟକାରୀ କରାଯାଉଛି । ପୂର୍ବ ଶାସନରେ କାମ ଚାଲିଥିଲେ ଯେଉଁ ପ୍ରକାରର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା, ବର୍ତ୍ତମାନ ସେହି ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ ବୋଲି ସେ ଟାଇମଲାଇନ୍ ଗ୍ୟାରେଣ୍ଟି ଦେଇଛନ୍ତି । ସରକାରଙ୍କ ଏହି ଦ୍ରୁତ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେ ଖୋର୍ଦ୍ଧାର ଟ୍ରାଇମେଟ୍ରୋ ଗାର୍ମେଂଟସର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଠାରେ ଶିଳାନ୍ୟାସର ବର୍ଷକ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇସାରିଛି । ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତିକୁ ନେଇ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିଛନ୍ତି । ଏହି ସମୟ ମଧ୍ୟରେ ସରକାର ୪୩୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି, ଯାହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଉଛନ୍ତି । ଦେଶର ବିଭିନ୍ନ ପ୍ରମୁଖ ସହର ଯଥା ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଏବଂ ତାଙ୍କର 'ଯହିଁ ସମୟ ହେ, ସହି ସମୟ ହେ' ଆହ୍ୱାନ ଯୋଗୁଁ ନିବେଶକମାନେ ଏବେ ଓଡ଼ିଶା ମୁହାଁ ହେଉଛନ୍ତି ବୋଲି ସେ କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମ ଉପରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ଏବଂ ସମଗ୍ର ଜଗତସିଂହପୁର ଜିଲ୍ଲାର ଔଦ୍ୟୋଗିକ ବିକାଶ ପାଇଁ ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି । ନିଜ ଅଭିଭାଷଣରେ ସେ କହିଛନ୍ତି ଯେ, ସ୍ଥାନୀୟ ଜନସାଧାରଣ ଯେଉଁ ସ୍ୱପ୍ନ ଦୀର୍ଘ ଦୁଇ ଦଶନ୍ଧି ଧରି ଦେଖିଥିଲେ, ତାହା ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଦ୍ରୁତ ଏବଂ ସ୍ୱଚ୍ଛ ନୀତି ଯୋଗୁଁ ବାସ୍ତବ ରୂପ ନେବାକୁ ଯାଉଛି ବୋଲି ମନ୍ତ୍ରୀ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି । ଏହି ସମାରୋହରେ ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏବଂ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହା ସହିତ ରାଜ୍ୟ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଜେଏସଡବ୍ଲୁର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଜେଏସଡବ୍ଲୁର ସିଇଓ ଜୟନ୍ତ ଆଚାର୍ଯ୍ୟ ଏବଂ ଜେଏସଡବ୍ଲୁର ସଭାପତି ଅନିଲ କୁମାର ସିଂହ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

# ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ୨ ସରକାରୀ ବାବୁ

କଟକ, ୨୭/୦୫ ନ୍ୟୁଜ ବ୍ୟୁରୋ

ଲାଞ୍ଚୁଆ ସରକାରୀ ବାବୁଙ୍କ ବିରୋଧରେ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ବିଭାଗ ବୁଧବାର ୨ଜଣ ସରକାରୀ କର୍ମଚାରୀଙ୍କୁ ଚଢ଼ଉ କରି ଧରିଛି । ଭିଜିଲାନ୍ସ ଜାଲରେ ଧରାପଡ଼ିଥିବା ସରକାରୀ ବାବୁ ହେଲେ କେନ୍ଦୁଝରଜିଲ୍ଲା ଚମ୍ପୁଆ ଏବିଏସ୍ଓ ଧୁମାରାମ ମୁର୍ମୁ ଏବଂ ସୁନ୍ଦରଗଡ଼ ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାୟକ । ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି, ଧାନ କିଣା ନେଇ ଜଣେ ଲୋକ ପ୍ରଭାରୀଙ୍କ ଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଶ୍ରୀ ମୁର୍ମୁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ସେହିପରି ଅନ୍ୟ ଏକ ମାମଲାରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଧୀନରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାୟକ ୫୦୦୦ ଟଙ୍କା ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୭/୦୫/୨୦୨୬
୫,୩୩,୬୫୩/- ଟଙ୍କା
ସୁନା:- ୦୨ ଗ୍ରାମ୍ ୨୦୦ ମିଲିଗ୍ରାମ
ରୂପା:- ୨୩ଗ୍ରାମ୍ ୦୦୦ ମିଲିଗ୍ରାମ

# ଧାର୍ଯ୍ୟ ଦର ଠାରୁ ଅଧିକ ବସ୍ ଭଡ଼ା ନେଲେ ହେବ କାର୍ଯ୍ୟାନୁଷ୍ଠାନ : ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୨୭।୫ ନ୍ୟୁଜ ବ୍ୟୁରୋ

ତେଲ ଦର ବୃଦ୍ଧି ଯୋଗୁଁ ୨ ପ୍ରତିଶତ ବସ୍ ଭଡ଼ା ବୃଦ୍ଧି ହୋଇଛି । ଏହା ସତ୍ତ୍ୱେ ବି ବିଭିନ୍ନ ସ୍ଥାନରୁ ଲୋକଙ୍କ ଠାରୁ ମନଇଚ୍ଛା ବସ ଭଡ଼ା ଆଦାୟ କରାଯାଉଥିବା ଅଭିଯୋଗ ଆସୁଛି । ଧାର୍ଯ୍ୟ ଦର ଠାରୁ ଅଧିକ ବସ୍ ଭଡ଼ା ନେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଚେତାବନୀ ଦେଇଛନ୍ତି । ଧାର୍ଯ୍ୟ ଭଡ଼ା ଗ୍ରହଣ ନେଇ ଲୋକଙ୍କୁ ସହଯୋଗ କରିବାକୁ ବସ୍ ମାଲିକ ଓ କର୍ମଚାରୀଙ୍କୁ ପରିବହନ ମନ୍ତ୍ରୀ ଅପିଲ କରିଛନ୍ତି । ଯଦି କୌଣସି ଗାଡ଼ି ମାଲିକ ମନ ଇଚ୍ଛା ଦର ବଢ଼ାନ୍ତି, କି ସରକାରଙ୍କ ନିୟମ ନମାନନ୍ତି । ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେଲ ଦର



ବୃଦ୍ଧି ଲାଗି ବସ୍ ଭଡ଼ା ବଢ଼ାଯାଇଛି । ୨ ପ୍ରତିଶତ ଦର ବୃଦ୍ଧି କରାଯାଇଛି । ତେଣୁ ଧାର୍ଯ୍ୟ ହୋଇଥିବା ଦର ଠାରୁ ଅଧିକ ଟଙ୍କା ନେଲେ, ସେମାନଙ୍କ ବିରୋଧରେ ଆକ୍ସନ ନିଆଯିବ । ସୂଚନାଯୋଗ୍ୟ ଯେ,ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇଥିଲା । ଯାହାର ପ୍ରଭାବ ସିଧା ଭାରତୀୟ ବଜାର ଉପରେ ପଡ଼ିଥିଲା । ଗତ କିଛି ଦିନ ଧରିପେଟ୍ରୋଲ-ଡିଜେଲ ଦର ଲଗାତର ଭାବେ ବୃଦ୍ଧିପାଉଛି । ଏହାକୁ ଦୃଷ୍ଟିରେ ରଖି ବସ୍ ଭଡ଼ା ବୃଦ୍ଧି କରାଯାଇଛି । କିନ୍ତୁ କିଛି ବସ୍ କର୍ମଚାରୀ ମନଇଚ୍ଛା ଯାତ୍ରୀଙ୍କ ଠାରୁ ଭଡ଼ା ନେଉଥିଲେ । ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି ।

ସେହିପରି ଜୁନ୍ ୧ରୁ ଯେଉଁ ନୂଆ ଗାଡ଼ି ଆସିବ ସବୁ ବୈଦ୍ୟୁତିକ ଯାନ (ଇଭି) ହିଁ ଆସିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି । ସେ କହିଛନ୍ତି ଏଥିପାଇଁ ମୁଖ୍ୟମନ୍ତ୍ରୀ ଏସଓପି ଜାରି କରିଛନ୍ତି । ଇଭି ପଲିସିରେ ସମସ୍ତ ଗାଡ଼ି ପାଇଁ ପ୍ରୋତ୍ସାହନ ରାଶି ବ୍ୟବସ୍ଥା କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଇଭି ପ୍ରତି ଆଗ୍ରହ ବଢ଼ୁଛି ।

## ଲୋକଙ୍କ ଜନ ଜୀବନ ସୁରକ୍ଷା ପାଇଁ ପୁଲିସର ବଡ଼ ପଦକ୍ଷେପ

# ୧୦୦ରୁ ଅଧିକ ଅପରାଧୀଙ୍କ ତାଲିକା ପ୍ରସ୍ତୁତ

ବ୍ରହ୍ମପୁର, ୨୭।୫ ନ୍ୟୁଜ ବ୍ୟୁରୋ

ଅପରାଧ ଦମନ ପାଇଁ ବ୍ରହ୍ମପୁର ପୁଲିସର ସ୍ୱତନ୍ତ୍ର ରଣନୀତି । ପ୍ରସ୍ତୁତ କରା ଯାଇଛି ଶତାଧିକ ଅପରାଧୀଙ୍କ ଲମ୍ବା ତାଲିକା । ପରାମର୍ଶ, ନିର୍ଦ୍ଦେଶ ନମାନିଲେ ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ । ସବୁ ଥାନାକୁ ଦିଆ ଯାଇଛି ନିର୍ଦ୍ଦେଶ ବୋଲି ବ୍ରହ୍ମପୁର ଏସପି ଡ଼ା ସରବଣ ବିବେକ ଏମ୍ କହିଛନ୍ତି । ସହରରେ ଅପରାଧ ବୃଦ୍ଧିକୁ ନେଇ ବ୍ରହ୍ମପୁର ପୋଲିସର କଡ଼ା ପଦକ୍ଷେପ । ବ୍ରହ୍ମପୁର ପୋଲିସ ଜିଲ୍ଲାର ସବୁ ଥାନା ଅଞ୍ଚଳରେ ଥିବା ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରୁଛି ପୋଲିସ । ବର୍ତ୍ତମାନ ସୁଦ୍ଧା ୧୦୦ରୁ ଅଧିକ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରିଛି ପୋଲିସ । ଅପରାଧୀଙ୍କ ଚାଲିଚଳନ, ପୁରୁଣା କେସ୍ ଆଦିକୁ ନେଇ ନଜର ରଖୁଛି ପୋଲିସ । ଜେଲରୁ ଫେରିଲା ଅପରାଧୀ ମାନେ ଥାନାରେ ହାଜିରା ଦେବେ । କିଏ କେଉଁ ଅପରାଧରେ ସଂଶ୍ଳିଷ୍ଟ ଏବଂ କେଉଁ ମାମଲାରେ ଜେଲ ଯାଇଛି ତାହାର ତାଲିକା ପ୍ରସ୍ତୁତ କରା ଯାଉଛି ବୋଲି କହିଛନ୍ତି ବ୍ରହ୍ମପୁର ଏସ. ପି । ସେହିପରି ପଟେ କ୍ରାଇମ କଣ୍ଟ୍ରୋଲ ଅଦ୍ୟତନ ଲୋକଙ୍କ ଜନ ଜୀବନ ସୁରକ୍ଷା ପାଇଁ ପୁଲିସ ଗ୍ରହଣ କରିଛି ବଡ଼ ପଦକ୍ଷେପ । ସହ ନଇଁ ଆସିଲେ ସହରର ବିଭିନ୍ନ ଅଞ୍ଚଳରେ ପୁଲିସ କରୁଛି ପ୍ଲାଟୁନ୍ସ । ଏଥିପାଇଁ ବ୍ରହ୍ମପୁରକୁ ଆସିଛନ୍ତି ୫ ପ୍ଲାଟୁନ ପୋଲିସ ଫୋର୍ସ । ଏହି ୫ ପ୍ଲାଟୁନ ପୋଲିସ ଫୋର୍ସଙ୍କୁ ନେଇ ଫ୍ଲାଗ ମାର୍ଚ୍ଚ, ନାକା ଚେକ ସହ ପେଟ୍ରୋଲିଂ କରାଯାଉଛି । ସହରର ଯେଉଁ ସ୍ଥାନରେ ଅନ୍ଧାର ରହିଛି ସେଠାରେ ଲାଇଟ ବ୍ୟବସ୍ଥା କରିବା ପାଇଁ ବିଏମସିକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ମାମଲାରେ ଅପରାଧୀ ଫେରାର ଅଛନ୍ତି ସେମାନଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସପି ଡ଼ା ସରବଣ ବିବେକ ଏମ୍ କହିଛନ୍ତି । ଗତ ୧୬ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁର ସହରରେ ଘଟିଥିବା ଅପରାଧକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା । ଏହି ସବୁ ଘଟଣାରେ ପୁଲିସ ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରି କାର୍ଯ୍ୟାନୁଷ୍ଠାନ ତରିକା ବଦଳାଇଛି । ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳରେ ୧୦ ଦିନ ଭିତରେ ବିଭିନ୍ନ ଘଟଣାରେ ୧୨ ଅପରାଧୀଙ୍କୁ ଗିରଫ କରିବା ସହ ୫ ଅପରାଧୀଙ୍କୁ ଏନକାଉଣ୍ଟର କରିଛି । ପୁଲିସର ଏଭଳି କାର୍ଯ୍ୟ ଲୋକଙ୍କ ସହରବାସୀ, ବୁଦ୍ଧିଜୀବୀ ସ୍ୱାଗତ କରିବା ସହ ପ୍ରଶଂସା କରିଛନ୍ତି ।


ସମାଚାରୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ଏଲନିନୋ ରୂପରେ ମାଡ଼ିଆସୁଛି ପ୍ରଳୟ
ହରପ୍ପାଠୁ ବି ପ୍ରାଚୀନ, ୫୦୦୦ ବର୍ଷ ପୁରୁଣା କୃତ୍ରିମ ଦ୍ୱୀପ ଠାବ
ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ :- ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭ ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୫୪୮, ୨୫୪୫୬୬୮
Email : utkaldeepika2016@gmail.com

# ଗଞ୍ଜେଇ କିଲୋ ୧ ଲକ୍ଷ, ତରଳରେ ୧୫ ଲକ୍ଷ : ମାଲ୍ ପାଇଁ ଦେଶବିଦେଶରୁ ବରାଦ

ଭୁବନେଶ୍ୱର, ୨୭/୦୫ ନ୍ୟୁଜ ବ୍ୟୁରୋ

୨୦୨୫ ମସିହା ନଭେମ୍ବର ୨ ତାରିଖ । ମାଲକାନଗିରି ପୁଲିସକୁ ଖବର ମିଳିଥିଲା କିଛି ଲୋକ ଗଞ୍ଜେଇ ଚାଲାଣ କରୁଛନ୍ତି । ଏକ ଜଙ୍ଗଲ ରାସ୍ତାରେ ପୁଲିସ ଚଢ଼ଉ କଲା । ଆଠ ଜଣ ଅଜଣା ଶାଳ ଜଙ୍ଗଲରେ ଚମ୍ପଟ ମାରିଲେ । ଆଠଟି ବାଇକ ସହ କିଛି ବସ୍ତା ଜବତ ହୋଇଥିଲା । ବସ୍ତା ଗୁଡ଼ିକରେ ଅନେକ ପ୍ଲାଷ୍ଟିକ କଣ୍ଟେନର ଥିଲା । ସେଗୁଡ଼ିକୁ ତନଖିବା ପରେ ଜଣାପଡ଼ିଲା ଅଛି ୬୦ କିଲୋ 'ତରଳ ସୁନା' । ଏହାର ମୂଲ୍ୟ ଥିଲା ୮ କୋଟିରୁ ଅଧିକ । ଯାହାକି ଓଡ଼ିଶା ପୁଲିସ ଓ ଅବକାରୀ ବିଭାଗ ପାଇଁ ଥିଲା ନୂଆ । ଜଣାପଡ଼ିଲା, ଏହା ଚିତ୍ରକୋଣ୍ଡାରୁ ଆନ୍ଧ୍ରପ୍ରଦେଶ ଚାଲାଣ ହେଉଥିଲା । ୨୦୨୬ ଫେବୃଆରୀରେ ମାଲକାନଗିରି ପୁଲିସ ଜିଲ୍ଲାର ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରି ୬୨ କିଲୋ 'ତରଳ ସୁନା' ଜବତ କଲା । ଫେବୃଆରୀ ଶେଷ ସପ୍ତାହରେ କୋରାପୁଟ ପୁଲିସକୁ ଖବର ମିଳିଲା ଆନ୍ଧ୍ର ସୀମାକୁ ଲାଗିଥିବା ଜଲାପୁଟ ବ୍ଳକ ଜଙ୍ଗଲରେ କିଛି ନିଶା କାରବାର ଚାଲିଛି । ଜୋନ୍ଟରେ କିଛି ବାଟ ଯିବା ପରେ ଘଞ୍ଚ ଜଙ୍ଗଲ ଦେଇ ପୁଲିସ ସେଠାରେ ପହଞ୍ଚିଥିଲା । ସେଠାରେ ଯାହା ମିଳିଲା ଆଖି ଖୋସି ହୋଇଗଲା । ସେଠାରେ ଶହ ଶହ କଣ୍ଟେନରରେ ମହଜୁଦ ଥିଲା ୧୮ ଶହ ଲିଟର 'ତରଳ ସୁନା' । ଯାହାର ଆନ୍ତର୍ଜାତିକ ବଜାରରେ ୨ ଶହ କୋଟି ଟଙ୍କାରୁ ଅଧିକ । ଏଥିସହ ସେଠାରେ ଏକ ଗୋଦାମରେ ୟକ୍ ଥିଲା ଏକ ହଜାର କିଲୋ ଗଞ୍ଜେଇ । 'ତରଳ ସୁନା' ହେଉଛି ମାଫିଆଙ୍କ ଭାଷା । ବାସ୍ତବରେ 'ତରଳ ଗଞ୍ଜେଇ'କୁ ସେମାନେ କହୁଛନ୍ତି 'ତରଳ ସୁନା' ।



କାରଣ ଏହାର ଦର ଆନ୍ତର୍ଜାତିକ ବଜାରରେ ବହୁତ ଉଚ୍ଚା । ନିଯୁମାନର ୧୦ ମିଲିଲିଟର ତରଳ ଗଞ୍ଜେଇର ଦର ୮ ହଜାର ଟଙ୍କା । ଟିକେ ଭଲ ମାନର ଥିଲେ ବ୍ଲାକ ମାର୍କେଟରେ ଏକ କିଲୋ ତରଳ ଗଞ୍ଜେଇ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି ହେଉଛି । ଯଦିଓ ଶିଳାବତୀ ଶୁଖିଲା ଗଞ୍ଜେଇର ଦର ଏକ କିଲୋକୁ ୧ ଲକ୍ଷରୁ ୧.୭ ଲକ୍ଷ ଟଙ୍କା ହୋଇଥାଏ । ମାଫିଆ ମାନେ ଏଠାରେ ଉଚ୍ଚମାନର 'ଶିଳାବତୀ' କୁ କିଲୋ ପିଛା ହଜାରରୁ ୫ ହଜାର ଟଙ୍କାରେ କିଣି ସହରରେ କିଣୁଛନ୍ତି । ଏହାପରେ ତାକୁ ଚାଲାଣ କରି ଅନ୍ୟ ରାଜ୍ୟ ତଥା ଆନ୍ତର୍ଜାତିକ ବଜାରରେ ବିପୁଳ ଲାଭ ପାଉଛନ୍ତି । କିନ୍ତୁ ପରିବହନଜନିତ ସମସ୍ୟା ଓ ବଜାର ଚାହିଦାକୁ ଦେଖି ସେମାନେ ତାକୁ ତରଳ କରି ଚାଲାଣ କରୁଛନ୍ତି । ଦକ୍ଷିଣ ଓଡ଼ିଶାରୁ ଉନ୍ନତ ମାନର 'ଶିଳାବତୀ' ଗଞ୍ଜେଇ ଦେଶ ବିଦେଶକୁ ଚାଲାଣ ହେଉଛି । ଏହାପଛରେ ଶହ ଶହ ନେଟୱର୍କ ସକ୍ରିୟ । ଏହି ବେଆଇନ କାରବାର ମୂଲ୍ୟ ଏବେ ହଜାର କୋଟି କହିଲେ ଅତ୍ୟୁକ୍ତି ହେବନାହିଁ । ବଲିଉଡ୍, ଟଲିଉଡ୍ ଓ କଲିଉଡ୍ ବହୁଟି ଏହା ପ୍ରିୟ । ଦେଶରେ ଚାଷ ହେଉଥିବା ସବୁ ଠାରୁ ଦାମି ପ୍ରକାର ଗଞ୍ଜେଇ (ମାଲାନା କ୍ରିମ୍, ଇଡ଼ୁକୀ ଗୋଲ୍ଡ ଏବଂ ମହୀଶୂର ଗୋଲ୍ଡ)ର 'ଶିଳାବତୀ' ପଛରେ ପକାଇ ଦେଇଛି । ବିଶେଷ କରି ଅବିଭକ୍ତ କୋରାପୁଟ, ଅବିଭକ୍ତ ଗଞ୍ଜାମ ଜିଲ୍ଲାରେ ଏହାର ଚାଷ ବହୁଳ ମାତ୍ରାରେ ହେଉଛି । ଗଞ୍ଜେଇ ଚାଷ ଓ ଏହାର ଚାଲାଣକୁ ରୋକିବାରେ ରାଜସ୍ୱ ବିଭାଗ, ବନ ବିଭାଗ, ପୁଲିସ ଏବଂ ଅବକାରୀ ବିଭାଗ ପୁରା ବିଫଳ ହେଉଥିବା ଦେଖିବାକୁ ମିଳିଛି । ଏବେ ଏହି ଚାଷ ଉପରେ ଆନ୍ତର୍ଜାତିକ ବେପାରୀଙ୍କ ଦୃଷ୍ଟି ପଡ଼ିଛି । ଆଉ ଏହାର ରୂପ ଏବେ ଧୀରେ ଧୀରେ ବଦଳିବାରେ ଲାଗିଛି । କୋଭିଡ୍ ସମୟରେ ଯେତେବେଳେ ଅନେକ ଲୋକ ନିଃସଙ୍ଗ ଜୀବନ ବିତାଉଥିଲେ, କେତେକ ବିଦେଶୀ ନିଶା ବେପାରୀ ଆନ୍ଧ୍ର, ତେଲେଙ୍ଗାନା ଓ କର୍ଣ୍ଣାଟକ ଭଳି ରାଜ୍ୟରେ ନିଜର ନେଟୱର୍କ ଆରମ୍ଭ କରିଥିଲେ । ଗଞ୍ଜେଇ ବେପାରରେ ଲିପ୍ତ ଲୋକଙ୍କୁ ତରଳ ଗଞ୍ଜେଇର ବ୍ୟବହାର, ବିଶେଷତଃ ଏହାର ଲୋକପ୍ରିୟତା, ଚୋରା ଚାଲାଣ ପାଇଁ ସୁବିଧା ଏବଂ ବିଶେଷ କରି ପ୍ରଚୁର ଅର୍ଥ ଆୟର ବାଟ ବତାଇଥିଲେ । ଧୀରେ ଧୀରେ ଆନ୍ଧ୍ର, ତେଲେଙ୍ଗାନା ଓ କର୍ଣ୍ଣାଟକରେ 'ତରଳ ଗଞ୍ଜେଇ' ଲାବୋରେଟୋରୀ ଗଢ଼ି ଉଠିଲା । ବିଗତ ଏକ ବର୍ଷଧରି ଆନ୍ଧ୍ର ସରକାର ଏହା ବିରୋଧରେ ବଡ଼ଧରଣର ଚଢ଼ଉ ଅଭିଯାନ ଚଳାଇଥିବାରୁ ବେପାରୀ ସେଣ୍ଟର ପଂକ୍ତି ଓଡ଼ିଶାର କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ଉଠି ଆସିଛି । ଓଡ଼ିଶା ସୀମା ଭିତରେ ଗଞ୍ଜେଇ ଚାଷ ଅଞ୍ଚଳରେ ଆନ୍ଧ୍ରର ବହୁ ସଂଖ୍ୟକ ବେପାରୀ ଆଦିବାସୀଙ୍କ ଦ୍ୱାରା ଏହି କାରବାର ଅନାୟାସରେ ଚଳାଉଛନ୍ତି । ନିଶାଦ୍ରବ୍ୟ କାରବାରକୁ ରୋକିବା ଦିଗରେ ଓଡ଼ିଶା ପୁଲିସର ଏକମାତ୍ର ଉଦ୍ୟମୀ ବିଭାଗ ନଥିବାରୁ ଏମାନଙ୍କୁ ଠାବ କରିବା ଅସୁବିଧା ହେଉଛି । ଏହା କୁହାଯାଇ ଆନ୍ଧ୍ର 'ଇଗଲ' (ଏଲିଟ ଆଣ୍ଟି-ନାର୍କୋଟିକ୍ ଗ୍ରୁପ ଫର ଲ' ଏନଫୋର୍ସମେଣ୍ଟ)ର ଗଠନ କରିଛି । ସେ ଜାଣିଛି, ଓଡ଼ିଶା ପୁଲିସ କି ଅବକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ 'ତରଳ ଗଞ୍ଜେଇ' ବାବଦରେ ଅବଗତ । ଆଧୁନିକ ଯନ୍ତ୍ର କିମ୍ବା ଆନ୍ତର୍ଜାତିକ ବଜାରର ନିଶାଦ୍ରବ୍ୟକୁ ଠାବ କରିବା ବାବଦରେ ସେମାନେ ପ୍ରଶିକ୍ଷିତ ନୁହଁନ୍ତି । ଅବକାରୀ ବିଭାଗର କର୍ମଚାରୀମାନେ କେବଳ ଦେଶୀ ମଦ ରାଟି ଖୋଜିବାରେ ବ୍ୟସ୍ତ । ସୂଚନାଯୋଗ୍ୟ 'ଇଗଲ' କେବଳ ନିଶା ଦ୍ରବ୍ୟ ନିପାତ ଅଭିଯାନ ପାଇଁ ଗଠିତ । ରାଜ୍ୟ ପୁଲିସର ଅନ୍ୟାନ୍ୟ ବିଭାଗ ସହିତ ଏହା 'ସ୍ପେଷ୍ଟ ଟାସ୍କ ଫୋର୍ସ' ମାଧ୍ୟମରେ ସମନ୍ୱୟ ରଖିଥାଏ । ଓଡ଼ିଶାରେ କନ୍ଧମାଳ ଜିଲ୍ଲାରେ ସର୍ବାଧିକ ଗଞ୍ଜେଇ ଚାଷ ହେଉଛି । ଏହି ଜିଲ୍ଲାରେ ଏକ କୁଟୀର ଶିଳ୍ପ ପାଲଟିଛି । କିନ୍ତୁ ତରଳ ଗଞ୍ଜେଇକୁ ଏଠାକାର ଚାଷୀମାନେ ଆଦରି ନାହାନ୍ତି । ନିକଟରେ କନ୍ଧମାଳର କେତେକ ଗଞ୍ଜେଇ ବେପାରୀ କୋରାପୁଟ ଓ ଆନ୍ଧ୍ର ଯାଇ ଏ ବାବଦରେ ଜ୍ଞାନ ଆହରଣ କରିଥିବା ଶୁଣାଯାଉଛି । ଯଦି କନ୍ଧମାଳ ଜିଲ୍ଲାରେ ଏହାର ପ୍ରସ୍ତୁତି ଆରମ୍ଭ ହେବ ତେବେ କନ୍ଧମାଳ, ଭୁବନେଶ୍ୱର ପର୍ଯ୍ୟନ୍ତ ରାଜଧାନୀ ପାର୍ଶ୍ୱରେ ସବୁ ଦୋକାନରେ ଏହା ଆଗକୁ ଖୋଲାଖୋଲି ବିକ୍ରି ହେବା ଅସମ୍ଭବ ନୁହେଁ । କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଏବେ ନକ୍ସଲ ଆତଙ୍କ ଶେଷ ହୋଇଯାଇଥିବାରୁ, ଏହା ଗଞ୍ଜେଇ ବେପାରୀଙ୍କ ପାଇଁ ସ୍ୱର୍ଗ ସୁଯୋଗ ଆଣିଛି । ସ୍ୱାଭିମାନ ଅଞ୍ଚଳରେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ପ୍ରସ୍ତୁତ ହେଉଛି ବିପୁଳ ତରଳ ଗଞ୍ଜେଇ । ବିଭାଗ ବିଷୟ ଏହାରେ ଦେଶବିଦେଶର ନିଶା ବେପାରୀଙ୍କ ବରାଦ ଅନୁସାରେ ଏଠାରୁ ଗଞ୍ଜେଇ ଚାଲାଣ କରାଯାଉଛି । ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ, ବେଙ୍ଗାଲୁରୁ ଭଳି ସହରର ଅଭିଜାତ ଶ୍ରେଣୀର ଯୁବ ଗୃହୀଙ୍କ ପାଖରେ ଏହାର ଚାହିଦା ରହିଛି । ଶ୍ରୀଲଙ୍କା, ମାଲଦ୍ୱୀପ, ମାଲେସିଆ, ଆଫଗାନିସ୍ତାନ ସମେତ ବିଭିନ୍ନ ପ୍ରାଚ୍ୟ ଦେଶକୁ ତରଳ ଗଞ୍ଜେଇ ଚାଲାଣ ପାଇଁ ଏବେ 'କେରଳ ସିଣ୍ଡିକେଟ' ଦେଶରେ ସକ୍ରିୟ ରହିଛି ।